RNI No.ODIODI/2010/33031
୧୬ ବର୍ଷ | Volume- 16
ISSUE -277 | ସଂଖ୍ୟା-୨୭୭
ଭୁବନେଶ୍ୱର, ରବିବାର ୧୮ ଜାନୁଆରୀ ୨୦୨୬
Bhubaneswar, Sunday 18 January, 2026
୦୮ ପୃଷ୍ଠା | Pages-08
ମୂଲ୍ୟ : ୨.୦୦ ଟଙ୍କା | Price : Rs.2.00
www.odishamanthan.com

MANTHAN
# ମନ୍ଥନ
www.odishamanthan.com | RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର





## ଦେଶକୁ ମିଳିଲା ପ୍ରଥମ ବନ୍ଦେ ଭାରତ ସ୍ଲିପର ଟ୍ରେନ

### ସବୁଜ ପତାକା ଦେଖାଇ ଶୁଭାରମ୍ଭ କଲେ ପିଏମ ମୋଦୀ

ନୂଆଦିଲ୍ଲୀ, ୧୭।୧ (ନି.ପ୍ର.): ଦେଶକୁ ପ୍ରଥମ ବନ୍ଦେ ଭାରତ ସ୍ଲିପର ଟ୍ରେନ ମିଳିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶନିବାର ଟ୍ରେନକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରାଇଛନ୍ତି । ଏହି ଟ୍ରେନ ହାୱଡ଼ା ଓ ଗୌହାଟୀ ମଧ୍ୟରେ ଚାଲିବ । ସଂପୂର୍ଣ୍ଣ ବାତାନୁକୂଳ ଏହି ୧୬ କୋଚ୍ ବିଶିଷ୍ଟ ଟ୍ରେନରେ ୮୨୩ ଯାତ୍ରୀଙ୍କ କ୍ଷମତା ରହିଛି । ଏହି ଟ୍ରେନ ମାତ୍ର ୧୪ ଘଣ୍ଟାରେ ୯୫୮ରୁ ୯୬୮ କିଲୋମିଟର ଯାତ୍ରା କରିବ ।

ଏହାର ଡିଜାଇନ ସ୍ପିଡ ଘଣ୍ଟା ପ୍ରତି ୧୮୦ କିମି ରହିଛି । ଏଥିରେ ସସପେନସନ ସିଷ୍ଟମ, ଅଟୋମେଟିକ କବାଟ, ଉନ୍ନତ ବର୍ଥ ଓ ଯାତ୍ରା ସମୟରେ ଆଞ୍ଚଳିକ ଭୋଜନ ମିଳିବ । ଏହା ସପ୍ତାହରେ ୬ ଦିନ ଚାଲିବ । ଏହି ଟ୍ରେନ ପୂର୍ବ ?ାତର ଏବଂ ପୂର୍ବ ଭାରତ ମଧ୍ୟରେ ଯୋଗାଯୋଗ, ପର୍ଯ୍ୟଟନ ଓ କାରବାରକୁ ପ୍ରୋତ୍ସାହନ ଦେବ ।

ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଜାନୁଆରୀ ୧ରେ ଦୁଇ ଷ୍ଟେସନ ମଧ୍ୟରେ ଏସି ୧, ଏସି ୨ ଓ ଏସି ୩ ତିନି ଶ୍ରେଣୀ ପାଇଁ ସମ୍ଭାବିତ ଭଡା ଘୋଷଣା କରିଥିଲେ । କ୍ରମଶଃ ୧୫୨୦, ୧୨୪୦ ଓ ୯୬୦ ଟଙ୍କା ରହିଛି । ବୋର୍ଡ ସର୍କୁଲାରରେ କହିଛି ଯେ, ଏହି ଟ୍ରେନ ପାଇଁ କେବଳ କନଫର୍ମ ଟିକେଟ୍ ହିଁ ଜାରି କରାଯିବ । ରିଜର୍ଭେସନ ଏଗେନଷ୍ଟ କ୍ୟାନସିଲେସନ, ପ୍ରତୀକ୍ଷା ସୂଚୀ ଆଂଶିକ ଭାବେ କନଫର୍ମ ଟିକେଟର କୌଣସି ନିୟମ ନାହିଁ । ସମୟ ସମୟରେ ଜାରି ବର୍ତ୍ତମାନର ନିର୍ଦ୍ଦେଶ ଅନୁସାରେ କେବଳ ମହିଳା ସଂରକ୍ଷଣ, ଦିବ୍ୟାଙ୍ଗଜନ ପାଇଁ ସଂରକ୍ଷଣ, ବରିଷ୍ଠ ନାଗରିକ ସଂରକ୍ଷଣ ଓ ଡ୍ୟୁଟି ପାସ ସଂରକ୍ଷଣ ଲାଗୁ ହେବ । ଏହି ଟ୍ରେନରେ କୌଣସି ଅନ୍ୟ ସଂରକ୍ଷଣ କୋଟା ଲାଗୁ ହେବ ନାହିଁ ।

## ସରିଲା ଉଚ୍ଚସ୍ତରୀୟ ବୈଠକ

### ଫେବୃଆରୀ ୭ରେ ଟ୍ରିବ୍ୟୁନାଲର ପରବର୍ତ୍ତୀ ଶୁଣାଣି

### ଛତିଶଗଡ଼ ସରକାରଙ୍କ ସହ ହେବ ଆଲୋଚନା

ଭୁବନେଶ୍ୱର, ୧୭।୧ (ନି.ପ୍ର.): ଜାନୁଆରୀ ୩୧ରେ ଦୁଇ ଦିନିଆ ଛତିଶଗଡ ଗସ୍ତରେ ଯିବେ ରାଜ୍ୟ ସରକାରଙ୍କ ମହାନଦୀ କମିଟି । ତା'ପୂର୍ବରୁ ୨୩ ତାରିଖରେ ବସିବ ସର୍ବଦଳୀୟ ବୈଠକ । ଏହି ବୈଠକରେ ଯାହା ନିଷ୍କର୍ଷ ବାହାରିବ ସେହି ଆଧାରରେ ଛତିଶଗଡରେ ପକ୍ଷ ରଖିବ ରାଜ୍ୟ ସରକାରଙ୍କ ଟିମ୍ । ଏନେଇ ଆଜି ସୂଚନା ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ କେଭି ସିଂଦେଓ । ସୂଚନାନୁଯାୟୀ, ଫେବୃଆରୀ ୭ ତାରିଖରେ ମହାନଦୀ ଟ୍ରିବ୍ୟୁନାଲର ପରବର୍ତ୍ତୀ ଶୁଣାଣି ରହିଛି । ଛତିଶଗଡ ସରକାରଙ୍କ ସହ କଥା ହେବା ପରେ ଓଡିଶା ସରକାର ଟ୍ରିବ୍ୟୁନାଲଙ୍କ ନିକଟରେ ପକ୍ଷ ରଖିବେ । ଆଜି ମହାନଦୀ କମିଟିର ଦ୍ୱିତୀୟ ବୈଠକରେ ନିଷ୍ପତ୍ତି ହୋଇଛି । ଆଜି ରାଜୀବ ଭବନରେ ମହାନଦୀ କମିଟିର ଦ୍ୱିତୀୟ ଉଚ୍ଚସ୍ତରୀୟ ବୈଠକ ବସିଥିଲା । କେଭିସିଂଦେଓଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ବୈଠକରେ ରାଜସ୍ୱ ମନ୍ତ୍ରୀ, ଆଇନ ମନ୍ତ୍ରୀଙ୍କ ସହ ବିଜେଡି ବିଧାୟକ ନିରଞ୍ଜନ ପୂଜାରୀ କଂଗ୍ରେସ ବିଧାୟିକା ସୋଫିଆ ଫିର୍‌ଦୋସ ଏବଂ ସରକାରୀ ଦଳ ମୁଖ୍ୟ ସଚେତକ ଉପସ୍ଥିତ ଥିଲେ । ତେବେ ୨୦୧୮ ମାର୍ଚ୍ଚ ୧୨ରେ ଗଠନ ହୋଇଥିବା ଟ୍ରିବ୍ୟୁନାଲର ଅବଧି ମାର୍ଚ୍ଚ ୧୩ରେ ସରିବ । ଏଥିପାଇଁ ଅବଧି ବୃଦ୍ଧି କରିବାକୁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରାଯାଇଛି । ବର୍ଷବର୍ଷ ଧରି ମହାନଦୀ ବିବାଦକୁ ନେଇ ଆଲୋଚନା ଚାଲିଥିବା ବେଳେ ଏଯାଏଁ ସମାଧାନ ହୋଇପାରୁନି । ଅନ୍ୟପଟେ ସରକାର କହୁଛନ୍ତି କି, ଆପୋଷ ବୁଝାମଣାରେ ସମାଧାନ ହେବ, କିନ୍ତୁ ମହାନଦୀ ଉପରେ ନିର୍ମାଣ ଜାରି ରଖିଛି ଛତିଶଗଡ଼ । କଲମା ବ୍ୟାରେଜ ତଳେ ବାଲି ବନ୍ଧ ବାନ୍ଧୁଛି ଛତିଶଗଡ଼, ଫଳରେ ଓଡିଶାକୁ ଆସୁଥିବା ପାଣି ଅଟକିଯାଉଛି ।

# ଗୋ-ମାଫିଆ ବିରୋଧରେ ବଡ଼ କାର୍ଯ୍ୟାନୁଷ୍ଠାନ



### ୫ ଜିଲ୍ଲାରେ ପୋଲିସର ଘନ ଘନ ଚଢ଼ାଉ

### ୧କୋଟିରୁ ଊର୍ଦ୍ଧ୍ୱ ନଗଦ ଟଙ୍କା ସହ ସୁନା ଗହଣା ଜବତ

ଭଦ୍ରକ/ବାରିପଦା/ମୟୂରଭଞ୍ଜ, ୧୭।୧ (ନି.ପ୍ର.): ଗୋ-ମାଫିଆଙ୍କୁ ସାବାଡ କରିବା ଲାଗି ଆଜି ୫ଟି ଜିଲାର ୪୬ଟି ସ୍ଥାନରେ ଚଢ଼ାଉ ଚାଲିଛି । କେନ୍ଦୁଝର, ଭଦ୍ରକ, ଭୁବନେଶ୍ୱର, ମୟୂରଭଞ୍ଜ, ଏବଂ ଯାଜପୁରର ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି । ଏଥିରେ କୋଟି କୋଟି ଟଙ୍କା ଜବତ କରାଯାଇଛି ।

ଆନ୍ତଃରାଜ୍ୟ ଗୋ-ମାଫିଆ ରାଜନର ଭଦ୍ରକ ଘରେ କେନ୍ଦୁଝର ଓ ଭଦ୍ରକ ପୁଲିସର ମିଳିତ ଚଢ଼ାଉ କରିଛନ୍ତି । ରାଜନର ପୁରୁଣାବଜାର ମୁଲାସାହିସ୍ଥ ବସଭବନ, ମାଲିକାନାରେ ଚାଲିଥିବା ବ୍ୟବସାୟ ପ୍ରତିଷ୍ଠାନ ଓ ଏକ ଇନଷ୍ଟିଚ୍ୟୁଟରେ ମଧ୍ୟ ପୁଲିସ ରେଡ କରିଛି । ଚଢ଼ାଉ ସମୟରେ ରାଜନର ଘରୁ ପୁଳାପୁଳା ନଗଦ ଟଙ୍କା ଓ ସୁନା ଗହଣା ଜବତ କରାଯାଇଛି । ବିପୁଳ ପରିମାଣର ଟଙ୍କା ମିଳିବା ପରେ ଏହାକୁ ଗଣିବା ପାଇଁ ଦୁଇଟି ମେସିନର ସାହାଯ୍ୟ ନିଆଯାଇ ଟଙ୍କା ଗଣା ଜାରି ରହିଛି ।

ପୁରୁଣା ବଜାର ଥାନା ଶେଖ ରାଜନଙ୍କ ଘରେ କେନ୍ଦୁଝର ଓ ଭଦ୍ରକ ପୁଲିସ ଚଢ଼ାଉ କରିଛି । ନଗଦ ୭୦ଲକ୍ଷ ଟଙ୍କା ସହ ସୁନା ଗହଣା ଜବତ ହୋଇଛି । ଶେଖ ରାଜନଙ୍କୁ ଅଟକ ରଖି ତଦନ୍ତ ଚଳାଇଛି ପୁଲିସ । ଦୀର୍ଘ ଦିନ ଧରି ପୁଲିସ ନଜରରେ ମୋଷ୍ଟ ୱାଣ୍ଟେଡ ଥିବା ଏହି ମାଫିଆ ଶେଖ ରାଜନ ଘରୁ ୭୦ ଲକ୍ଷ ରୁ ଊର୍ଦ୍ଧ୍ୱ ଟଙ୍କା ସହ ସୁନା ଗହଣା ଜବତ ହୋଇଛି । ଏବେବି ରେଡ ଜାରି ରହିଛି । ଏହାସହ ବାଇପାସ ସ୍ଥିତ କୋଶମ ବଜାରରେ ବି ପୁଲିସର ରେଡ ଚାଲିଛି । ଏଥିସହ ସୁନାଗହଣା, ଦୁଇଟି ସ୍କର୍ପିଓ ଗାଡି, ସ୍କୁଟି, ବିପୁଳ ସମ୍ପତିର କାଗଜପତ୍ର ଆଦିକୁ ଜବତ କରିଛି ପୁଲିସ । ଏହି ରେଡ ବେଳେ ୨ ପ୍ଲାଟୁନ ପୁଲିସ ମୁତୟନ ହୋଇଛନ୍ତି ।

କେନ୍ଦୁଝର ଏସଡିପିଓ ସୁଦର୍ଶନ ଗାଙ୍ଗୋଇଙ୍କ ନେତୃତ୍ୱରେ ଆଜି ସକାଳୁ ଏହି ଚଢ଼ାଉ ଚାଲିଛି । ରାଜନ ନାମରେ କେନ୍ଦୁଝରର ଅଧିକାଂଶ ଥାନାରେ ମାମଲା ରହିଛି । ଗତ ଦଶମାସ ହେବ ସେ କେନ୍ଦୁଝର ଏସପିଙ୍କ ସ୍କାନରରେ ଥିଲା ବୋଲି ଏସଡିପିଓ ସୁଦର୍ଶନ ଗାଙ୍ଗୋଇ କହିଛନ୍ତି । ଟଙ୍କା ଗଣାଚାଲିଛି, ସୁନା ଅଳଙ୍କାର ଜବତ ହୋଇଛି, ଚଢଉ ଜାରି ରହିଛି ବୋଲି କହିଛନ୍ତି ଏସଡିପିଓ ଶ୍ରୀ ଗାଙ୍ଗୋଇ ।

ସେହିପରି ମୟୂରଭଞ୍ଜ ଜିଲ୍ଲା ଝାରପୋଖରିଆର ସୁରଜିତ ମହାନ୍ତିଙ୍କ ଘରେ ଚଢ଼ାଉ ହୋଇଛି ।

## ଘରୋଇ ବସ୍ ମାଲିକ ସଂଘର ବନ୍ଦ ଘୋଷଣା

ଭୁବନେଶ୍ୱର, ୧୭।୧ (ନି.ପ୍ର.): ୨୪ରୁ ବନ୍ଦ ହେବ ବସ ଚଳାଚଳ । କଟକକୁ ଆସିବ ନାହିଁ କୌଣସି ଘରୋଇ ବସ । ମୁଖ୍ୟମନ୍ତ୍ରୀ ବସ ସେବାକୁ ବିରୋଧ କରି ରାଜ୍ୟ ଘରୋଇ ବସ ମାଲିକ ସଂଘ ଏପରି ନିଷ୍ପତି ନେଇଛି । ଆସନ୍ତା ୨୩ ତାରିଖ ସୁଦ୍ଧା ପଞ୍ଚାୟତରୁ ଜିଲ୍ଲା ସଦର ମହକୁମାକୁ ମୁଖ୍ୟମନ୍ତ୍ରୀ ବସ ଚଳାଚଳ ବନ୍ଦ କରିବାକୁ ଚେତାବନୀ ଦିଆଯାଇଛି ।

ରାଜ୍ୟ ଘରୋଇ ବସ ମାଲିକ ସଂଘର ଜରୁରୀ ବୈଠକରେ ଏହି ନିଷ୍ପତି ନିଆଯାଇଛି । ବୈଠକରେ ୮ ଜିଲ୍ଲାର ୧୮ ଆସୋସିଏସନ ସାମିଲ ହୋଇଛନ୍ତି । ରାଜ୍ୟ ଘରୋଇ ବସ ମାଲିକ ସଂଘ ସାଧାରଣ ସମ୍ପାଦକ ଦେବେନ୍ଦ୍ର ସାହୁ ଏହି ସୂଚନା ଦେଇଛନ୍ତି ।

## ରତ୍ନ ଅଳଙ୍କାର ଗଣତି ମାର୍ଗଦର୍ଶିକା ଅନୁମୋଦିତ

ପୁରୀ, ୧୭।୧ (ନି.ପ୍ର.): ବିବାଦ ପରେ ପୁରୀ ଶ୍ରୀମନ୍ଦିରର ଥିବା ଚାରୋଟି ଭକ୍ତ ନିବାସର ଗାଡ଼ି ପାର୍କିଂ ଭଡ଼ାକୁ ହ୍ରାସ କରାଯାଇଛି । ରତ୍ନ ଅଳଙ୍କାର ଗଣତି ମଣତି ନେଇ ପ୍ରସ୍ତୁତ ୧୧ ପୃଷ୍ଠା ସମ୍ବଳିତ




ମାର୍ଗଦର୍ଶିକା ଅନୁମୋଦିତ ହୋଇଛି । ଏ ନେଇ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ ପରେ ମୁଖ୍ୟ ପ୍ରଶାସକ ଡାକ୍ତର ଅରବିନ୍ଦ ପାଢ଼ୀ । ଶନିବାର ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଆହୂତ ପରିଚାଳନା କମିଟି ବୈଠକରେ ରତ୍ନ ଅଳଙ୍କାର ଗଣତିମଣତି, ଶ୍ରୀଗୁଣ୍ଡିଚା ମନ୍ଦିର ଦର୍ଶନ, ଭକ୍ତ ନିବାସ ପାର୍କିଂ ବୃଦ୍ଧି ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ହୋଇଛି । ଶ୍ରୀଜୀଉଙ୍କ ରତ୍ନ ଅଳଙ୍କାର ଗଣତି ମଣତି ନେଇ ପ୍ରସ୍ତୁତ ୧୧ ପୃଷ୍ଠା ସମ୍ବଳିତ ମାର୍ଗଦର୍ଶିକା ଅନୁମୋଦିତ ହୋଇଛି । ପରବର୍ତ୍ତୀ ପର୍ଯ୍ୟାୟରେ ଏହା ରାଜ୍ୟ ସରକାରଙ୍କ ଅନୁମୋଦନ ପାଇଁ ପଠାଯିବ । ରାଜ୍ୟ ସରକାରଙ୍କ ଅନୁମୋଦନ ପରେ ଗଣତିମଣତି କରାଯିବ । ପ୍ରଥମ ଦିନ ଶୁଭ ଅନୁକୂଳ ତିଥି ଦେଖି ଗଣତି ଆରମ୍ଭ ହେବ । ଗଣତିମଣତିବେଳେ ଯେପରି ନୀତିକାନ୍ତି ପ୍ରଭାବିତ ନ ହେବ ତାହାକୁ ଗୁରୁତ୍ୱ ଦିଆଯାଇଛି । ତେଣୁ ଯେଉଁଦିନ ଅଧିକ ନୀତି ନ ଥିବା ସେହି ଦିନମାନଙ୍କରେ ଗଣତି କରିବାକୁ ଚେଷ୍ଟା କରାଯିବ । ସେହି ସମୟରେ ମହାପ୍ରଭୁଙ୍କ ଦର୍ଶନ ମଧ୍ୟ ଜାରି ରହିବ । ଶ୍ରଦ୍ଧାଳୁମାନେ ବାହାରକାଠରୁ ଦର୍ଶନ କରିପାରିବେ । ପୂର୍ଣ୍ଣଅନୁମୋଦନ ନ ଆସିଥିବାରୁ ଗଣମାଧ୍ୟମକୁ ସବିଶେଷ ତଥ୍ୟ ଦିଆଯାଇ ନାହିଁ । ରାଜ୍ୟ ସରକାରଙ୍କ ଅନୁମତି ପରେ ଦିନ ଘୋଷଣା କରାଯିବ ।

## ଏନକାଉଣ୍ଟରରେ ଟଳିଲେ ଦୁଇ ନକ୍ସଲ

ବିଳାଶପୁର. ୧୭।୧ (ନି.ପ୍ର.): ଛତିଶଗଡ଼ ବିଜାପୁର ଜିଲ୍ଲାରେ ପୁଲିସ୍ ଏବଂ ମାଓବାଦୀ ମଧ୍ୟରେ ଗୁଳି ବିନିମୟ ହୋଇଛି । ସୁରକ୍ଷାକର୍ମୀଙ୍କ ଏନକାଉଣ୍ଟରରେ ଦୁଇ ମାଓବାଦୀ ନିହତ ହୋଇଛନ୍ତି । ଡିଆରଜି, ଏସଟିଏଫ୍ ଏବଂ ସିଆରପିଏଫ୍ କୋବ୍ରା ଜବାନ ଅପରେସନ୍ ବେଳେ ଏହି ସଫଳତା ମିଳିଛି । ଛତିଶଗଡ଼ର ଉତ୍ତର-ପଶ୍ଚିମ ବିଜାପୁର ଜିଲ୍ଲାରରେ ମାଓବାଦୀଙ୍କ ଉପସ୍ଥିତି ବିଷୟରେ ସୂଚନା ପାଇ ଏକ ମିଳିତ ଦଳ ଏକ ସର୍ଚ୍ଚ ଅପରେସନ୍ ଆରମ୍ଭ କରିଥିଲେ । ଏହି ସମୟରେ ସୁରକ୍ଷାକର୍ମୀ ଏବଂ ନକ୍ସଲବାଦୀଙ୍କ ମଧ୍ୟରେ ଏନକାଉଣ୍ଟର ହୋଇଥିଲା ।

# ବହିଷ୍କାର ବିବାଦ : ବିଜେଡିର ମିଡ୍ ଡେ ଅପରେସନ୍ ଅଭିଯୋଗ

ଭୁବନେଶ୍ୱର ୧୭।୧ (ନି.ପ୍ର.): ବିଜୁ ଜନତା ଦଳରେ ସତରେ ଚାଲିଥିଲା କି 'ମିଡ୍-ଡେ' ଅପରେସନ୍ ଯେଉଁଥିପାଇଁ ବଳି ପଡ଼ିଲେ ଦୁଇ ଦୁଇ ବିଧାୟକ । ବିଜେଡ଼ି ମୁଖପାତ୍ର ଲେନିନ୍ ମହାନ୍ତିଙ୍କ ବୟାନ ଏହି ଚର୍ଚ୍ଚାକୁ ସରଗରମ କରିଦେଇଛି । 'ମିଡ୍-ନାଇଟ୍' ଅପରେସନ୍ ଭଳି 'ମିଡ୍-ଡେ' ଅପରେସନ୍ ମଧ୍ୟ ଫେଲ୍ ହୋଇଛି । ଦୁଇ ବିଧାୟକ ଅରବିନ୍ଦ ମହାପାତ୍ର ଓ ସନାତନ ମହାକୁଡ଼ଙ୍କ ନିଲମ୍ବନ କାର୍ଯ୍ୟାନୁଷ୍ଠାନର ପ୍ରତିକ୍ରିୟା ରଖିଛନ୍ତି ବିଜେଡ଼ି ମୁଖପାତ୍ର ଲେନିନ୍ ମହାନ୍ତି ।



ଦୁଇ ବିଧାୟକଙ୍କୁ ଦଳରୁ କାହିଁକି ନିଲମ୍ବନ କରାଯାଇଥିଲା ଏବଂ କ'ଣ ବିଶ୍ୱାସଘାତକତା କରିଥିଲେ ତାର ଆଜି ଜବାବ ରଖିଛନ୍ତି ଲେନିନ୍ । ବିଜେଡ଼ିକୁ ପୁଣି ଥରେ ଭାଙ୍ଗି ଷଡ଼ଯନ୍ତ୍ର ରଚାଯାଇଥିବା କହିଛନ୍ତି ଲେନିନ୍ । ମୁଖପାତ୍ର ଶ୍ରୀଯୁକ୍ତ ମହାନ୍ତି ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ ଅନେକ ତଥ୍ୟ ହାତ ଆସିଲା ପରେ ଏବଂ ଦୃଢ଼ ପ୍ରମାଣ ମିଳିବା ପରେ ସଭାପତି ନିଷ୍ପତ୍ତି ନେଇଛନ୍ତି । ବିଜୟ ମହାପାତ୍ର ବରିଷ୍ଠ ନେତା ସେ କେଉଁଠାକୁ ବି ଯାଇପାରିବେ, ସେଟା ତାଙ୍କର ସ୍ୱାଧୀନତା । ଦଳକୁ ଦୁର୍ବଳ କରିବାକୁ କିଛି ଲୋକ ଉଦ୍ୟମ କରୁଥିଲେ । ଏହି ତିନି ଜଣ ନେତା ସେମାନଙ୍କର ନେତୃତ୍ୱ ନେଉଥିଲେ । ସେଥିପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଲେନିନ୍ ଆହୁରି କହିଛନ୍ତି ଯେ କୋଟି କୋଟି ଲୋକଙ୍କ ମଧ୍ୟରେ ମାତ୍ର ୫୦ ଜଣ ବିଧାୟକ ହେବାକୁ ସୁଯୋଗ ପାଇଛନ୍ତି । ସେଥି ମଧ୍ୟରେ ଅରବିନ୍ଦ ମହାପାତ୍ର ବିଧାୟକ ହୋଇଛନ୍ତି । ତାଙ୍କର ଆଭିମୁଖ୍ୟ ଦଳକୁ ନେଇ ଆଗେଇବା, କେହି ଦଳରୁ ଊର୍ଦ୍ଧ୍ୱରେ ନୁହନ୍ତି । ତାଙ୍କ ବାପା ବଡ଼ ନେତା ହୋଇପାରନ୍ତି କିନ୍ତୁ କାହାର ଅଧିକାର ନାହିଁ ଦଳକୁ ଦୁର୍ବଳ କରିବା । ଧରାପଡ଼ିବାରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା କହିଛନ୍ତି ମୁଖପାତ୍ର ।

ସବୁ ସରଳ ଦେଖାଯାଉଥିବା ମୁହଁ ସରଳ ନୁହେଁ ବୋଲି କଡ଼ା ଶବ୍ଦରେ ଜବାବ ଦେଇଛନ୍ତି । ଆଉ ଏହି ତିନି ନେତା ଦୁର୍ନୀତିରେ ସାମିଲ ଥିଲେ । ମିଡ୍ ନାଇଟ୍ ଅପରେସନ୍ ଭଳି ମିଡ୍ ଡେ ଅପରେସନ୍ ମଧ୍ୟ ଫେଲ୍ ହୋଇଛି । ଲୋକ ଏବଂ ନବୀନଙ୍କ ମଧ୍ୟରେ ଏକ ନିଆରା ସଂଯୋଗ ଅଛି । ତେଣୁ କେହି କିଛି କରିପାରିବେ ନାହିଁ ।

### ବିଜେଡି ଆପଣାଛାଏଁ ଭାଙ୍ଗୁଛି : ଜୟ ନାରାୟଣ

ଭୁବନେଶ୍ୱର, ୧୭।୧ (ନି.ପ୍ର.):: ବିଜେଡିର ଦୁଇ ବିଧାୟକ ଏବଂ ଆଉ କିଛି ନେତାଙ୍କ ସସପେଣ୍ଡକୁ ନେଇ ରାଜ୍ୟ ରାଜନୀତି ସରଗରମ ହୋଇ ଉଠିଛି । ବିଶେଷ କରି ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ଓ ଚମ୍ପୁଆ ବିଧାୟକ ସନାତନ ମହାକୁଡଙ୍କୁ ଯେଉଁଭଳି ଭାବେ ଦଳ ବିରୋଧୀ କାର୍ଯ୍ୟ କାରଣ ଦର୍ଶାଇ ସସପେଣ୍ଡ କରାଗଲା ସଭିଙ୍କୁ ବିସ୍ମିତ କରିଛି । ଏହାକ ନେଇ ରାଜନୀତି ବୟାନବାଜି ଜାରି ରହିଛି । ଏହି ପ୍ରସଙ୍ଗକୁ ନେଇ ବିଜେପିର ବରିଷ୍ଠ ନେତା ଜୟ ନାରାୟଣ ମିଶ୍ର ପ୍ରତିକ୍ରିୟା ଦେଇଛନ୍ତି । ବିଜେଡି ଆପଣା ଛାଏଁ ଭାଙ୍ଗୁଥିବା ସେ କହିଛନ୍ତି । ସମ୍ବଲପୁରର ବିଧାୟକ ଜୟ ନାରାୟଣ କହିଛନ୍ତି, ବିଜେଡିରେ ବହୁତ ନେତାଙ୍କ ମନରେ କ୍ଷୋଭ ରହିଛି ।





# ମାହେଶ୍ୱରୀ ସଂଗଠନ ମାଧିଆପାଲି ପଂଚାୟତରେ ପଞ୍ଚାୟତ ଶାଖା ଶୁଭାରମ୍ଭ

ବଲାଙ୍ଗିର, ୧୭।୧:(ମନ୍ଥନ)ବଲାଙ୍ଗିର ଜିଲ୍ଲା ଅନ୍ତର୍ଗତ ମାଧିଆପାଲି ପଂଚାୟତ ରେ ମାହେଶ୍ୱରୀ ସଂଗଠନ, ବଲାଙ୍ଗିର ପକ୍ଷରୁ ଏକ ନୂତନ ପଂଚାୟତ ଶାଖା ଆଜି ଶୁଭାରମ୍ଭ ହୋଇଛି । ଏହି ଅବସରରେ ସଂଗଠନର ପଂଚାୟତ ସ୍ତରୀୟ ଗଠନକୁ ଆହୁରି ସକ୍ରିୟ କରିବା ସହ ସାମାଜିକ ସେବା କାର୍ଯ୍ୟକୁ ଗାଁ ଗାଁ ଯାଏ ପହଂଚାଇବା ପାଇଁ ଏହି ଶାଖା ଗଠନ କରାଯାଇଛି । ଶାଖା ଶୁଭାରମ୍ଭ ସମୟରେ ମାଧିଆପାଲି ପଂଚାୟତ ସଯୋଜକ ଭାବେ ସୂର୍ଯ୍ୟକାନ୍ତ ନାଏକ ଏବଂ ସହ-ସଂଯୋଜକ ଭାବେ ସମୀର କୁମାର ପଟେଲଙ୍କୁ ଦାୟିତ୍ୱ ଦିଆଯାଇଥିଲା । ମାହେଶ୍ୱରୀ ମାଧିଆପାଲି ପଂଚାୟତ ଉପଦେଷ୍ଟା ସୁରଜ କୁମାର ପଟେଲ ଏବଂ ଉପସ୍ଥିତ ସଦସ୍ୟ ଓ କାର୍ଯ୍ୟକର୍ତ୍ତାମାନେ ଏହି ଶାଖାକୁ ସଫଳ କରିବା ପାଇଁ ସମ୍ପୂର୍ଣ୍ଣ ସହଯୋଗ କରିବାକୁ ଆଶ୍ୱାସନା ଦେଇଥିଲେ । ଶାଖା ଗଠନ ସହିତ ପଂଚାୟତ ରେ



ଆଗାମୀ ଦିନରେ ରକ୍ତଦାନ ସଚେତନତା, ଜନ ସେବା କାର୍ଯ୍ୟକ୍ରମ, ସ୍ୱାସ୍ଥ୍ୟ ଶିବିର, ସଫେଇ ଅଭିଯାନ, ବୃକ୍ଷରୋପଣ ଏବଂ ଯୁବ ସଶକ୍ତିକରଣ ଭଳି କାର୍ଯ୍ୟକୁ ନିୟମିତ ଭାବେ କରାଯିବ ବୋଲି ସଂକଳ୍ପ ଗ୍ରହଣ କରାଯାଇଥିଲା । ସଭାର ସେଷରେ ସଦସ୍ୟ ଏକତା ଓ ଶୃଙ୍ଖଳାର ସହିତ କାମ କରିବା ସହ ସେବା ପରମୋଧର୍ମ ବାକ୍ୟକୁ ଆଧାର କରି ମାଧିଆପାଲି ପଂଚାୟତରେ ମାହେଶ୍ୱରୀ ସଂଗଠନର ଶାଖାକୁ ଦୃଢ ଭାବେ ଆଗକୁ ନେବା ପାଇଁ ମାହେଶ୍ୱରୀ ସଂଗଠନ ପରିଚାଳନା ନିର୍ଦ୍ଦେଶକ ଅଙ୍କୁଶ କୁମାର ପାଣ୍ଡିଆ ପ୍ରତିଶୃତି ଦେଇଥିଲେ । ଏହି ସଭାରେ ମାହେଶ୍ୱରୀ ର ସଭାପତି ଶୋଭନ କୁମାର ଅଗ୍ରୱାଲ, ସୋମେଶ ମିଶର, କରନ୍ ବେହେରା ସହଯୋଗ କରିଥିଲେ ।

# ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା-୨୦୨୬ ଉଦ୍‌ଘାଟିତ

ବଲାଙ୍ଗିର, ୧୭।୧:(ମନ୍ଥନ)ରାଜ୍ୟ ସରକାରଙ୍କ କୃଷି ଓ କୃଷକ ସଶକ୍ତକରଣ ବିଭାଗ ପକ୍ଷରୁ ପାଟଣାଗଡ଼ କୁକୁରମୁଣ୍ଡା ଉଚ୍ଚ ବିଦ୍ୟାଳୟ ପଡ଼ିଆରେ ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା-୨୦୨୬ ଉଦ୍ଘାଟିତ ହୋଇଯାଇଛି । ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ମେଳାକୁ ଉଦ୍‌ଘାଟନ କରିଥିଲେ ଯେ ବଲାଙ୍ଗିର ଜିଲ୍ଲାର ଚାଷୀ ଭାଇ ଓ ଭଉଣୀ ଏହି ମେଳାର ସୁଯୋଗ ନେବା ସହ ରିହାତି ମୂଲ୍ୟରେ କୃଷି ଯନ୍ତ୍ରପାତି କିଣିପାରିବେ ବୋଲି କହିଥିଲେ । ଚାଷୀଙ୍କୁ ଜୈବିକ ପଦ୍ଧତିରେ ଚାଷ କରିବାକୁ ପରାମର୍ଶ ଦେଇ ଉପମୁଖ୍ୟମନ୍ତ୍ରୀ କହିଥିଲେ, ରସାୟନିକ ସାର ପ୍ରୟୋଗ ଦ୍ୱାରା ଉତ୍ପାଦିତ ଶସ୍ୟ ଆମ ଶରୀରରେ କୁପ୍ରଭାବ ପକାଉଛି ।ଏମିତି କି କ୍ୟାନ୍ସର ଭଳି ମାରାତ୍ମକ ରୋଗ ମଧ ବୃଦ୍ଧି କରୁଛି । ତେଣୁ ଏହାକୁ ରୋକିବା ପାଇଁ ଜୈବିକ ସାର ବ୍ୟବହାର କରିବା ନିହାତି



ଆବଶ୍ୟକ । ଜୈବିକ ପଦ୍ଧତିରେ ଚାଷ କରିବା ଦ୍ୱାରା ମାଟିର ଉର୍ବରତା ବଢିବ ଏବଂ ଆମେ ରୋଗରୁ ମଧ ବର୍ତ୍ତି ପାରିବା। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଜିଲ୍ଲାପାଳ ଗୌରଓ୍ୱ ଶିଓ୍ୱାଜୀ ଇସଲଓ୍ୱାର, ଉପଜିଲ୍ଲାପାଳ ସୁନୀଲ କୁମାର ମେହେର, ଅଧିକ୍ଷଣ ଯନ୍ତ୍ରୀ, କୃଷି ବିଭାଗ, ସମ୍ବଲପୁର, ନରେନ୍ଦ୍ର କୁମାର ପଣ୍ଡା, ଜିଲ୍ଲା କୃଷି ଅଧିକାରୀ ଧୀରେନ୍ଦ୍ର କୁମାର ସିଂ ବରିହା ଯୋଗଦେଇଥିଲେ । ଏହି ମେଳା କୃଷକଙ୍କ ପାଇଁ ଏକ ଅପୂର୍ବ ସୁଯୋଗ ସୃଷ୍ଟି କରିଥିବା ବେଳେ କୃଷି ଯନ୍ତ୍ରପାତି କ୍ରୟ ପାଇଁ ସରକାରଙ୍କ ପକ୍ଷରୁ ଦିଆଯାଉଥିବା ରିହାତିର ଲାଭ ଉଠାଇ ପାରିବେ, କୃଷକ ଆଧୁନିକ ପ୍ରଣାଳୀରେ କୃଷି କାର୍ଯ୍ୟ ପାଇଁ ଅତ୍ୟାଧୁନିକ ଯନ୍ତ୍ରପାତି ବ୍ୟବହାର ଦ୍ୱାରା ସ୍ୱଳ୍ପ ମୂଲ୍ୟ ଓ ସ୍ୱଳ୍ପ ସମୟରେ ଅଧିକ ଲାଭ ହାସଲ କରିପାରିବେ ଓ ଚାଷ ଜମିରେ ରସାୟନିକ ସାର ପରିବର୍ତ୍ତେ ଜୈବିକ ସାର ପ୍ରୟୋଗ କରନ୍ତୁ ବୋଲି ଉପସ୍ଥିତ ଅତିଥିଗଣ ମତବ୍ୟକ୍ତ କରିଥିଲେ । ସର୍ବପୁରାତନ ଚାଷ କାମରେ ଚାଷୀମାନଙ୍କ ଦ୍ୱାରା ବ୍ୟବହୃତ ଯନ୍ତ୍ରଗୁଡ଼ିକ ସଂଗ୍ରହ କରି ଜିଲ୍ଲା ମୁଖ୍ୟାଳୟରେ ଏକ ସଂଗ୍ରହାଳୟ ଖୋଲିବା ନେଇ ଜିଲ୍ଲାପାଳଙ୍କୁ ମୁଖ୍ୟ ଅତିଥି ପରାମର୍ଶ ଦେଇଥିଲେ । ଏହି ମେଳାରେ କୃଷି ବିଭାଗ ପକ୍ଷରୁ ୧୦ଟି ଏବଂ କୃଷି ଯନ୍ତ୍ରପାତି ବିଭାଗ ପକ୍ଷରୁ ୨୫ଟି ଷ୍ଟଲ ଖୋଲାଯାଇଛି । ଉକ୍ତ କାର୍ଯ୍ୟକ୍ରମ ଆସନ୍ତା ୧୮ ତାରିଖ ଯାଏଁ ଚାଲିବ । ଆଜିର ଏହି କାର୍ଯ୍ୟକ୍ରମରେ ସଫଳ ଚାଷୀ ମାନଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା । ଚାଷୀ କାଳିଆ ସାହୁ ଏବଂ ମୁନି ହେର୍ନା ରିହାତି ମୂଲ୍ୟରେ ଗୋଟିଏ ଲେଖାଏଁ ଟ୍ରାକ୍ଟର କ୍ରୟ କରିଥିଲେ । ଏହି କାର୍ଯ୍ୟକ୍ରମରେ କୃଷି ବିଭାଗର ନିର୍ବାହୀ ଯନ୍ତ୍ରୀ ଇଂ. ଲସ ମୁର୍ମୁଙ୍କ ସହ ଅନ୍ୟ ଅଧିକାରୀ ଏବଂ କର୍ମଚାରୀ ବୃନ୍ଦ ଉପସ୍ଥିତ ଥିଲେ ।

# ବାପା ମା ଛେଉଣ୍ଡ ଅସହାୟ ଭାଇ ଭଉଣୀଙ୍କୁ ସହଯୋଗର ହାତ ବଢ଼ାଇଲେ କଂଗ୍ରେସ ନେତା

ଗଞ୍ଜାମ, ୧୮।୧:(ମନ୍ଥନ)ଦୁଇ ନିଃସହାୟ ଭାଇ ଭଉଣୀଙ୍କୁ ସହାୟତାର ହାତ ବଢ଼ାଇଛନ୍ତି ଦୁଇ କଂଗ୍ରେସ ନେତା ଶମ୍ଭୁ ପାଣିଗ୍ରାହି ଓ ଭାଗିରଥି ବେହେରା । ଗଞ୍ଜାମ ବ୍ଲକ ର କାଇଁଚପୁର ପଞ୍ଚାୟତ ର ଝରାପଦରଗ୍ରାମରେ ପହଞ୍ଚି ସେମାନଙ୍କୁ ୧୦ ହଜାର ଅର୍ଥରାଶି, ଚାଉଳ ଓ ପନିପରିବା ପ୍ରଦାନ କରିଛନ୍ତି ।



ସୂଚନାଯୋଗ୍ୟ ୯ ମାସ ମଧରେ ବାପା ଓ ମାଁ ଙ୍କୁ ହରାଇ ଦୁଇ ଭାଇ ଓ ଭଉଣୀ ବେସାହାରା ହୋଇ ପଡିଛନ୍ତି । ଏମିତି ଏକ ଦୁଃଖଦ ଝରାପଦର ଗ୍ରାମର ଝିଅ ସୁଇଟି ମହାଙ୍କୁଡ଼(୧୭) ଓ ପୁଅ କାଳିଆ। ମହାଙ୍କୁଡ଼(୧୪)ଙ୍କ କ୍ଷେତ୍ରରେ ଦେଖିବାକୁ ମିଳିଛି । ଋଣଭାର ବୋଝ ସହି ନପାରି ବାପା ରବି ମହାଙ୍କଡ଼(୪୫) ହାଇଦ୍ରାବାଦ ରେ ୯ ମାସ ତଳେ ଦୃଘଟଣା ଜନିତ ମୃତ୍ୟୁ ଘଟଇଥିବା ବେଳେ ମା ଝୁନୁ ମହାଙ୍କଡ଼ (୩୯) କେନସରରେ ଗତ ୧୧ ତାରିଖରେ ଆରପାରିକୁ ଚାଲିଗଲେ । ଝିଅ ୧୦ମ ପାସ କରି ଅର୍ଥାଭାବ ରୁ ପାଠ ପଢ଼ାରେ ଡୋରି ବାନ୍ଧି ଦେଇଥିବା ବେଳେ ଦଶମ ପରୀକ୍ଷା ଦେବାକୁ ଥିବା ପୁଅ ଆଗାମି ଅନିଶ୍ଚିତ ଭବିଷତ କୁ ନେଇ ଚିନ୍ତିତ ହୋଇପଡିଛନ୍ତି ।

# ବାଲ୍ୟାସରା ହାଇସ୍କୁଲରେ ୯୫ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ

କବିସୂର୍ଯ୍ୟନଗର, ୧୭।୧:(ମନ୍ଥନ) ଗଞ୍ଜାମଜିଲ୍ଲା କବିସୂର୍ଯ୍ୟନଗର ବ୍ଲକ ବାଲ୍ୟାସରା ସ୍ଥିତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ରେ ୯୫ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଶିକ୍ଷକ ଶଙ୍କର ପ୍ରସାଦ ଡାକୁଆଙ୍କ ସଂଯୋଜନା ରେ ପ୍ରଧାନ ଶିକ୍ଷୟତ୍ରୀ ରଶ୍ମିରେଖା ମିଶ୍ର ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ସରପଞ୍ଚ ରବୀନ୍ଦ୍ର କୁମାର ପଲେଇ ଯୋଗ ଦେଇଥିବା ବେଳେ ସମ୍ମାନୀୟ ଅତିଥି ଭାବେ ବିଇଓ ଅଭିମନ୍ୟୁ ସାହୁ, ଅବସର ପ୍ରାପ୍ତ ଶିକ୍ଷକ ବନମାଳୀ ସ୍ୱାଇଁ, ସମିତି ସଭ୍ୟା ମମତା ଖଣ୍ଡୁଆଳ, ସାଂସଦ ପ୍ରତିନିଧି ଜଗନ୍ନାଥ ବିଶୋଇ, ଶ୍ରୀକାନ୍ତ ମହାପାତ୍ର, ସିଆରସିସି ରମେଶ ଚନ୍ଦ୍ର ବେହେରା, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ମାଧବ ଚନ୍ଦ୍ର ମାଝୀ, ପରିଚାଳନା କମିଟି ସଭାପତି ଜିତେନ୍ଦ୍ର ପଲେଇ, ଶିକ୍ଷକ ଦିବାକର



ଶତପଥୀ, ନିକୁଞ୍ଜ ଚୌଧୁରୀ, ମଧୁସୂଦନ ମହାପାତ୍ର ପ୍ରମୁଖ ଯୋଗ ଦେଇ ଶିକ୍ଷା ର ବିକାଶ , ଏବଂ ଶିକ୍ଷା ବିକାଶ ପାଇଁ ବିଦ୍ୟାଳୟ ରେ ଭିତ୍ତି ଭୂମି ର ଆବଶ୍ୟକତା ଜରୁରୀ ବୋଲି ମତବ୍ୟକ୍ତ କରିଥିବା ବେଳେ ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତୀ ମିଶ୍ର ବାର୍ଷିକ ବିବରଣୀ ପାଠ କରି ବିଦ୍ୟାଳୟ ବିକାଶ ଓ ଶିକ୍ଷାଦାନରେ ବିଦ୍ୟାଳୟର ଗୌରବ ସମ୍ପର୍କ ରେ ସୂଚନା ଦେଇଥିଲେ ।ଶେଷରେ ଛାତ୍ର ଛାତ୍ରୀ ଙ୍କ ମଧରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତା ରେ କୃତି ପ୍ରତିଯୋଗୀ ଙ୍କୁ ପୁରସ୍କାର ବିତରଣ କରାଯାଇଥିଲା ।ପିଲାଙ୍କ ଭିତରେ ଥିବା ଅନ୍ତର୍ନିହିତ ପ୍ରତିଭା କୁ ମଞ୍ଚ ଉପରେ ପରିବେଷଣ କରି ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।ଅନୁଷ୍ଠିତ ଉତ୍ସବ ରେ ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ ପରିଚାଳନା କରିଥିବା ବେଳେ ସମସ୍ତ ଛାତ୍ର ଛାତ୍ରୀ ଉପସ୍ଥିତ ରହି ଉପଭୋଗ କରିଥିବା ଜଣାଯାଇଛି ।

# ୮ନମ୍ବର କେନାଲବନ୍ଧ ଆର୍‌ଡି ରାସ୍ତା କାର୍ଯ୍ୟ ନିମ୍ନମାନର ଅଭିଯୋଗ: ତଦନ୍ତ ଦାବି

ମାହାଙ୍ଗା, ୧୭।୧:(ମନ୍ଥନ)ମାହାଙ୍ଗା ଅଂଚଳ ଦେଇ ଯାଇଥିବା ୮ନମ୍ବର କେନାଲବନ୍ଧ ଆର୍‌ଡି ରାସ୍ତାର ସଂପ୍ରସାରଣ କାର୍ଯ୍ୟ ଚାଲିଛି । ଦାୟିତ୍ୱରେ ଥିବା ଠିକାଦାର ଜଣକ ରାସ୍ତାର ଉଭୟ ପାର୍ଶ୍ୱ ଖନନ କରି ପଥର ଗୁଣ୍ଡ ଭର୍ତ୍ତି କରୁଛନ୍ତି । ଏଠାରେ ପ୍ରଶ୍ନ ଉଠୁଛି ଏହି ରାସ୍ତାର ଉଭୟ ପାର୍ଶ୍ୱର ସଂପ୍ରସାରଣ କେତେ ଓସାରର କରାଯାଉଛି । କେତେ ଫୁଟ ଗାତ ଖୋଳାଯିବାର ନିୟମ ରହିଛି । ଦେଖିବାକୁ ମିଳୁଛି ଯେ ଠିକାଦାର ଜଣକ ଏକ ହାତର ଉର୍ଦ୍ଧ୍ୱ ଚଉଡା ଓ ଚାଖଣ୍ଡେ ଗଭୀରର ଗାତ ଖୋଳୁଛନ୍ତି । ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । କେନାଲ ପାର୍ଶ୍ୱର ଗାତରେ ହାର୍ଡ ମେଷ୍ଟାଲ ପରିବର୍ତ୍ତେ ପଥର ଗୁଣ୍ଡ ପକାଇବା ଯୋଗୁ ବର୍ଷାଦିନେ ରାସ୍ତା ଧୋଇଯିବାର ଆଶଙ୍କା ସୃଷ୍ଟି ହେଉଛି । ଏପରିକି ରାସ୍ତା କାର୍ଯ୍ୟଚାଲିଥିଲା ବେଳେ ଦାୟିତ୍ୱରେ କନିଷ୍ଠଯନ୍ତ୍ରୀ ଅନୁପସ୍ଥିତ ରହୁଥିବା ଅଭିଯୋଗ ହେଉଛି । ଲୋକେ ଚର୍ଚ୍ଚା କରୁଛନ୍ତି ଡବଲ ଇଂଜିନ ସରକାର ସମୟରେ ରାସ୍ତା ନିର୍ମାଣ କାର୍ଯ୍ୟରେ ବ୍ୟାପକ ଅନିୟମିତତା ହେଉଛି । ବିନା ସୂଚନା ଫଳକରେ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲିଛି । ବିରୋଧୀ ଦଳ ବି ପାଟି ଖୋଲୁ ନାହାନ୍ତି । ଏଣୁ ତୁରନ୍ତ ରାଜ୍ୟମାନ୍ୟବର ମୁଖ୍ୟମନ୍ତ୍ରୀ ଏଥିପ୍ରତି ଦୃଷ୍ଟିଦେବା ସହ ରାସ୍ତାକାର୍ଯ୍ୟରେ ହେଉଥିବା ଅନିୟମିତତା ସଂପର୍କରେ ଉଚ୍ଚସ୍ତରୀୟ ତଦନ୍ତ କରାଇ ଏଥିରେ ସଂପୃକ୍ତିଥିବା ଠିକାଦାର ଓ ଯନ୍ତ୍ରୀଙ୍କ ବିରୁଦ୍ଧରେ ଦୃଢ଼ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।

# ବିଜେପିର ମିଶ୍ରଣ ପର୍ବ

ଅନୁଗୋଳ, ୧୭।୧:(ମନ୍ଥନ)ମିଶ୍ରପଡା ସ୍ଥିତ ବିଜେପି କାର୍ଯ୍ୟାଳୟ ରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ଏହି ମିଶ୍ରଣ ପର୍ବରେ ଅନୁଗୋଳ ନିର୍ବାଚନ ମଣ୍ଡଳୀରେ ଥିବା ଗିରାଙ୍ଗ ଗ୍ରାମର ବହୁ ପୁରୁଷ ଓ ମହିଳା ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ନରେନ୍ଦ୍ର ଦାମଦର ମୋଦୀଙ୍କ ଦେଶର ବିକାଶ ମୂଳକ କାର୍ଯ୍ୟକଳାପରେ ଅନୁପ୍ରାଣିତ ହୋଇ ଏବଂ ଓଡିଶା ମାଟିର ସୁପତ୍ର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଆଦର୍ଶ ଓ ଓଡିଶାର ଉନ୍ନତି ମୂଳକ କାର୍ଯ୍ୟରେ ଆକୃଷ୍ଟ ହୋଇ ଓ ଅନୁଗୋଳ ନିର୍ବାଚନ ମଣ୍ଡଳୀର ଲୋକପ୍ରିୟ ନେତା ତଥା ବିଧାୟକ ଶ୍ରୀଯୁକ୍ତି ପ୍ରତାପ ଚନ୍ଦ୍ର ପ୍ରଧାନଙ୍କ ବଳିଷ୍ଠ ନେତୃତ୍ୱ ପ୍ରତିଆସ୍ଥା ପ୍ରକଟ କରି ବିଜେଡି ଦଳ ଛାଡି ବିଜେପିରେ ଦଳରେ ଯୋଗୋଦେଇଛନ୍ତି । ଏହି ମିଶ୍ରଣ ପର୍ବରେ ଅନ୍ୟମାନଙ୍କ



ମଧ୍ୟରେ ଓକିଲ କାଳିଚରଣ କର, ଗିରାଙ୍ଗ ଗ୍ରାମ ପଞ୍ଚାୟତର ସରପଞ୍ଚ ଛବିରାଣୀ ଦେହୁରୀ, ସମିତି ସଭ୍ୟ ରଜନୀ ଦେହୁରୀ, ଓ୍ୱାର୍ଡ ମେମ୍ବର-ସୁଫଳା ଗଡନାୟକ, ସୁମତି ପ୍ରଧାନ ଡଲି ପ୍ରଧାନ, ରଞ୍ଜିତା ଭୋଇଙ୍କ ସହ ସୁଜିତ ସାମଲ,ନିର୍ମଳ ସାହୁ, ସନ୍ତୋଷ ଗଡନାୟକ, ନିର୍ମଳ ସାହୁ, ବିନୋଦ ନାଏକ, ରାହାସ ଗୋଛାୟତ, ପ୍ରିୟରଞ୍ଜନ ଦେହୁରୀ, ସଞ୍ଜୁକ୍ତା ଗଡନାଏକ , ଦୀପ୍ତିରଞ୍ଜନ ଦେହୁରୀ, ପବିତ୍ର ଦେହୁରୀ, ମଧୁସୂଦନ ସାହୁ, ସୁନୀଲ କୁମାର ନାୟକ, ସୁଜନ ସାହୁ, ରାଜା ଗୋଛାୟତ, ପ୍ରକାଶ ଦେହୁରୀ ଓ ମାନସ କର ଓ ଗ୍ରାମର ବହୁ ଲୋକ ଉପସ୍ଥିତ ଥିଲେ । ଏହି ମିଶ୍ରଣ ପର୍ବ ଦ୍ୱାରା ଗିରାଙ୍ଗ ଗ୍ରାମ ପଞ୍ଚାୟତର ଉନ୍ନତି ହେବା ସହିତ ସମଗ୍ର ନିର୍ବାଚନ ମଣ୍ଡଳୀରେ ବିକାଶର ଧାରା ବଜାୟ ରହିବ ବୋଲି କର୍ମୀ ମାନେ କହିଛନ୍ତି ।

# ଧାକୁଲେଇ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଫୁଲନଖରା, ୧୭।୧:(ମନ୍ଥନ) କଟକ ସଦର ଥାନା ଅନ୍ତର୍ଗତ ପ୍ରତାପ ନଗରୀସ୍ଥିତ ଧାକୁଲେଇ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ମହାଆଡମ୍ବର ସହିତ ଉତ୍ସାହପୂର୍ଣ୍ଣ ପରିବେଶରେ ପାଳିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ପ୍ରକାଶ ଚନ୍ଦ୍ର ମହାରଣାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ କଟକ ସଦରର ଯୁବ ବିଧାୟକ ଇଂ ପ୍ରକାଶ ଚନ୍ଦ୍ର ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ସ୍ଥାନୀୟ କର୍ପୋରେଟର ଶ୍ରୀ ଜନାର୍ଦ୍ଦନ ପରିଡା ମୁଖ୍ୟ ବକ୍ତା ଭାବେ ଉପସ୍ଥିତ ଥିବାବେଳେ ଶିକ୍ଷାବିତ୍ ଶ୍ରୀ ଚକ୍ରଧର ବେହେରା, ଗୋପାଳପୁର ମଣ୍ଡଳ ସଭାପତି ଶ୍ରୀ ନିହାର ରଞ୍ଜନ ପଣ୍ଡା, ଗ୍ରାମ୍ୟ କମିଟି ସମ୍ପାଦକ ଶ୍ରୀ ପ୍ରମୋଦ କୁମାର ବେହେରା, ସମାଜସେବୀ ଶ୍ରୀ ବେଣୁଧର ରାଉତ, ଅଶୋକ ସ୍ୱାଇଁ, ନିରଞ୍ଜନ ରାଉତ, ବାଦଲ କୁମାର ଜେନା ଓ ପ୍ରଭାତ କୁମାର ସେନାପତିସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ ।

# ସ୍ୱାମପାଟଣା ଦ୍ୱାଦଶ ଜ୍ୟୋର୍ତିଲିଙ୍ଗ ବାବା ପରମେଶ୍ୱର ମନ୍ଦିରରେ ଭକ୍ତଙ୍କ ଭିଡ

ପାଟଣା, ୧୭।୧:(ମନ୍ଥନ)ପର୍ଯ୍ୟଟନର ଏକ କେନ୍ଦ୍ରବିନ୍ଦୁ ପାଲଟି ଯାଇଥିବା ପର୍ଯ୍ୟଟନସ୍ଥଳୀ ତଥା ଆଧ୍ୟାତ୍ମିକତାର କେନ୍ଦ୍ରବିନ୍ଦୁ ସ୍ୱାମପାଟଣା ଦ୍ୱାଦଶ ଜ୍ୟୋର୍ତିଲିଙ୍ଗ ବାବା ପରମେଶ୍ୱର ମନ୍ଦିର ରେ ଆଜି ମକର ସଂକ୍ରାନ୍ତି ଅବସରରେ ଭକ୍ତଙ୍କ ସୁଅ ଛୁଟିଥିଲା । ଆଜି ସୂର୍ଯ୍ୟ ନାରାୟଣଙ୍କ ଉତ୍ତରାୟଣ ଠାକୁରଙ୍କୁ ପୂଜା କରିବାକୁ ଏକ ଅତ୍ୟନ୍ତ ଶୁଭ ଦିନ ମନେକରି ପ୍ରତ୍ୟେକ ବର୍ଷ ପରି ଏ ବର୍ଷ ମଧ ବିଶେଷ ଭାବେ ସ୍ୱାମପାଟଣା ତଥା ଏହାର ଆଖପାଖ ଅଞ୍ଚଳ ଏବଂ କେନ୍ଦୁଝର ଜିଲ୍ଲା ତଥା ଛତିଶଗଡ, ୱେଷ୍ଟବେଙ୍ଗଲ, ଝାରଖଣ୍ଡ ରାଜ୍ୟରୁ ପ୍ରାୟ ୧୦ ହଜାର ରୁ ଉର୍ଦ୍ଧ ସଂଖ୍ୟାର ଶିବଭକ୍ତ ପୂଜାଅର୍ଚ୍ଚନା କରିଥିବା ଦେଖିବାକୁ ମିଳିଛି । ପ୍ରତ୍ୟକ ଦିନ ପରି ଆଜି ମଧ ଭୋର ୫ ଘଟିକା ସମୟରେ ମଙ୍ଗଳ ଆଳତୀ ଓ ୫.୩୦ ସମୟରେ ଜଳାଭିଷେକ କରାଯାଇ ୧୬ଶ ଉପଚାରରେ ସମସ୍ତ ଦେବଦେବୀ ଯଥା-ଦ୍ୱାଦଶ ଜ୍ୟୋତିଲିଙ୍ଗ ୧-ସୋମନାଥ ୨- ମଲ୍ଲିକାର୍ଜୁର୍ଣ୍ଣ ୩-ମହାକାଳେଶ୍ୱର ୪-ଓଁ କାଳେଶ୍ୱର ୫-କେଦାରନାଥ ୬-ଭୀମ ଶଙ୍କର ୭-ବିଶ୍ୱନାଥ ୮-ତ୍ରୀୟ ମୁକେଶ୍ୱର ୯-ବୈଦ୍ୟନାଥ ୧୦-ନାଗେଶ୍ୱର ୧୧-ରାମେଶ୍ୱର ୧୨-ଘୃଷ୍ଣେଶ୍ୱର ମହାଦେବ, ମହାପ୍ରଭୁ ଜଗନ୍ନାଥ, ବୋଳଭଦ୍ର, ଶୁଭଦ୍ରା, ସୁଦର୍ଶନ ମହାରାଜ, ମା ତାରିଣୀ, ମା ମଙ୍ଗଳା,ଶ୍ରୀ ଲକ୍ଷ୍ମୀ , ପ୍ରଭୁ ସଂକଟ ମୋଚନ ହନୁମାନ, ବରଦା ଗଣେଷ,ସୂଯ୍ୟାଦି ନବଗ୍ରହ ସମସ୍ତ ଦେବା ଦୋଙ୍କୁ ମନ୍ଦିରର ମୁଖ୍ୟ ପୂଜକ ଧର୍ମାନନ୍ଦ ମିଶ୍ର,ସ୍ମୃତିରଞ୍ଜନ ରଥ ଏବଂ ସହକର୍ମୀ ସୁଜିତ କୁମାର ଦାଶ, ଶରତ ଆଚାର୍ଯ୍ୟ, ରାମଚନ୍ଦ୍ର ଦାସ,ସୂର୍ଯ୍ୟନାସୁ ଦାଶ, ନଳିନୀକାନ୍ତ ଆଚାର୍ଯ୍ୟ,ଲକ୍ଷ୍ମୀକାନ୍ତ ପଣ୍ଡା,ସୌଭାଗ୍ୟ ରଞ୍ଜନ ପଣ୍ଡା,ଦୁର୍ଯ୍ୟଧନ ଦିକ୍ଷୀତ,ବିନାୟକ ଆଚାର୍ଯ୍ୟ,ସୁରେନ୍ଦ୍ର ମିଶ୍ର,ପ୍ରମୋଦ କୁମାର ମିଶ୍ର,ସତ୍ୟାନନ୍ଦ ପଣ୍ଡା ପ୍ରମୁଖ ପୂଜକ ପୂଜାଅର୍ଚ୍ଚନା କରିଥିଲେ । କେନ୍ଦୁଝର ଜିଲ୍ଲାରେ ଆସ୍ଥାର ଅନ୍ୟ ଏକ କେନ୍ଦ୍ର ବିନ୍ଦୁ ପାଲଟି ଯାଇଥିବା ଏହି ମନ୍ଦିରର ଖ୍ୟାତି ଓଡିଶାର କୋଣ ଅନୁକୋଣରେ ବ୍ୟାପିଯାଇଛି । ମନ୍ଦିରର ସୁନ୍ଦର କାରୁକାର୍ଯ୍ୟ ସହିତ ପ୍ରକୃତିର ମନୋରମ ଦୃଶ୍ୟ, ବୈତରଣୀ ନଦୀକୂଳରେ ନିର୍ମିତ ଅନୁସୟା ତୀର୍ଥଘାଟ ଏହାକୁ ଏକ ପର୍ଯ୍ୟଟନ ସ୍ଥଳୀ ଭାବେ ଦର୍ଶକଙ୍କ ମନକୁ ସର୍ବଦା ଟାଣି ଆଣିଥାଏ ।ଜଣେ ଭକ୍ତ ଥରଟିଏ ଏଠାକୁ ଆସି ଦ୍ୱାଦଶ ଜ୍ୟୋର୍ତିଲିଙ୍ଗ ସହିତ ମହାପ୍ରଭୁ ଜଗନ୍ନାଥ, ବୋଳଭଦ୍ର, ଶୁଭଦ୍ରା, ସୁଦର୍ଶନ ମହାରାଜ, ମା ତାରିଣୀ, ମା ମଙ୍ଗଳା,ଶ୍ରୀ ଲକ୍ଷ୍ମୀ , ପ୍ରଭୁ ସଂକଟ ମୋଚନ ହନୁମାନ, ବରଦା ଗଣେଷ,ସୂଯ୍ୟାଦି ନବଗ୍ରହ ସମସ୍ତ ଦେବା ଦୋଙ୍କୁ ଦର୍ଶନ କଲେ ଆଉ ଥରେ ଏଠାକୁ ନ ଆସି ରହି ପାରେ ନାହିଁ । ଏହାର ଅନ୍ୟ ଏକ କାରଣ ମାଆ । ଆଦିଗଙ୍ଗା ବୈତରଣୀ ନଦୀ ଏବଂ ଏଠାରେ ନିର୍ମିତ ଅନୁସୂୟା ତୀର୍ଥଘାଟରେ ଘଣ୍ଟା ଘଣ୍ଟା ବୈତରଣୀ ନଦୀର ଶୀତଳ ବାଆ । ମନକୁ ବହୁତ ଶାନ୍ତି ପ୍ରଦାନ କରୁଥିବା ଦର୍ଶକ ମାନେ ପରିପ୍ରକାଶ କରିଥାନ୍ତି । ମନ୍ଦିରର କାରୁକାର୍ଯ୍ୟ ବେଘ ସମ୍ପ୍ରସାରଣ ଭକ୍ତଙ୍କ ଲାଗି ବହୁତ ଆନନ୍ଦ ଦାୟକ ଥିଲା, ମନ୍ଦିରର ମୁଖ୍ୟ କାରୁକାର୍ଯ୍ୟ ଦେଖି ପଦଟିଏ ମନେ ପଡେ ଦେଖି ଏ ମନ୍ଦିର ଚାରୁଶିଳ୍ପ କଳା ମୁଗ୍ଧ ପ୍ରାଣରେ ଭାବନ୍ତି ଧନ୍ୟ ଧନ୍ୟ ସେଇ ବଦାନ୍ୟ ଭକ୍ତ ଏ ମନ୍ଦିର ତୋଳିଛନ୍ତି, କହନ୍ତି କେତେକ ଏ ମନ୍ଦିର ତୋଳି ସେ ହୋଇଛନ୍ତି ଅମର ଗାଉଥିବେ ଲୋକେ ତାଙ୍କ ଯଶୋ କୀର୍ତ୍ତି ଥିବାଯାଏ, ଏ ମନ୍ଦିର କ୍ଷବାବା ପରମେଶ୍ୱର ଟ୍ରଷ୍ଟ ବୋର୍ଡର ମୁଖ୍ୟଟ୍ରଷ୍ଟି ଶ୍ରୀମନ୍ତ କୁମାର ତ୍ରିପାଠୀ ସମସ୍ତ ଭକ୍ତଙ୍କର ଦର୍ଶନ ପରେ ପ୍ରସାଦସେବନ କାର୍ଯ୍ୟ ତଦାରଖ କରୁଥିଲେ, ଏଥିରେ ଟ୍ରଷ୍ଟର ବିଶିଷ୍ଟ ମେମ୍ବର ଯଥା -ଶ୍ରୀଯୁକ୍ତ ଅରବିନ୍ଦ ଦାଶ,ଶିବପ୍ରସାଦ ମିଶ୍ର,ଅଜୁଭଞ୍ଜ, ଅଲକ ପଣ୍ଡାଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା । ଆଇନ ଶୃଙ୍ଖଳା ପରିସ୍ଥିତି କୁ ପାଟଣା ଥାନା ଭାରପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ନିୟନ୍ତ୍ରଣ ହୋଇଥିବା ବେଳେ ସ୍ଥାନୀୟ ଅନେକ ସ୍ୱେଚ୍ଛାସେବି ମନ୍ଦିରରେ ସେବା ଦେଇଥିବା ଦେଖିବାକୁ ମିଳିଛି ।

# ଜିଲ୍ଲା ସ୍ତରୀୟ ଏକତା ପଦଯାତ୍ରା ଅନୁଷ୍ଠିତ

ଖୋର୍ଦ୍ଧା, ୧୭।୧:(ମନ୍ଥନ)ଆଜି ପୂର୍ବାହ୍ନରେ ଜିଲ୍ଲା ସ୍ତରୀୟ ବିଶାଳ ଏକତା ପଦଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଆରମ୍ଭ ହୋଇ ପୌର ପରିଷଦ ଜୟୀ ରାଜଗୁରୁ ଟାଉନ୍ ହଲ୍ ପର୍ଯ୍ୟନ୍ତ ଦେଶପ୍ରେମ ସଙ୍ଗୀତ ବାଦନରେ ପହଞ୍ଚିଥିଲା । ରାଜ୍ୟ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ଓ ଜିଲ୍ଲା ପ୍ରଶାସନ ମିଳିତ ଆନୁକୁଲ୍ୟରେ ଏବଂ ଜିଲ୍ଲା କ୍ରୀଡ଼ା ଅଧିକାରୀ ଗୀତାଞ୍ଜଳି ପଣ୍ଡା ଙ୍କ ପରିଚାଳନାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ଏହି ଏକତା ପଦଯାତ୍ରାକୁ ଅତିରିକ୍ତ ଜିଲ୍ଲାପାଳ, ପ୍ରଶାସନ, ଶ୍ରୀ ପ୍ରତାପ ଚନ୍ଦ୍ର ବେଉରା ସବୁଜ ପତାକା ଦେଖାଇ ପଦ ଯାତ୍ରାର ଶୁଭାରମ୍ଭ କରିଥିଲେ । ସମ୍ମାନିତ ଅତିଥି ଭାବେ ବ୍ଲକ୍ ଉନ୍ନୟନ ଅଧିକାରୀ, ଶ୍ରୀମତୀ କ୍ଷୀରାବ୍ଧୀ ତନୟା ସାହୁ, ଡେପୁଟୀ କଲେକ୍ଟର, ଜରୁରୀ, ଶ୍ରୀତପା ମିଶ୍ର, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ଜିଲ୍ଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ,ବି ଜେ ବି ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶ୍ରୀ ବିଭୁ ପ୍ରସାଦ ସେନାପତି , ବିଭିନ୍ନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟ ଶିକ୍ଷକ ଶିକ୍ଷୟତ୍ରୀ, କ୍ରୀଡ଼ା ବିତ, ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ପଦଯାତ୍ରା ରେ ଯୋଗଦେଇ ଆନନ୍ଦ ଉଲ୍ଲାସ ସହକାରେ ଜୟୀ ରାଜଗୁରୁ ଟାଉନ୍ ହଲ୍ ଠାରେ ପହଞ୍ଚିଥିଲେ । ଜୟୀ ରାଜଗୁରୁ ଟାଉନ୍ ହଲ୍ ଠାରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ ବର୍ଷ ଜନ୍ମ ଜୟନ୍ତୀ ପୂର୍ତ୍ତି ଉପଲକ୍ଷେ ଯୁବକ ଯୁବତୀ ମାନଙ୍କୁ ଏକତା ମନ୍ତ୍ରରେ ଅଭି ମନ୍ତ୍ରିତ କରି ସର୍ଦ୍ଦାର ଙ୍କ ଜୀବନାଦର୍ଶରେ ଅନୁପ୍ରାଣିତ ହେବା ଉପଲକ୍ଷେ



ଯୁବ ଉତ୍ସବ ଆୟୋଜିତ କରାଯାଇଥିଲା । ଉକ୍ତ ସମାରୋହ କୁ ଅତିରିକ୍ତ ଜିଲ୍ଲାପାଳ, ପ୍ରଶାସନ, ଶ୍ରୀ ପ୍ରତାପ ଚନ୍ଦ୍ର ବେଉରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀଜଗନ୍ନାଥଙ୍କ ବିଗ୍ରହ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରି ନିଜ ଅଭିଭାଷଣରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଜଣେ ମହାନ ରାଷ୍ଟ୍ର ନାୟକ ଥିଲେ, ଭାରତର ବିଖଣ୍ଡିତ ଭୁଖଣ୍ଡକୁ ଏକତ୍ରିତ କରି ଅଖଣ୍ଡ ଭାରତ ନିର୍ମାଣ ରେ ସେ ଯେଉଁ ନିଃସ୍ୱାର୍ଥପର ତ୍ୟାଗ ତାହା ତାଙ୍କୁ ଚୀର ସ୍ମରଣୀୟ କରି ରଖିବ ବୋଲି ପ୍ରକାଶ କରିଥିଲେ । ସମାରୋହ କୁ ସମ୍ବୋଧିତ କରି ଶ୍ରୀ ବେଉରା ନିଜ ଅଭଭାଷଣରେ ଆହୁରି କହିଲେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଶ୍ରୀରାମଚନ୍ଦ୍ର, ସ୍ୱାମୀ ବିବେକାନନ୍ଦ, ରାମକୃଷ୍ଣ ପରମହଂସ ଭଳି ଜଣେ ମହାନ୍ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ । ଛାତ୍ର ଛାତ୍ରୀ ମାନେ ସର୍ଦ୍ଦାର ପଟେଲ ଙ୍କ ଜୀବନୀ ପଢ଼ି ରାଷ୍ଟ୍ରୀୟ ଏକତା ଅଖଣ୍ଡତା ବଜାୟ ରଖିବା ସହ ନିଜ ମଧରେ ଥିବା ପ୍ରଚଣ୍ଡ ସମ୍ବଳ ଶକ୍ତିକୁ ଜାଗ୍ରତ କରି ଶୃଖଳିତ ଭାବେ ବ୍ୟକ୍ତିତ୍ୱର ବିକାଶ ଘଟାଇ ଜଣେ ଜଣେ ଭାସ୍କୋଡା ଗାମା ଭଳି ବୈଜ୍ଞାନିକ ହେବା ସହ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅନୁଯାୟୀ ରାଷ୍ଟ୍ର, ରାଜ୍ୟ, ଜିଲ୍ଲା, ସମାଜ, ନିଜ ପରିବାର ଓ ନିଜର ଭବିଷ୍ୟତ ଗଠନ କରି ବିଶ୍ୱରେ ଏକ ଭାରତ, ଆତ୍ମନିର୍ଭର ଭାରତ ସହ ବିକଶିତ ଓଡ଼ିଶା ଓ ବିକଶିତ ଭାରତ ନିର୍ମାଣ ର ଭିଜନ କୁ ସାକାର କରିବା କୁ ଆହ୍ୱାନ ଦେଇଥିଲେ । ଜିଲ୍ଲା କ୍ରୀଡା ଅଧିକାରୀ ଗୀତାଞ୍ଜଳି ପଣ୍ଡା ଙ୍କ ପୋରହିତ୍ୟରେ ଅନୁଷ୍ଠିତ ସାଧାରଣ ସଭାରେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ଜିଲ୍ଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ, ମନୋବିଜ୍ଞାନୀ ଶ୍ରୀମତୀ ଶ୍ୱେତା ଅଗ୍ରୱାଲା ଯୋଗଦେଇଥିବା ବେଳେ ଡେପୁଟି କଲେକ୍ଟର, ଜରୁରୀ, ଶ୍ରୀତପା ମିଶ୍ର ଏକତା ପଦଯାତ୍ରା ର ଉଦେଶ୍ୟ ଆଭିମୁଖ୍ୟ ଉ ାପନ କରି ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ । ପରେ ଅମ୍ରିତମ ବିଦ୍ୟାଳୟମ୍ ର ବ୍ୟାଣ୍ଡ ବାଜା ପରିବେଷଣ, ଖେଳ ଇଣ୍ଡିଆ, ତାପଙ୍ଗ, କେନ୍ଦ୍ର ଦ୍ୱାରା ଯୋଗଭ୍ୟାଷ, କରାଟେ ପ୍ରଦର୍ଶନୀ, କ୍ରିଷ୍ଣା ଅଧିକାରୀଙ୍କ ଦ୍ୱାରା ନମଚକ୍ ପ୍ରଦର୍ଶନୀ, ସୁସ୍ମିନ ପାଲଟା ସିଂ ଙ୍କ ଦ୍ୱାରା କାଟା ପ୍ରଦର୍ଶନୀ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଗୀତାଞ୍ଜଳି ପଣ୍ଡା ଏବଂ ଯୁଡୋ ଖେଳାଳି ରୋହିତ ଦାସଙ୍କ ଦ୍ୱାର ଜୁଡୋ ପ୍ରଦର୍ଶନୀ, ଶ୍ୱେତା ଅଗ୍ରୱାଲାଙ୍କ ଦ୍ୱାରା ଆଇସ୍ ବ୍ରେକିଂ, ରାଜେଶ ସାହୁଙ୍କ ନୃତ୍ୟ ପରିବେଷଣ, ପର୍ବତ ଚଢ଼ାଳି ତାରାକାନ୍ତ ପରିଡ଼ାଙ୍କ ଦ୍ୱାରା ଦଉଡିରେ ପର୍ବତ ଆରୋହଣ ଏବଂ ଅଜୟ ପଣ୍ଡାଙ୍କ ଦ୍ୱାରା ସୁସ୍ଥ ଶରୀର ଗଠନ ପ୍ରଦର୍ଶନୀ ଉଚକୋଟିର ହୋଇଥିଲା । ଅନ୍ୟ ମାନଙ୍କ ମଧ୍ୟରେ ସମ୍ମାନୀୟ ଗଣ ମାଧ୍ୟମ ପ୍ରତିନିଧି ବୃନ୍ଦ ଯୋଗଦେଇଥିଲେ ।

# ଶିଶୁ ସାହିତ୍ୟିକ ତଥା ଗୀତିକବି କ୍ଷୀରୋଦ ଚନ୍ଦ୍ର ପୋଥାଳଙ୍କ ଶ୍ରାଦ୍ଧୋତ୍ସବରେ ଶ୍ରଦ୍ଧାଞ୍ଜଳି

ମାହାଙ୍ଗା, ୧୭।୧:(ମନ୍ଥନ)ମାହାଙ୍ଗା ନିର୍ବାଚନୀ ମଣ୍ଡଳୀ ଅର୍ନ୍ତଗତ ଗୋପପୁର ଗ୍ରାମରେ ପ୍ରଖ୍ୟାତ ଶିଶୁ ସାହିତ୍ୟିକ ତଥା ଗୀତିକବି କ୍ଷୀରୋଦ ଚନ୍ଦ୍ର ପୋଥାଳଙ୍କ ୧୫ଶ ଶ୍ରାଦ୍ଧୋତ୍ସବ ଅବସରରେ ଶରତକର ଓ ଅନିମାକର ଫାଉଣ୍ଡେସନ ପକ୍ଷରୁ ପୂଜ୍ୟପୂଜା ପରମ୍ପରା କ୍ରମେ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି । ଏହି ଉପଲକ୍ଷେ ଆୟୋଜିତ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ଫାଉଣ୍ଡେସନ କୃଷି ଉତ୍କର୍ଷ କେନ୍ଦ୍ରର ଅନ୍ୟତମ ସଂଯୋଜକ ତଥା ଯୁବସଂଗଠକ ସୁଭେନ୍ଦୁ କୁମାର ସାମଲଙ୍କ ତତ୍ତ୍ୱାବଧାନରେ ଗୋପପୁର ଗ୍ରାମସ୍ଥିତ କବିଙ୍କ ପ୍ରତିମୂର୍ତ୍ତିରେ ଧୂପ, ଦୀପ, ପୁଷ୍ପର୍ଘ୍ୟ ଅର୍ପଣ କରାଯାଇଥିଲା । ବୟୋଜ୍ୟେଷ୍ଠ ମୂରବୀ ରାମଚନ୍ଦ୍ର ମହାପାତ୍ର, ଡଃ. ଏକାଦଶୀ ପ୍ରଧାନ, ଜନମଙ୍ଗଳର ସଭାପତି ପ୍ରମୋଦ କୁମାର ଦାଶ , ସ୍ତମ୍ଭକାର ବିବେକାନନ୍ଦ ଦାସ, ସାମ୍ବାଦିକ ବିଜୟ କୁଅଁର, ଦେବବ୍ରତ ପଣ୍ଡା , କୁଳମଣି ସାହୁ ପ୍ରମୁଖ ଦିବଂଗତ ସାରସ୍ୱତ ପ୍ରତିଭା କ୍ଷୀରୋଦ ଚନ୍ଦ୍ର ପୋଥାଳଙ୍କ ସ୍ମୃତିଚାରଣ କରିବା ସହିତ ତାଙ୍କ ଶିଶୁ ସାହିତ୍ୟ ଓ ଗୀତିକବିତା ରଚନାରେ ଓଡ଼ିଆ ସାହିତ୍ୟ ଋଦ୍ଧିମନ୍ତ ହୋଇଛି ବୋଲି ମତବ୍ୟକ୍ତ କରିଥିଲେ । ଫାଉଣ୍ଡେସନ୍‌ର ଅଧ୍ୟକ୍ଷ ତଥା ସମାଜସେବୀ ଶୋଭନ କରଙ୍କ ପ୍ରତ୍ୟକ୍ଷ ପ୍ରେରଣାରେ ମାହାଙ୍ଗା ସମେତ ଓଡ଼ିଶାର ବିଭିନ୍ନ ପ୍ରାନ୍ତରରେ ଏଭଳି ପ୍ରତିଭା ପୂଜା କାର୍ଯ୍ୟକ୍ରମ ଆୟୋଜିତ ହେଉଥିବାରୁ ତାଙ୍କୁ ସଭାରେ ଭୂୟସି ପ୍ରଶଂସା କରାଯାଇଥିଲା ।

# ପୂର୍ତ୍ତ ବିଭାଗ ରାସ୍ତା କାର୍ଯ୍ୟରେ ୬୦ରୁ୭୦ଭାଗ ହୋଇଥିବା ସ୍ୱୀକାର କଲେ କନିଷ୍ଠ ଯନ୍ତ୍ରୀ

ମାହାଙ୍ଗା, ୧୭।୧:(ମନ୍ଥନ)ମାହାଙ୍ଗା ବ୍ଲକର ସାଲେପୁର ପୂର୍ତ୍ତବିଭାଗ ଅଧିନରେ ନିଶ୍ଚିନ୍ତକୋଇଲି -ଲଳିତଗିରି ରାସ୍ତାର ଗୋତରା ଠାରୁ ଉମର ରଥଦାଣ୍ଡ ସହିତ ବେହେରାସାହି ପର୍ଯ୍ୟନ୍ତ ଆନୁମାନିକ ୨୫ଲକ୍ଷ ଟଙ୍କାର କାର୍ଯ୍ୟର ୧୨୫୦ମିଟିର ପିଚୁ କାର୍ଯ୍ୟ କରାଯାଇଥିଲା । ଯାହା ଅତି ନିମ୍ନମାନର ବୋଲି ପୂର୍ବରୁ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଜନଶୁଣାଣି ପୋର୍ଟାଲରେ ମୁଖ୍ୟମନ୍ତ୍ରୀ ଓ ଜିଲ୍ଲାପାଳ କଟକ ନିକଟରେ ବି ଅଭିଯୋଗ କରାଯାଇଥିଲା । ଏ ନେଇ ଗତ ୧୫ତାରିଖ ଦିନ ପୂର୍ତ୍ତ ବିଭାଗର କନିଷ୍ଠ ଯନ୍ତ୍ରୀ ସୁରେଶ ନାୟକ, ୱାର୍କ ସରକାର ଚନ୍ଦ୍ରମଣି ବେହେରା ରାସ୍ତା କାର୍ଯ୍ୟ ମାପ କରିବାକୁ ଆସିଥିବା ସମୟରେ ଗ୍ରାମବାସୀମାନେ ସେମାନଙ୍କୁ ଅଟକାଇ ରାସ୍ତା ନିମ୍ନମାନର ହୋଥିବା ପ୍ରଶ୍ନ ଉ ାପନ କରିଥିଲେ । ଯାହା ଫଳରେ ବିଭଗର ଜେ.ଇ ମାନିଥିଲେ ଯେ ରାସ୍ତାର କାର୍ଯ୍ୟରେ ୬୦ରୁ ୭୦ଭାଗ ଖରାପ ହୋଇଥିବାରୁ ଏ ସଂପର୍କରେ ସେ ଉପରିସ୍ତ ଅଧିକାରୀଙ୍କୁ ଜଣାଇବା ସହିତ ରଥଦାଣ୍ଡ କାର୍ଯ୍ୟ ସଂପୂର୍ଣ୍ଣ ରୂପେ ପିଚୁ କରାଯିବ ବୋଲି ଗ୍ରାମବାସୀଙ୍କୁ ପୋଲିସ ଉପସ୍ଥିତିରେ ଲେଖିତଭାବେ ଜଣାପଡିଛି । ଏଠାରେ ପ୍ରଶ୍ନ ଉଠେ ରାସ୍ତାରେ ପିଚୁ କାର୍ଯ୍ୟଚାଲିଥିଲା ବେଳେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଉପସ୍ଥିତ ରହିଥିଲେ କି ନାହିଁ? ନିମ୍ନମାନର ରାସ୍ତା କାର୍ଯ୍ୟପାଇଁ ଦାୟୀ କିଏ, ତଦାରଖ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ର ନା ଠିକାଦାର ? ଏ ସଂପର୍କରେ ବିଭାଗୀୟ ମନ୍ତ୍ରୀ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ଠିକାଦାରଙ୍କୁ କଳାତାଲିକା ଭୁକ୍ତ କରିବାକୁ ସର୍ବସାଧାରଣରେ ଦାବି ହେଉଛି ।



# ୨୦୨୫/୨୬ଖରିଫ ଧାନ କିଣା ବିକା ନିମନ୍ତେ ସମନ୍ୱୟ ବୈଠକ



ପିପିଲି,୧୭।୧:(ମନ୍ଥନ)ପିପିଲି ଓ ଡେଲାଙ୍ଗ ବ୍ଲକରେ ୨୦୨୫/୨୬ ଖରିଫ ଧାନକିଣା ବିକା ନିମନ୍ତେ ସମନ୍ୱୟ ବୈଠକ ଆଜି ଦୁର୍ଗାଦାସ ପୁର ଗ୍ରାମ ପଞ୍ଚାୟତ ର କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥିଭାବେ ପିପିଲି ନିର୍ବାଚନ ମଣ୍ଡଳୀର ବିଧାୟକ ଆଶ୍ରିତ ପଟ୍ଟନାୟକ ଯୋଗ ଦେଇ ଡେଲାଙ୍ଗ-ପିପିଲି ର ଚାଷୀମାନେ ସେମାନଙ୍କର ଧାନ ଯେପରି ସୁରୁଖୁରୁରେ ମଣ୍ଡିରେ ବିକିପାରିବ ସେଥିପ୍ରତି ଗୁରୁତ୍ୱ ଦେବାକୁ ଅନୁରୋଧ କରିଥିଲେ ଡେଲାଙ୍ଗ-ପିପିଲି ଅଞ୍ଚଳର କୌଣସି ଚାଷୀ ଧାନ ବିକିବାରୁ ବଞ୍ଚିତ ହେବା ସମସ୍ୟାକୁ ନେଇ ଡେଲାଙ୍ଗ-ପିପିଲି ନିର୍ବାଚନ ମଣ୍ଡଳି ବାହାରେ ଯେପରି ବଦନାମ ନହୁଏ ସେଥିପ୍ରତି ଦୃଷ୍ଟି ଦେବାକୁ ଅନୁରୋଧ କରିଥିଲେ । ଏହି ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ପିପିଲି ବିଡ଼ିଓ ସରୋଜ କୁମାର ରାଉତ, ଡେଲାଙ୍ଗ ବିଡ଼ିଓ ସମୀର କୁମାର ବେହେରା, ପିପିଲି ତହସିଲଦାର ହୃଷିକେଶ ତ୍ରିପାଠୀ, ପୁରୀ ମ୍ୟୁନିସିପାଲଟିର ସହକାରୀ ଯୋଗାଣ ଅଧିକାରୀ ଜି ପ୍ରଶନ ରାଓ, ସମବାୟ କ୍ଷେତ୍ର ଅଧିକାରୀ ଡେଲାଙ୍ଗ ଅସିତ କୁମାର ସାହୁ, ପିପିଲି ର ଦିଲୀପ କୁମାର ବେହେରା, ଯୋଗାଣ ନିରୀକ୍ଷକ ପିପିଲି ଦୀପ୍ତି ରଞ୍ଜନ ଇନ୍ଦ୍ରସିଂ, ଡେଲାଙ୍ଗର ଚୁନିମଣି ସାହୁ, ଏବଂ ପିପିଲିର ଅତିରିକ୍ତ ତହସିଲଦାର ଆଦି ମଞ୍ଚାସିନ ଥିଲେ ଡେଲାଙ୍ଗ ଏବଂ ପିପିଲି ବ୍ଲକର ପ୍ରାଥମିକ ସେବା ସମବାୟ ସମିତିର ସମ୍ପାଦକ , ମଣ୍ଡି ର ନୋଡାଲ ଅଧିକାରୀ, ମଣ୍ଡି ର ସୁପର ଭାଇଜିଙ୍ଗ ଅଧିକାରୀ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଏବଂ ମିଲର ମାନେ ଏହି କାର୍ଯ୍ୟକ୍ରମ ରେ ଯୋଗ ଦେଇଥିଲେ ପିପିଲି ବ୍ଲକ କର୍ମଚାରୀ ସାରଦା ପ୍ରଧାନ ମଞ୍ଚ ପରିଚାଳନା କରିଥିବାବେଳେ ପିପିଲି ବ୍ଲକ ଆତ୍ମା ଅଧକ୍ଷ ସୁବୋଧ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

## ବେଆଇନ୍ ବାଲି ଚାଲାଣ

# ବାଲି ବୋଝେଇ ଟ୍ରାକ୍ଟର ଜବତ,ଡ୍ରାଇଭର ଅଟକ

କୋଣାର୍କ, ୧୭।୧:(ମନ୍ଥନ) କୋଣାର୍କ ଥାନା ଅନ୍ତର୍ଗତ ତଥା କାକଟପୁର ତହସିଲ ଅଧିନ ଅବଦାନ ପଞ୍ଚାୟତ ଗୁହାଳପୁର ଗ୍ରାମରୁ ବେନିୟମ ଭାବେ ଦୈନିକ ଲଗାତାର ବାଲି ଚୋରା ଚାଲାଣ ବେଳେ ଶନିବାର ସନ୍ଧ୍ୟାରେ ଟ୍ରାକ୍ଟରକୁ ମାଡ଼ି ବସି ଜବତ କଲେ ତହସିଲ ପ୍ରଶାସନ । ସୁଚନା ଅନୁଯାୟୀ ଦୀର୍ଘ ବର୍ଷ ଧରି ସ୍ଥାନୀୟ ଅଞ୍ଚଳର ବାଲି ମାଫିଆ। ମାନେ ଦୈନିକ ଟ୍ରାକ୍ଟର ସାହାର୍ଯ୍ୟରେ ବେଆଇନ୍ ଭାବେ ସରକାରୀ ଜମିରୁ ବାଲି ଚୋରା ଚାଲାଣ କରୁଥିବା ବାରମ୍ବାର ଅଭିଯୋଗ ହୋଇ ଆସୁଥିଲା । ଏନେଇ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ସହିତ ଗ୍ରାମବାସୀ ଓ ପରିବେଶପ୍ରେମୀ ମାନେ ଉଦବେଗ ପ୍ରକାଶ କରିଥିଲେ । ଏପରିକି ଟ୍ରାକ୍ଟର ବାଲି ଚୋରା ଚାଲାଣ କାରଣରୁ ୫୦ଏକର ଜମିରୁ ଲକ୍ଷ ଲକ୍ଷ ଟ୍ରିପ୍ ବାଲି ଚୋରା ଚାଲାଣ ହୋଇଛି ଏବଂ ଲକ୍ଷ ଲକ୍ଷ ଟଙ୍କାର ଅଧିକ ମୂଲ୍ୟର ଗ୍ରାମ କଂକ୍ରିଟ ରାସ୍ତା ଓ ପିଚୁ ରାସ୍ତା ନଷ୍ଟ ହେଇଗଲାଣିୟ କୁଜି ନେତାଙ୍କ ଇଙ୍ଗିତରେ ମିଳିମିଶି ବାଲି ଚୋରା ଚାଲାଣ କରୁଥିଲେ ବାଲି ମାଫିଆ। ବାରମ୍ବର ଅଭିଯୋଗ ପରେ ତହସିଲ ପ୍ରଶାସନ ଘଟଣା ସ୍ଥଳରେ ପହଞ୍ଚିଲା ବେଳକୁ ଟ୍ରାକ୍ଟର ଫେରାର ହୋଇ ଯାଆନ୍ତି । ଶନିବାର ବାଲି ଘାଟରେ ୪ ଟି ଟ୍ରାକ୍ଟର ବାଲି ନେଉଥିବା କୌଣସି ସୂତ୍ରରୁ ଖବର ପାଇ ତହସିଲଦାର ଅଙ୍କିତା ଆନନ୍ଦିତାଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ତହସିଲଦାର ନିରଞ୍ଜନ ପାତ୍ର, ଚିତ୍ରେଶ୍ରୀ ଆରଆଇ ରବୀନ୍ଦ୍ର କୁମାର ବାରିକ ଓ କର୍ମଚାରୀ ପ୍ରମୋଦ କୁମାର ନାୟକ ପ୍ରମୁଖ ଚଡ଼ାଉ କରି ଏକ ବେଆଇନ୍ ବାଲି ବୋଝେଇ ଟ୍ରାକ୍ଟର ଜବତ କରିଥିଲେ । ଯେଉଁ ଗାଡିର ଇଞ୍ଜିନ ନମ୍ବର୍ ବିହୀନ ଥିବା ବେଳେ ଟ୍ରଲିରେ ଓଡି - ୧୩ - ଏଫ୍ - ୦୮୭୪ ଲେଖା ଥିବା ଦେଖିବାକୁ ମିଳିଛି । ଅନ୍ୟ ୩ଟି ଟ୍ରାକ୍ଟର ବାଲି ଡାଳି ଅନ୍ଧାରରେ ଘଟଣା ସ୍ଥଳରୁ ପଳାଇ ଥିବା ସୂଚନା ମିଳିଛି । ଏନେଇ ଜିଲ୍ଲା ଖଣିଜ ଅଧିକାରୀ ଓ କୋଣାର୍କ ଥାନା ଅଧିକାରୀଙ୍କୁ ସୂଚନା ଦିଆଯାଇଥିଲା । କୋଣାର୍କ ପୋଲିସ ସୂଚନା ପାଇଁ ରଇତିସାହି ଗ୍ରାମ ନିକଟରୁ ଟ୍ରାକ୍ଟର ଜବତ କରି କୋଣାର୍କ ଥାନାକୁ ନେଇଛି । ଗାଡି ଡ୍ରାଇଭରକୁ ଥାନାରେ ଅଟକ ରଖାଯାଇଛି । ଦୀର୍ଘ ଦିନ ହେବ ଏପରି ବାଲି ଚୋରା ଚାଲାଣ କରୁଥିବା କାରଣରୁ ଅଧିକରୁ ଅଧିକ ଚାଲାଣ କଟାଯିବ ବୋଲି କାକଟପୁର ତହସିଲଦାର ଅଙ୍କିତା ଆନନ୍ଦିତା ସୂଚନା ଦେଇଛନ୍ତି ।



# ମଧୁସାଗର ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ

କେନ୍ଦ୍ରାପଡ଼ା,୧୭।୧:(ମନ୍ଥନ)ଭାଗବତପୁର ଗ୍ରାମପଞ୍ଚାୟତ ଅନ୍ତର୍ଗତ ବାଲିଆସ୍ଥିତ ବୀଣାପାଣି ସଂଗୀତସଦନ ପରିସରରେ ମଧୁସାଗର ମହୋତ୍ସବ କମିଟି ସମ୍ପାଦକ ମଦନମୋହନ ବେହେରାଙ୍କ ଆବାହକତ୍ୱ ଏବଂ ସଭାପତି ଡାକ୍ତର ବିଶ୍ୱପ୍ରକାଶ କାନୁନଗୋଙ୍କ ଅଧ୍ୟକ୍ଷତାରେ ୨୦୨୬ ମଧୁସାଗର ମହୋତ୍ସବ ପାଇଁ ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ମାର୍ଚ୍ଚମାସ ୯,୧୦ ଓ ୧୧ତାରିଖ ୩ଦିନ ଧରି ମଧୁସାଗର ମହୋତ୍ସବ କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ପରବର୍ତ୍ତୀ ସମୟରେ ସ୍ଥାନୀୟ ଜନପ୍ରତିନିଧିମାନଙ୍କୁ ନେଇ ମହୋତ୍ସବର ରୂପରେଖ ସ୍ଥିର ପାଇଁ ପୁନର୍ବାର ବୈଠକ କରାଯିବାକୁ ସ୍ଥିର କରାଗଲା। କମିଟି ଉପସଭାପତି ଭାବେ ଶରତ କୁମାର ସ୍ୱାଇଁ ଓ ଡ. ମୁରଲୀଧର ରଥଙ୍କୁ ଗ୍ରହଣ କରାଗଲା। ପ୍ରଶାନ୍ତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକାରୀ ସଭାପତି ପ୍ରମୋଦ କୁମାର ସାହୁ, କୋଷାଧ୍ୟକ୍ଷ ନାରାୟଣ ସ୍ୱାଇଁ, ନାଟ୍ୟଗୁରୁ ଶରତ ଚନ୍ଦ୍ର ପଣ୍ଡା, ପ୍ରାଣକୃଷ୍ଣ ସାମଲ, ବିଜୟ କୁମାର ମିଶ୍ର, ସଦସ୍ୟ କିଶୋର ଚନ୍ଦ୍ର ମଲ୍ଲିକ, ଶରତ କୁମାର ସ୍ୱାଇଁ, ଜୀତେନ୍ଦ୍ର କୁମାର ମହାନ୍ତି, ନଗେନ୍ଦ୍ର ରାଉତ, ଜିତେନ୍ଦ୍ର ପ୍ରସାଦ ପାଗଳ, ଅକ୍ଷୟ କୁମାର ରାଉଳ, ବସନ୍ତ କୁମାର ଜେନା, ରତାଦିଆଖଣ୍ଡସାହି ସରପଞ୍ଚ ଶିଶିର କୁମାର ସାମଲ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।




# ଶିଶୁ ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶିକାଙ୍କ ଧାମନଗର ଗ୍ରସ୍ତ ଓ ସମୀକ୍ଷା

ଧାମନଗର,୧୭।୧:(ମନ୍ଥନ)ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଶିଶୁ ସ୍ୱାସ୍ଥ୍ୟ ନିର୍ଦ୍ଦେଶିକା ଧାମନଗର ପରିଦର୍ଶନ କରି ରୋଗୀ ମାନଙ୍କର ବିଭିନ୍ନ ସମସ୍ୟା ଓ ସୁବିଧା ଅସୁବିଧା ପଚାରି ବୁଝିବା ସହିତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଚାରିପାର୍ଶ୍ୱର ପରିବେଶ,ସୁରକ୍ଷା ଓ ସ୍ୱଚ୍ଛତା କିପରି ଅଛି ବୁଲି ଦେଖିବା ସହ ଏକ ବୈଠକରେ ସମୀକ୍ଷା କରିଛନ୍ତି । ଏହି ସମୀକ୍ଷା ବୈଠକରେ ଧାମନଗର ଭାରପ୍ରାପ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡାକ୍ତର ମାଝି ମାଝୀଙ୍କ ଅଧ୍ୟକ୍ଷତାରେ ରାଜ୍ୟ ଶିଶୁ ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶିକା ଡାକ୍ତର ଅନିନ୍ଦିତା ପଟ୍ଟନାୟକ(କନସଲଟାଣ୍ଟ ଶିଶୁ ସ୍ୱାସ୍ଥ୍ୟ),ଡାକ୍ତର ସନ୍ଦିପନା ପତି (ଯୁଗ୍ମ ନିର୍ଦ୍ଦେଶିକା ତାଲିମ),ଡାକ୍ତର ଊର୍ମିଳିପି ଗୁଣବନ୍ତା ବିଭାଗ ମୁଖ୍ୟ ଭୁବନେଶ୍ୱରରୁ ଧାମନଗର ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ କରି ରୋଗୀ ମାନଙ୍କୁ ଉତ୍ତମ ସେବା ଯୋଗାଇ ଦେବା,ଔଷଧ ସୁବଣ୍ଟନ କରିବା,ଏକସ୍ରେ,ମେଡିକାଲ ଡାକ୍ତର ସମସ୍ୟା,ଷ୍ଟାଫ ରହିବା ପାଇଁ କ୍ୱାଟର ସମସ୍ୟା,ପରିବେଶକୁ ଭଲଭାବରେ ସଫାସୁତୁରା ରଖିବା ଇତ୍ୟାଦି ବିଷୟରେ ଗୁରୁତ୍ୱ ଆରୋପ କରିଥିବା ବେଳେ ବିଭାଗର କାଗଜପତ୍ର ଯାଞ୍ଚ କରି ଅଧିକାରୀଙ୍କୁ ସଚେତନ ରହିବା ପାଇଁ ପରାମର୍ଶ ଦେଇଥିଲେ । ଏହି ପରିଦର୍ଶନ ସମୟରେ ଡାକ୍ତର ହିମାଂଶୁ ନାଥ,ରାକେଶ ଦାସ,ସୁବ୍ରତ ବରାଳ,ମଧୁଶ୍ରୀ ସାହୁ,ଦିବ୍ୟଜ୍ଞାନ ନାୟକ,ଆୟୁଷ ଡାକ୍ତର ସଞ୍ଜୟ କୁମାର ହୁଇଁ,ଡାକ୍ତର ଶ୍ରୀମାଧବ ସେଠୀ ଭଦ୍ରକରୁ ରାଜେଶ କୁମାର ଆଚାର୍ଯ୍ୟ (ଏ.ପି.ଏମ)ସୁଶାନ୍ତ କୁମାର ମହାପାତ୍ର (ଟିଭି ରୋଗ ବିଶେଷଜ୍ଞ)ପ୍ରମୁଖ ଉପସ୍ଥିତ ରହି ଆଲୋଚନା ଅଶଂଗ୍ରହଣ କରିଥିବା ସମସ୍ତ କାର୍ଯ୍ୟ ଉପରେ ସନ୍ତୋଷ ପ୍ରକାଶ କରିଥିଲେ ବୋଲି ଅଧିକାରୀ ମାଝି ମାଝୀ ସୂଚନା ଦେଇଛନ୍ତି । ପ୍ରକାଶ ଥାଉକି ଏହି ସ୍ୱାସ୍ଥ୍ୟ ନିର୍ଦ୍ଦେଶିକାଙ୍କ ଗ୍ରସ୍ତକୁ ଆଖିଆଗରେ ରଖି ସ୍ୱାସ୍ଥ୍ୟ ବିଭାଗର ସମସ୍ତ ଅଧିକାରୀ,ଅଧିକାରିଣୀ ଓ କର୍ମଚାରୀ ଡ୍ରେସ୍ କୋଟରେ ସଜାଗ ରହିଥିବା ପରିଲକ୍ଷିତ ଦେଖାଦେଇଥିଲା ।



# ଅଭିଭାବକ ଓ ଶିକ୍ଷକ ଶିକ୍ଷୟିତ୍ରୀ ବୈଠକ

ଡେଲାଙ୍ଗ,୧୭।୧:(ମନ୍ଥନ)ରାଜ୍ୟ ଗଣଶିକ୍ଷା ବିଭାଗର ନିର୍ଦ୍ଦେଶକ୍ରମେ ଅଭିଭାବକ ଶିକ୍ଷକ ଶିକ୍ଷୟିତ୍ରୀ ବୈଠକ ଡେଲାଙ୍ଗ ହାଟ ସନ୍ନିକଟ ଡେଲାଙ୍ଗ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ୨୦୨୫/୨୬ ଶିକ୍ଷା ବର୍ଷର ୪ର୍ଥ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଭୟ ଚରଣ ସାହୁଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଏଥିରେ ପରିଚାଳନା କମିଟି ଅଧ୍ୟକ୍ଷ ପ୍ରମୋଦ କୁମାର ସେଠୀ, ସଭ୍ୟ ଜିତେନ୍ଦ୍ର ସେଠୀ, ସଭ୍ୟା ଶକ୍ତିମୟୀ ପରିଡା ,ନଜମା ବିବି,ପ୍ରମୋଦ ମଲ୍ଲିକ ଓ ଅନ୍ୟମାନେ ଆଲୋଚନାରେ ଅଂଶଗ୍ରହଣ କରି ନିଜ ନିଜର ମତ ଦେଇଥିଲେ । ପ୍ରଧାନ ଶିକ୍ଷକ ଶ୍ରୀ ସାହୁ ଅଭିଭାବକ ମାନଙ୍କୁ ସ୍ୱାଗତ କରି ବିଦ୍ୟାଳୟ ଶିକ୍ଷାର ଗୁଣାତ୍ମକ ବିକାଶ ବିଭିନ୍ନ ଦିଗ ଉପରେ ପରାମର୍ଶ ଦେଇଥିଲେ। ପ୍ରଧାନ ଶିକ୍ଷକଙ୍କ ସହ ଶିକ୍ଷକ ଟିକେଇ ଦଳାଇ,ମାନସ ରଞ୍ଜନ ସ୍ୱାଇଁ,ଅଜୟ କୁମାର ପ୍ରଧାନ, ପାପ୍ପିନ୍ ପ୍ରଧାନ, ସତ୍ୟଭାମା ବେହେରା, ରୋଜାଲିନ୍ ମହାରଣା ପ୍ରମୁଖ ଆଗକୁ ଆସୁଥିବା ୫ମ ,୮ମ ବାର୍ଷିକ ପରୀକ୍ଷାର ନୂତନ ଢାଞ୍ଚା , ସମାପ୍ତି ସୂଚକ ଆକଳନ ୧ କୁ ଦୃଷ୍ଟି ଦେଇ ସମାପ୍ତି ସୂଚକ ଆକଳନ -୨ ପାଇଁ ଶିଶୁ ବାଟିକାରୁ ୮ମ ପର୍ଯ୍ୟନ୍ତ ପ୍ରସ୍ତୁତି, ଭିନ୍ନ କ୍ଷମ ଛାତ୍ର ଛାତ୍ରୀଙ୍କ ପାଇଁ ଉପଲବ୍ଧ ସୁବିଧା, ବାଲ୍ୟ ବିବାହ ମୁକ୍ତ,ପଢିବା ଗଢିବା, ବିଦ୍ୟାଳୟ ପରିବେଶକୁ କୁକୁର ମୁକ୍ତ କରିବା ବର୍ଣ୍ଣଳୀ, ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ,ଚାପମୁକ୍ତ ପାଠ ପଢା ଆଦି ବିଭିନ୍ନ ଦିଗ ଉପରେ ଆଲୋଚନା ସହ ଏଥିରେ ଅଭିଭାବକ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ । ଶିକ୍ଷୟିତ୍ରୀ ପ୍ରିୟଭମା ସାହୁ ସମସ୍ତଙ୍କୁ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।



# ରେସଓ୍ୱା ସ୍ୱଳ୍ପରହଣୀ କେନ୍ଦ୍ର ଅନ୍ତେବାସୀଙ୍କୁ ଶୀତବସ୍ତ୍ର ବଣ୍ଟନ

କେନ୍ଦ୍ରାପଡ଼ା,୧୭।୧:(ମନ୍ଥନ)କେନ୍ଦ୍ରାପଡା ଭି.ଆଇ.ପି. ରୋଡ ସନ୍ନିକଟରେ ଅବସ୍ଥିତ ରେସଓ୍ୱା ସ୍ୱଳ୍ପରହଣୀ କେନ୍ଦ୍ରର ଅନ୍ତେବାସୀମାନଙ୍କୁ ସମାଜସେବୀ ସ୍ୱର୍ଗତା ନନ୍ଦିତା ବ୍ରହ୍ମାଙ୍କ ସ୍ମୃତିରେ ଡାକ୍ତର ସୁଧିର କୁମାର ବ୍ରହ୍ମା ଶୀତବସ୍ତ୍ର(ଶାଲ) ପ୍ରଦାନ କରିଛନ୍ତି। ଏହି ଉପଲକ୍ଷେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ଜିଲ୍ଲା ପ୍ରତିଭା ପୂଜା ସଂସଦ ସଭାପତି ପ୍ରଦିପ କୁମାର ମହାନ୍ତି ସ୍ୱର୍ଗତା ବ୍ରହ୍ମା ବିଗତ ଦିନରେ କିପରି ଗରିବ ନିଷ୍ପେସିତ ଲୋକଙ୍କୁ ସାହାଯ୍ୟର ହାତ ବଢାଉଥିଲେ ତାହା ବର୍ଣ୍ଣନା କରିଥିଲେ। ଏହି କାର୍ଯ୍ୟକ୍ରମରେ ସମବାୟବୀତ ରଣଧୀର ଜେନା, କବି ଅବନ୍ତୀ ବେହେରା, ଚିତ୍ତରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ମିନତୀ ମହାରଣା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଡେଲାଙ୍ଗ ମଣ୍ଡଳ କାର୍ଯ୍ୟାଳୟରେ ରାଷ୍ଟ୍ରଗୀତ ବନ୍ଦେ ମାତରମ୍ ର ୧୫୦ ତମ ଉତ୍ସବ ପାଳନ

ଡେଲାଙ୍ଗ,୧୭।୧:(ମନ୍ଥନ)ଡେଲାଙ୍ଗ ମଣ୍ଡଳ ଉନ୍ନୟନ କାର୍ଯ୍ୟାଳୟ ପରିସରରେ ଭାରତ ମାତାର ରାଷ୍ଟ୍ରଗୀତ ବନ୍ଦେ ମାତରମ୍ ର ୧୫୦ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଡେଲାଙ୍ଗ ବ୍ଲକ ଅଧ୍ୟକ୍ଷା ବାସନ୍ତୀ ସାହୁ,ଗୋଷ୍ଠୀ ଉନ୍ନୟନ ଅଧିକାରୀ ସମୀର ବେହେରା, ମଣ୍ଡଳ ଶିକ୍ଷା ଅଧିକାରୀ ଶତ୍ରୁଘ୍ନ ବେହେରା,ସହ ଶିକ୍ଷା ଅଧିକାରୀ ଲକ୍ଷ୍ମଣ ପ୍ରଧାନ, ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ନୀଳଶୈଳ ସ୍ୱାଇଁ ପ୍ରମୁଖ ଯୋଗଦେଇ ଦେଶ ମାତୃକାର ଜୟଗାନ ପରିପ୍ରେକ୍ଷୀରେ ଆମ ଦେଶ ପାଇଁ ରାଷ୍ଟ୍ର ଗୀତ ବନ୍ଦେ ମାତରମ୍ ର ଗୁରୁତ୍ୱପୂର୍ଣ୍ଣ ଭୂମିକା ଓ ପୃଷ୍ଠଭୂମି ଉପରେ ଆଲୋକପାତ କରି ଛାତ୍ର ଛାତ୍ରୀ ମାନଙ୍କୁ ଦେଶପ୍ରେମ ଉପରେ ଉପଦେଶ ଦେଇଥିଲେ । କୃତି କ୍ରୀଡା ଶିକ୍ଷକ ସୂର୍ଯ୍ୟ ନାରାୟଣ ଜେନା ମଞ୍ଚ ସଂଯୋଜନା କରିଥିଲେ । ଆୟୋଜିତ ସମ୍ମିଳନୀରେ ସମବେତ ବନ୍ଦେ ମାତରମ୍ ଗାନ ଓ ଶପଥ ପାଠ କରାଯାଇଥିଲା । ଏଥିରେ ଡେଲାଙ୍ଗ ମଣ୍ଡଳର ପ୍ରାଥମିକ, ଉଚ୍ଚ ପ୍ରାଥମିକ, ମାଧମିକ ଓ ଉଚ୍ଚ ମାଧମିକ ବିଦ୍ୟାଳୟର ଗୀତ, ଚିତ୍ରାଙ୍କନ, ବକ୍ତୃତା ପ୍ରତିଯୋଗିତାର ୪୫୦ ଜଣ କୃତିତ୍ୱ ଧାରୀଙ୍କୁ ପୁସ୍ତକ ଓ ପ୍ରମାଣପତ୍ର ଦିଆଯାଇ ପୁରସ୍କୃତ କରାଯାଇଥିଲା ।

# ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ

ଡେଲାଙ୍ଗ,୧୭।୧:(ମନ୍ଥନ)ଡେଲାଙ୍ଗ ବ୍ଲକ ଅନ୍ତର୍ଗତ ଅମାଳଙ୍ଗ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷକ ସୂର୍ଯ୍ୟକାନ୍ତ ନାୟକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଶିକ୍ଷକ ସଂଘ ସମ୍ପାଦକ ପ୍ରଶାନ୍ତ ଦାସ ଏଥିରେ ସଭାପତିତ୍ୱରେ କରିଥିଲେ । ବିଦ୍ୟାଳୟର କ୍ରିଡ଼ା ଶିକ୍ଷକ ସୀତାକାନ୍ତ ରାଉତରାୟ ମଞ୍ଚ ପରିଚାଳନା କରିଥିଲେ ।ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଦୀପକ କୁମାର ସାହୁ, ମୁଖ୍ୟବକ୍ତା ଅବସରପ୍ରାପ୍ତ ସୁନାମ ଧନ୍ୟ ଶିକ୍ଷକ ନିରଞ୍ଜନ ସାହୁ ସମ୍ମାନୀତ ଅତିଥି ଭାବେ ସହ ଶିକ୍ଷା ଅଧିକାରୀ ସୁଷମା ଦାଶ ଓ ସଂଯୁକ୍ତା ମିଶ୍ର , ପ୍ରାକ୍ତନ ପ୍ରଧାନ ଶିକ୍ଷୟିତ୍ରୀ ମମତା ପଣ୍ଡା ଯୋଗ ଦେଇ ଭଲ ମଣିଷ ହୋଇ ନିଜକୁ ଗଢି ତୋଳିବାକୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ଚଳିତ ବର୍ଷର ବିଦ୍ୟାଳୟରୁ ରାଜ୍ୟସ୍ତରୀୟ ଖୋ-ଖୋ, କବାଡିରେ ଭାଗ ନେଇଥିବା ୧୫ ଜଣ କୃତି ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା । ବିଦ୍ୟାଳୟର ସହ ଶିକ୍ଷୟିତ୍ରୀ କୁନିମଣି ମଲ୍ଲିକ, ଅନିତା ବେହେରା, ଶିକ୍ଷକ ଦେବାଶିଷ ପ୍ରଧାନ, କମିଟି ସଭାପତି ବିଜୟ କୁମାର ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।




# ସାମାଜିକ ସୁରକ୍ଷା ପେନସନ ସମ୍ପର୍କିତ କ୍ୟାମ୍ପ ଅନୁଷ୍ଠିତ

ମାଲକାନଗିରି,୧୭।୧:(ମନ୍ଥନ)ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଅନ୍ତର୍ଗତ କର୍ତ୍ତନ ପାଲ୍ଲୀ ପଂଚାୟତ ରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ବିଭାଗ ନିର୍ଦ୍ଦେଶ କ୍ରମେ, ମାଥିଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଙ୍କ ତତ୍ତ୍ୱାବଧାନ ରେ ଏକ ସାମାଜିକ ସୁରକ୍ଷା ପେନସନ ସମ୍ପର୍କିତ କ୍ୟାମ୍ପ ଅନୁଷ୍ଠିତ ହେଇଥିଲା । ଏହି କ୍ୟାମ୍ପରେ ବୃଦ୍ଧାଭତ୍ତା, ବିଧବା ଭତ୍ତା ଓ ଦିବ୍ୟାଙ୍ଗ ପେନସନ ସମ୍ପର୍କିତ ସମସ୍ୟା ଓ ଆବେଦନଗୁଡ଼ିକୁ ଯାଞ୍ଚ କରାଯାଇଥିଲା । ଏହି କ୍ୟାମ୍ପ ରେ ଅନେକ ଯୋଗ୍ୟ ଲାଭାର୍ଥୀ ହିତାଧିକାରୀ ମାନେ କ୍ୟାମ୍ପରୁ ଉପକୃତ ହୋଇଥିଲେ । ଏଥିରେ ମାଥିଲି ଗୋଷ୍ଠି ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ସଞ୍ଜୟ କୁମାର ସାମଲ, ସ୍ଥାନୀୟ ଭଦ୍ର ବ୍ୟକ୍ତି କିମ୍ୱା ସ୍ଥାନୀୟ ସରପଞ୍ଚ ଶ୍ରୀମତୀ ଗୁରୁ ନାୟକ,ସୁରଜକାନ୍ତ ମହାରଣା, ଜଗନ୍ନାଥ ବଟେ, ପିଇଓ ଶୁଭଲକ୍ଷ୍ମୀ ସ୍ୱାଇଁ, ବାବୁଲା ପଡିଆମୀ, ସ୍ଥାନୀୟ ପ୍ରଶାସନ ଓ ଗ୍ରାମବାସୀ ଙ୍କ ସହଯୋଗ ପ୍ରକାରେ କାର୍ଯ୍ୟକ୍ରମଟି ଲକଙ୍କ ହିତକର ପାଇଁ ଯେଉଁ ପେନସନ ପାଇବାକୁ ଥିବା ହିତାଧିକାରୀ କେମିତି ବଂଚିତ ନ ହୁଅନ୍ତୁ ସେ ଉପରେ ଧାରଣା ଦେଇଥିଲେ ।



# ଶାନ୍ତିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ଲାଟିନମ ଜୁବିଲି ଉତ୍ସ ଉଦଘାଟିତ



ଜଳେଶ୍ୱର,୧୭।୧:(ମନ୍ଥନ)୧୯୫୧ ମସିହାରେ ପ୍ରତିଷ୍ଠା କରା ଯାଇଥିବା ଶାନ୍ତିଆ। ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଆୟୋଜିତ ପ୍ଲାଟିନମ ଜୁବିଲି ଉତ୍ସବକୁ ୧୬ ତାରିଖ ଶୁକ୍ରବାର ପୂର୍ବାହ୍ନରେ ବିଦ୍ୟାଳୟ ପରିସରରେ ବାଲେଶ୍ୱରର ପୂର୍ବତନ ସାଂସଦ ଇଂଜିନିୟର ରବିନ୍ଦ୍ର କୁମାର ଜେନା ଯୋଗ ଦେଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଜୁବିଲି କମିଟିର ସଭାପତି ସିତାଂଶୁ ସେନାପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉଦ୍ଘାଟନୀ ସଭାରେ ପୂର୍ବତନ ସାଂସଦ ଇ.ଜେନା କହିଥିଲେ ଯେ ଇଂରେଜ ମାନେ ଦୀର୍ଘ ଦୁଇ ଶହ ବର୍ଷ ଧରି ଭାରତ ବର୍ଷକୁ ଶାସନ କରିଥିବା ବେଳେ ଅର୍ଥନୈତିକ ଓ ଶିକ୍ଷା କ୍ଷେତ୍ରରେ ଭାରତକୁ ଦୁର୍ବଳ କରି ରଖିଥିଲେ । ଇଂରେଜ ମାନେ ଗୁରୁକୁଳ ବ୍ୟବସ୍ଥାକୁ ଭାଙ୍ଗି ଦେଇ ପାଶ୍ଚାତ୍ୟ ଶିକ୍ଷା ବ୍ୟବସ୍ଥା ପ୍ରଚଳନ କରିଥିଲେ । ଇ .ଜେନା ଏହି ବିଦ୍ୟାଳୟରେ ପଢୁଥିବା ଛାତ୍ର ଛାତ୍ରୀ ମାନଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ । ଏହି ସଭାରେ ବରେଣ୍ୟ ଅତିଥି ଭାବେ ଜଳେଶ୍ୱର ପୌରପାଳିକାର ନଗରପାଳ ପ୍ରତୀପ କୁମାର ପ୍ରଧାନ କହିଥିଲେ ଯେ ବିଦ୍ୟାଳୟ ହେଉଛି ଚିର ଯୌବନ ଓ ଚିର ।ଏହି ବିଦ୍ୟାଳୟ ଆମ ପାଇଁ ଆଲୋକ ବର୍ତ୍ତିକାୟଏହି ମଞ୍ଚରୁ ଜଳେଶ୍ୱରର ବିକାଶ ପାଇଁ ବାର୍ତ୍ତା ଦେବାକୁ ସେ ଆହ୍ୱାନ କରିଥିଲେ ।କଂଗ୍ରେସ ନେତା ତଥା ସମାଜସେବୀ ସୁଦର୍ଶନ ଦାସ, ଜଳେଶ୍ୱର ବିଇଓ ଜଗବନ୍ଧୁ ଜେନା, ଏବିଇଓ ସୁଶାନ୍ତ କୁମାର ଜେନା ଓ ଜ୍ୟୋସ୍ନା ରାଣୀ ପ୍ରଧାନ, ଶିକ୍ଷାବିତ ଡଃ ଲଳିତ ରଞ୍ଜନ ସେନାପତି,କାର୍ଯ୍ୟକାରୀ ସଭାପତି ଚିତ୍ତରଞ୍ଜନ ସାହୁ,୧୦ନଂ ୱାର୍ଡ କାଉନସିଲର କବିତା ଧଳ,ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଆଦ୍ୟା ଚରଣ ବେହେରା,ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଧରିତ୍ରୀ ଦାସ, ବରିଷ୍ଠ ସଦସ୍ୟ ନଗେନ୍ଦ୍ର କର, ଚୈତନ୍ୟ ଜେନା,ନିତ୍ୟାନନ୍ଦ ଜେନା, ସଞ୍ଜୟ ଦାସ,ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ଜୟନ୍ତୀ କରଣ ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ପ୍ରାରମ୍ଭରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଦିଲ୍ଲୀପ କୁମାର ସେଠୀ ଅତିଥି ମାନଙ୍କୁ ମଞ୍ଚ ଆମନ୍ତ୍ରଣ ଓ ପରିଚୟ ପ୍ରଦାନ କରିଥିଲେ । ଶେଷରେ ସଞ୍ଜୟ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।ଏହି ଅବସରରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଧରିତ୍ରୀ ଦାସ, ସଂଗୀତା ସାହୁ,ଆଦ୍ୟା ଚରଣ ବେହେରା,ରଜତ ଚନ୍ଦ୍ର ଦାସ, ସୁବାସିନୀ ଗିରି ପ୍ରମୁଖଙ୍କୁ ଉତ୍ତରୀୟ, ଉପଢ୍ଢୌକନ ଓ ବୃକ୍ଷ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରାରମ୍ଭରେ ଏହି ବିଦ୍ୟାଳୟର ପୁରାତନ ଛାତ୍ର ଶିଶିର କୁମାର ବ୍ରହ୍ମଙ୍କ ଅକାଳ ବିୟୋଗରେ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା ।

# ଜିଲ୍ଲା ମହୋତ୍ସବରେ ବାଗଦେବୀ କଳାମନ୍ଦିରର ସାଂସ୍କୃତିକ ସନ୍ଧ୍ୟା

କେନ୍ଦ୍ରାପଡ଼ା,୧୭।୧:(ମନ୍ଥନ)କେନ୍ଦ୍ରାପଡାର ପୁରାତନ ସାଂସ୍କୃତିକ ଅନୁଷ୍ଠାନ ବାଗଦେବୀ କଳାମନ୍ଦିରର ଶିଳ୍ପୀମାନଙ୍କ ଦ୍ୱାରା କେନ୍ଦ୍ରାପଡା ମହାବିଦ୍ୟାଳୟ ଖେଳପଡିଆରେ ଅନୁଷ୍ଠିତ ଜିଲ୍ଲା ମହୋତ୍ସବ ଓ ପଲ୍ଲିଶ୍ରୀ ମେଳାର ଉଦଯାପନୀ ଉତ୍ସବରେ ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଯାଇଛି। ସଂଗୀତ ନିର୍ଦ୍ଦେଶକ ସତ୍ୟପ୍ରିୟ ଦାସଙ୍କ ସଂଯୋଜନା ଏବଂ ବାଲିଆ ନୋଡାଲ ଉଚ୍ଚ ବିଦ୍ୟାଳୟ କ୍ରୀଡା ଶିକ୍ଷକ ପଙ୍କଜ କୁମାର ଦାସଙ୍କ ପରିଚାଳନାରେ ଅନୁଷ୍ଠାନର ଶିଳ୍ପୀ ତୃପ୍ତୀ କନିଷ୍କା ଦାସ, ଆରାଧାନାଥ ଶର୍ମା, କୁମକୁମ ନାଥଶର୍ମା, ସୁମିତା କର, ଜଶୋସ୍ୱିନୀ ମହାନ୍ତି, ସାଇଲିପ୍ସା ରାଉତ, ରୋଜାଲିନ ମହାନ୍ତି, ମାମାଶ୍ରୀ ମହାନ୍ତି, ଅନୁରାଧା ରାଉତ ପ୍ରମୁଖ ଓଡିଶାର ପାରମ୍ପରିକ ଭକ୍ତସାଲବେଗଙ୍କ ରଚିତ ଆହେନୀଳ ଶଇଳ ଦଳଗତ ଓଡିଶୀ ନୃତ୍ୟ ଏବଂ ଲୋକକଳା ଉପରେ ଆଧାରିତ ନୃତ୍ୟ ଗୁଡିକ ପରିବେଷଣ କରି ମଞ୍ଚରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିଲେ। କେନ୍ଦ୍ରାପଡାର ସୁନାମଧନ୍ୟ ଭାଇରାଲ ସିଙ୍ଗର ସୁବାସ କୁମାରଙ୍କ କଣ୍ଠରେ ଦେଶାତ୍ମବୋଧକ 'ସନ୍ଦେଶେ ଆତେହେଁ' ଗୀତଟି ମଞ୍ଚରେ ମୁଖ୍ୟ ଆକର୍ଷଣ ଥିଲା। ଜିଲ୍ଲା ସଂସ୍କୃତି ଅଧିକାରୀ ତ୍ରିଭୁବନ ଜୟସିଂ ଏବଂ ସଂଯୋଜକ ରାଜକିଶୋର ରାଉତ ମଞ୍ଚ ପରିଚାଳନା କରିଥିଲେ। ଉଦଯାପନୀ ଉତ୍ସବରେ ଅନୁଷ୍ଠାନର ନୃତ୍ୟଗୁରୁ ବିଶିଷ୍ଟ ଓଡିଶୀ ନୃତ୍ୟଶିଳ୍ପୀ ସଂଗୀତା ଦାସ ଓ ଅନୁଷ୍ଠାନର ଶିଳ୍ପୀମାନଙ୍କୁ ରାଜ୍ୟ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଓ ମହାକାଳପଡା ବିଧାୟକ ଡ. ଦୁର୍ଗା ପ୍ରସନ୍ନ ନାୟକ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ।



ରବିବାର, ୧୮ ଜାନୁଆରୀ ,୨୦୨୬ ଭୁବନେଶ୍ୱର
SUNDAY, 18 JANUARY, 2026, BHUBANESWAR



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ଟ୍ରମ୍ପଙ୍କ ଆଚରଣ

ଟ୍ରମ୍ପଙ୍କ ଆଚରଣ ପରେ ପୃଥିବୀର ଅନେକ ଦେଶ, ବିଶେଷ କରି ୟୁରୋପୀୟ ଦେଶଗୁଡ଼ିକ, ଆତ୍ମ ପ୍ରତ୍ୟୟର ଅନ୍ୱେଷଣ କରିବା ଆରମ୍ଭ କରିଛନ୍ତି; କାରଣ ସେମାନେ ବୁଝିଲେଣି ଯେ ଆମେରିକା ଭଳି ଏକ କ୍ରୁର ଅବଲମ୍ବନ ସେମାନଙ୍କୁ ଦୁର୍ବଳ ଓ ଦାସ କରି ପକାଇଛି। ଗ୍ରୀନଲାଣ୍ଡ ଅଧିକାର ପରିପ୍ରେକ୍ଷୀରେ ଶାନ୍ତିପ୍ରିୟ ଡେନମାର୍କର ଯୁଦ୍ଧଂ ଦେହି ଉଚ୍ଚାଟ ଏହାର ଏକ ଉଦାହରଣ। ରୁଷିଆରୁ ତୈଳ କ୍ରୟରେ ବିରାମ ନ ଘଟାଇଲେ ଭାରତ ଉପରେ ୫୦୦% 'ଟାରିଫ' ଲଗାଯିବାର ଆଶଙ୍କା ଅଚିରେ ବାସ୍ତବରେ ପରିଣତ ହୋଇ ଭାରତ ସକାଶେ ବିପୁଳ କ୍ଷତିର କାରଣ ହେବାକୁ ବସିଥିଲେ ହେଁ କେତେକ ଗଣମାଧ୍ୟମ ସୂତ୍ର ଅନୁସାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ 'ଦେଶ ପ୍ରଥମ' ବା 'ନେସନ ଫାଷ୍ଟ' ବୋଲି ଘୋଷଣା କରି ସାରିଲେଣି। କଟାଶଟିଏ ଅତର୍କିତ ଭାବେ ଝାଂପ ଦେବା ପରେ କପୋତ ଯୂଥ ଯେଉଁଭଳି ବିମୂଢ଼, ବିକ୍ଷିପ୍ତ ଓ ବିଚଳିତ ହୋଇ ଉଠନ୍ତି, ସେହିଭଳି ପରିସ୍ଥିତି ସଂପ୍ରତି ପୃଥିବୀ ସାରା ଦେଖିବାକୁ ମିଳୁଛି; କାରଣ ଡୋନାଲ୍ଡ ଟ୍ରମ୍ପଙ୍କ ଟାରିଫ ଆକ୍ରମଣ ଯେମିତି ଯଥେଷ୍ଟ ନ ଥିଲା, ସେ ବସ୍ତୁତଃ ଏକ ବାସ୍ତବ ଯୁଦ୍ଧର ବିଭୀଷିକା ସୃଷ୍ଟି କରିବାକୁ ବାହାରିଛନ୍ତି, ଯାହା ପୃଥିବୀର ଗତାନୁଗତିକ ଶୃଙ୍ଖଳାକୁ ଧ୍ୱଂସ କରିଦେଇପାରେ। ଭେନେଜୁଏଲା ଉପରେ ଆକ୍ରମଣ କରି ତା'ର କ୍ଷମତାସୀନ ରାଷ୍ଟ୍ରପତିଙ୍କୁ ସସ୍ତ୍ରୀକ ଅପହରଣ କରିନେଇ ଆମେରିକାର ଜେଲରେ ବନ୍ଦୀ କରି ରଖିବା, ସଶସ୍ତ୍ର ଆକ୍ରମଣ ବଳରେ ଗ୍ରୀନଲାଣ୍ଡକୁ ଅଧିକାର କରିବା ନେଇ ପ୍ରସ୍ତୁତି; କାନାଡାର ସାର୍ବଭୌମତ୍ୱକୁ ଲୋପ କରି ଆମେରିକାର ଏକ ପ୍ରଦେଶରେ ପରିଣତ କରିବା ଓ ପାନାମା କେନାଲ ଅକ୍ତିଆର କରି ତା'ର ନାମ ବଦଳାଇବାର ଇଚ୍ଛା, ଅନ୍ତର୍ଘାତ ଜରିଆରେ ଇରାନରେ କ୍ଷମତା ପରିବର୍ତ୍ତନର ଚକ୍ରାନ୍ତ, ତାଇୱାନକୁ ଚୀନ ଠାରୁ ସୁରକ୍ଷା ଦେବାକୁ ମୂଳରୁ ଚୁକ୍ତିବଦ୍ଧ ହୋଇ ଆସିଥିବା ସତ୍ତ୍ୱେ ତାହାର ବିପରୀତରେ ଯାଇ ଚୀନର ଆକ୍ରମଣ ପରିପ୍ରେକ୍ଷୀରେ ବୀତସ୍ପୃହ ରହିବାର ଇଙ୍ଗିତ ଆଦି ହେଉଛି ଏହି ଗଲା ପନ୍ଦର ଦିନ ମଧ୍ୟରେ ପୃଥିବୀ ପ୍ରତ୍ୟକ୍ଷ କରିଥିବା କତିପୟ ଘଟଣା, ଯାହାର ସୂତ୍ରଧର ହେଉଛନ୍ତି ଟ୍ରମ୍ପ। ଗଲା ବର୍ଷକ ମଧ୍ୟରେ ଯେଉଁମାନେ ଟ୍ରମ୍ପଙ୍କୁ ଜଣେ ଆତ୍ମ-ପ୍ରଚାରମନସ୍କ ସ୍ୱାର୍ଥପର ବ୍ୟବସାୟୀ, ଅହଙ୍କାରୀ, ଅବୁଝା ବାଳକ, ଅନ୍ଦାଜ-ଅଯୋଗ୍ୟ ହୁଣ୍ଡା ଏପରିକି ଜଣେ ଜୋକର ବୋଲି ଭାବି ନେଇଥିଲେ, ସେମାନେ ସମସ୍ତେ ଏବେ ସୁନିଶ୍ଚିତ ଓ ସଂତ୍ରସ୍ତ ଯେ ଟ୍ରମ୍ପ ପ୍ରକୃତରେ ହେଉଛନ୍ତି ଜଣେ ଓଲଟ ମସ୍ତିଷ୍କଧାରୀ ଅତ୍ୟନ୍ତ ବିପଜ୍ଜନକ ମନୁଷ୍ୟ, ଯାହାଙ୍କ ଖେଳ ସମଗ୍ର ପୃଥିବୀ ସକାଶେ କାଳ ହେବାକୁ ବସିଛି। ଇତିହାସରୁ ସ୍ପଷ୍ଟ ହୋଇଥାଏ ଯେ ପ୍ରଥମ ଓ ଦ୍ୱିତୀୟ ବିଶ୍ୱଯୁଦ୍ଧର କାଳ ଖଣ୍ଡରେ ଯେଉଁଭଳି ଚରିତ୍ରଧାରୀ ବିଶ୍ୱ ନେତୃତ୍ୱ ଓ ପରିବେଶର ଆବିର୍ଭାବ ଘଟିଥିଲା, ସଂପ୍ରତି ଊଣାଅଧିକେ ସେଭଳି ସ୍ଥିତି ବିଦ୍ୟମାନ। ଉଦାର ଚେତନାର ଅବକ୍ଷୟ ଫଳରେ ଅନେକ ଦେଶର ନେତୃତ୍ୱ ଆତ୍ମ-ମଗ୍ନ ହୋଇ ନିଜ ଦେଶକୁ ଗୋଟିଏ ଗୋଟିଏ ପୃଥକ୍ ଦ୍ୱୀପରେ ପରିଣତ କରିଛନ୍ତି, ୨୦୧୬ ମସିହାରେ 'ବ୍ରେକଜିଟ୍' ଜରିଆରେ ୟୁରୋପୀୟ ସଂଘରୁ ନିଜକୁ ଛିନ୍ନ କରିଥିବା ଗ୍ରେଟ ବ୍ରିଟେନ ଥିଲା ଏହାର ଏକ ଆଦ୍ୟ ଦୃଷ୍ଟାନ୍ତ। 'ବିଶ୍ୱାସର ସଂକଟ' ହେଉଛି ଏହାର ମୁଖ୍ୟ କାରଣ, ଯେହେତୁ ପରିବାର ଠାରୁ ଆରମ୍ଭ କରି ରାଷ୍ଟ୍ର ଏବଂ ଅନ୍ତଃ-ରାଷ୍ଟ୍ର କ୍ଷେତ୍ର ପର୍ଯ୍ୟନ୍ତ ସର୍ବତ୍ର ସମସ୍ତ ବ୍ୟାପାର ବିଶ୍ୱାସ ଉପରେ ହିଁ ଅଧିଷ୍ଠିତ ହୋଇ ଚାଲିଥାଏ। ଏଭଳି ସ୍ଥଳେ ଡୋନାଲ୍ଡ ଟ୍ରମ୍ପଙ୍କ ଆଭିମୁଖ୍ୟ ଓ ଆଚରଣ ବିଶ୍ୱାସ ସଂକଟକୁ ଅଧିକ ଘନୀଭୂତ କରିଛି ଏବଂ ଯୁକ୍ତରାଷ୍ଟ୍ର ଆମେରିକା ପୃଥିବୀର ସର୍ବାଧିକ ଶକ୍ତିଶାଳୀ ରାଷ୍ଟ୍ର ହୋଇଥିବା କାରଣରୁ ସମଗ୍ର ପୃଥିବୀ ସଂପ୍ରତି ଏକ ଅତ୍ୟନ୍ତ ଅସ୍ଥିର ସ୍ଥିତିରେ ! କହିବା ଅନାବଶ୍ୟକ ଯେ ରାଜନୈତିକ ଆଦର୍ଶ, ରଣନୈତିକ ସମ ଦୃଷ୍ଟି, ସାଂସ୍କୃତିକ ସମ ଭାବ ଦ୍ୱାରା ପ୍ରତିଷ୍ଠିତ ଶତ୍ରୁ ବା ମିତ୍ର ଭାବାପନ୍ନ ରାଷ୍ଟ୍ର ନେଇ ଧାରଣା ଟ୍ରମ୍ପଙ୍କ ଆଚରଣ ହେତୁ ସଂପୂର୍ଣ୍ଣ ଧରାଶାୟୀ ହୋଇଛି; ଯହିଁରେ ମିତ୍ର ରାଷ୍ଟ୍ରଗୁଡ଼ିକ ସଂପୂର୍ଣ୍ଣ କିଂକର୍ତ୍ତବ୍ୟବିମୂଢ଼, ଯେମିତି କାନାଡା ବା ଡେନମାର୍କ(ଗ୍ରୀନଲାଣ୍ଡର ଅଧିକାରୀ ରାଷ୍ଟ୍ର)। ପ୍ରକାଶ ଥାଉ କି ଟ୍ରମ୍ପଙ୍କ ନିର୍ଦ୍ଦେଶରେ ଗଲା ମାସକ ମଧ୍ୟରେ ଜାତିସଂଘ ଦ୍ୱାରା ପରିଚାଳିତ ୬୬ଟି ବିଶ୍ୱସ୍ତରୀୟ ସଂଗଠନ ଓ ଅନୁଷ୍ଠାନରୁ ଆମେରିକା ଓହରି ଆସିଲାଣି, ଯାହା ମଧ୍ୟରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନ୍ୟତମ। ଅନେକ ବିଶେଷଜ୍ଞ ଅନୁମାନ କରନ୍ତି ଯେ ଆମେରିକା ଖୁବ୍ ଶୀଘ୍ର ଜାତିସଂଘ ସହିତ ସଂପର୍କ ଛିନ୍ନ କରି ଦେଇ ପାରେ। ଏଭଳି ସ୍ଥିତିରେ ବିଡମ୍ବନାଟି ହେଲା ଦ୍ୱିତୀୟ ବିଶ୍ୱଯୁଦ୍ଧର ଘନଘଟା ପରେ ପୃଥିବୀରେ ଶାନ୍ତି ଓ ଶୃଙ୍ଖଳା ସ୍ଥାପନ କରିବା ଲାଗି ଆମେରିକାର ନେତୃତ୍ୱରେ ହିଁ ଜାତିସଂଘ ସ୍ୱରୂପ ପାଇଥିଲା, ଯାହା ତା'ର କତିପୟ ଦୁର୍ବଳତା ସତ୍ତ୍ୱେ 'ବିଶ୍ୱ ସମୁଦାୟ' ସମ୍ମୁଖରେ ଏକ ବିଶ୍ୱାସଯୋଗ୍ୟ ଓ ପ୍ରଭାବଶାଳୀ ଅନୁଷ୍ଠାନ ରୂପେ ବିଦ୍ୟମାନ। ସେହି ଦୃଷ୍ଟିରୁ ସ୍ୱହସ୍ତ ରଚିତ ଓ ସ୍ୱ-ନେତୃତ୍ୱରେ ପରିଚାଳିତ ଜାତିସଂଘ ଭଳି ବିଶ୍ୱ ସ୍ତରୀୟ ଅନୁଷ୍ଠାନକୁ ପଦାନତ ଓ ପରିହାର କରିବାର ଆଗ୍ରହରେ କେହି କେହି ମସ୍ତିଷ୍କ ବିକୃତିର ଆଭାସ ପାଆନ୍ତି।

# ତ୍ରିବେଣୀ ଅମାବାସ୍ୟା ଓ ଦେବୀ ବିରଜାଙ୍କ ଜୟନ୍ତୀ

## ବିକ୍ରମ କେଶରୀ ବିଶ୍ୱାଳ

ଗଙ୍ଗା, ଯମୁନା, ସରସ୍ୱତୀଙ୍କର ମିଳନ ସ୍ଥଳରେ ମାଧବ ଉପସ୍ଥିତ ଥିବାରୁ ତାକୁ ତ୍ରିବେଣୀ ସଙ୍ଗମ କୁହାଯାଏ । ତାକୁ ସ୍ମରଣ କରିବା ପାଇଁ ଏହି ଅମାବାସ୍ୟାର ନାମ କରଣ କରାଯାଇଅଛି । ସୂର୍ଯ୍ୟମହତି ସ୍ନାନ ଯୋଗ ଯାହା ବୁଝାଏ ସୂର୍ଯ୍ୟ ନାରାୟଣ (ପ୍ରତ୍ୟକ୍ଷ ଦର୍ଶନ ଦେଉଥିବା ଦେବତା)ଙ୍କ ଉଦ୍ଦେଶ୍ୟରେ ସୂର୍ଯ୍ୟୋଦୟ ପୂର୍ବରୁ ଅର୍ଥାତ୍ ୩.୩୦ରୁ ୪ ଟା ମଧ୍ୟରେ ମହୋଦଧିରେ ସ୍ନାନ କିମ୍ବା ନଦୀ ଓ ଝରଣାରେ ସ୍ନାନ କରି ସୂର୍ଯ୍ୟାର୍ଘ୍ୟ ଦେବାର ବିଧି ରହିଛି । କାରଣ ନମସ୍କାର ପ୍ରିୟ ସୂର୍ଯ୍ୟ ଅଳଙ୍କାର ପ୍ରିୟ ବିଷ୍ଣୁ ଜଳ ପ୍ରିୟ ମହାଦେବ ବ୍ରାହ୍ମଣ ଭୋଜନ ପ୍ରିୟ ଯାହା ଶାସ୍ତ୍ର କୁହନ୍ତି । ଓଡ଼ିଶାରେ ରହିଥିବା ପ୍ରମୁଖ ଶକ୍ତିପୀଠ ମଧ୍ୟରେ ମା' ବିରଜାଙ୍କ ଶକ୍ତିପୀଠ ଅନ୍ୟତମ। ଓଡ଼ିଶାର ଯାଜପୁର ଜିଲ୍ଲାରେ ଅବସ୍ଥିତ ମା'ବିରଜାଙ୍କ ମନ୍ଦିର, ଖୁବ୍ ପୁରାତନ ଦେବୀ ମନ୍ଦିର। ଏହି କ୍ଷେତ୍ର ବିରଜାକ୍ଷେତ୍ର ନାମରେ ମଧ୍ୟ ପରିଚିତ। ଏଠାରେ ଦେବୀ ଦ୍ୱିଭୁଜା ଦୁର୍ଗା ରୂପରେ ପୂଜା ପାଆନ୍ତି। ଗୋଟିଏ ଭୂଜରେ ତ୍ରିଶୂଳ ଓ ଅନ୍ୟ ଭୂଜରେ ଦେବୀ ମହିଷାସୁରର ଲାଙ୍ଗୁଳ ଧରିଥିବାର ଦେଖାଯାଏ। ଦେବୀ ନିଜ ମୁକୁଟରେ ଗଣେଶ, ଶିବଲିଙ୍ଗ, ଯୋନି, ନାଗରାଜ ଓ ଅର୍ଦ୍ଧଚନ୍ଦ୍ର ଧାରଣ କରିଥାନ୍ତି। ପୁରାଣ ଅନୁସାରେ ଦେବୀ ସମସ୍ତ ରଜୋଗୁଣକୁ ଧୋଇ ଦେଉଥିବାରୁ ତାଙ୍କର ନାମ ବିରାଜ ହୋଇ ଏହି କ୍ଷେତ୍ରର ନାମ ବିରଜାକ୍ଷେତ୍ର ହୋଇଛି। ମା'ବିରଜା ଏହି ପୀଠରେ ଅଧିଷ୍ଠାତ୍ରୀ ଦେବୀ। ସେ ବିଭିନ୍ନ ସମୟରେ ବିଭିନ୍ନ ବେଶ ହୋଇ ଭକ୍ତମାନଙ୍କୁ ଦର୍ଶନ ଦେଇଥାନ୍ତି। ଏହି ପବିତ୍ର ତ୍ରିବେଣୀ ଅମାବାସ୍ୟା ମା' ବିରଜାଙ୍କ ଜନ୍ମଦିନ।

ମାଘ ମାସର ଅମାବାସ୍ୟାକୁ ତ୍ରିବେଣୀ ଅମାବାସ୍ୟା ବା ମୌନୀ ଅମାବାସ୍ୟା କୁହାଯାଏ। ଏହି ଦିନରେ କୁମ୍ଭମେଳାର ପବିତ୍ର ସ୍ଥାନରେ ବୁଡ଼ ପକାଇବାକୁ ଶ୍ରଦ୍ଧାଳୁମାନେ ଅଧିକ ପସନ୍ଦ କରିଥାନ୍ତି। ଏହି ଦିନରେ ତ୍ରିବେଣୀ ସଙ୍ଗମରେ ସ୍ନାନ ପୂର୍ବକ ମୌନବ୍ରତ ପାଳନ କରାଯାଇଥାଏ। ଜ୍ୟୋତିଷ ଶାସ୍ତ୍ର ଅନୁଯାୟୀ ମକର ସଂକ୍ରାନ୍ତିରେ ସୂର୍ଯ୍ୟ ମକର ରାଶିକୁ ଗମନ କରିଥାନ୍ତି। ଶନି ହେଉଛନ୍ତି ମକରର ସ୍ୱାମୀ ବା ପ୍ରଭୁ ଏବଂ ଚନ୍ଦ୍ରଙ୍କ ବିରୋଧୀ। ମକରରେ ସୂର୍ଯ୍ୟଙ୍କ ଅବସ୍ଥାନ ଦ୍ୱାରା ଶନିଙ୍କ ପ୍ରଭାବ ବୃଦ୍ଧି ପାଇଥାଏ। ଫଳରେ ଚନ୍ଦ୍ର ଦୁର୍ବଳ ହୋଇଥାନ୍ତି। ଚନ୍ଦ୍ରଙ୍କ ଦ୍ୱାରା ଆମର ମନ ଓ ଭାବ ନିୟନ୍ତ୍ରଣ ହେଉଥିବାରୁ ମୌନୀ ଅମାବାସ୍ୟା ଦିନ କଥା କହିବା ଏବଂ ନିଷ୍ପତ୍ତି ନେବାର ଶକ୍ତି ଅପେକ୍ଷାକୃତ ଦୁର୍ବଳ ହୋଇଥାଏ। ତେଣୁ ମୌନୀ ଅମାବାସ୍ୟାରେ ମୌନ ବ୍ରତ ଅବଲମ୍ବନ



କରିବା ଭଲ। ମାଘ ସ୍ନାନ ଦ୍ୱାରା ପୂଣ୍ୟ ଅର୍ଜନ ହୁଏ ବୋଲି ବିଶ୍ୱାସ ରହିଛି। ମୌନୀ ଅମାବାସ୍ୟାରେ ତୀର୍ଥସ୍ଥଳରେ ବୁଡ଼, ଉପବାସ ପାଳନ ଓ ବିଷ୍ଣୁଙ୍କ ପୂଜା ଦ୍ୱାରା ମହାପୂଣ୍ୟ ଲାଭ ହୋଇଥାଏ। ଏହି ଦିନ ଅଶ୍ୱତ୍ଥ ବୃକ୍ଷ ପ୍ରଦକ୍ଷୀଣ କରିବାର ମଧ୍ୟ ବିଧି ରହିଛି। ମକର ମାସ ସାରା ପ୍ରୟାଗର ସଂଗମସ୍ଥଳରେ ହିନ୍ଦୁଭକ୍ତ ଓ ଶ୍ରଦ୍ଧାଳୁମାନେ ସ୍ନାନ, ଦାନ ଓ ପୂଜାର୍ଚ୍ଚନା ବା କଳ୍ପବାସ କରି ମୌନୀ ଅମାବାସ୍ୟାକୁ ଅପେକ୍ଷା କରି ରହିଥାନ୍ତି। ମାସବ୍ୟାପୀ କେତେକ ସାଧୁସନ୍ଥ ଜଳପାନ କରନ୍ତି ଏବଂ ଆଉ କେତେ ଦିନକୁ ଥରେ ହବିଷ ପାଳନ କରନ୍ତି। ଏକଥା ମଧ୍ୟ କୁହାଯାଏ, ସୃଷ୍ଟିର ଆରମ୍ଭରେ ସବୁ ଶାନ୍ତ, ନିରବ ଥିଲା। ତାପରେ ଶବ୍ଦ ସୃଷ୍ଟି ହେଲା ଏବଂ ଏହି ଶବ୍ଦ ଥିଲା ଓଁ ବା ବ୍ରହ୍ମନାଦ। ପ୍ରତ୍ୟେକ ଶବ୍ଦରେ ଶକ୍ତି ରହିଛି। ଏହି ଶକ୍ତି ହିଁ ଚତୁଃପାର୍ଶ୍ୱର ସ୍ଥିତିକୁ ପରିବର୍ତ୍ତନ କରିପାରେ। ମୌନୀ ଅମାବାସ୍ୟାରେ ମୌନ ରହିଲେ ଶରୀରରେ ପ୍ରାଣ ସଞ୍ଚରିତ ହୋଇ ରହେ। ଏହା ଶକ୍ତି ସାମର୍ଥ୍ୟ ପ୍ରଦାନ କରିଥାଏ। ମୌନୀ ଅମାବାସ୍ୟାକୁ ବିରଜା ଅମାବାସ୍ୟା ମଧ୍ୟ କୁହାଯାଏ।

ତ୍ରିବେଣୀ ଅମାବାସ୍ୟା ଦିନ ସ୍ନାନ କରି ନିତ୍ୟକର୍ମ ସାରି ତିଳ, ତିଳଲଡ୍ଡୁ, ତିଳତେଲ, ଅଁଳା ଆଉ ବସ୍ତ୍ର ଆଦି ଦାନ କଲେ ପୁଣ୍ୟଫଳ ପ୍ରାପ୍ତ ହୁଏ ବୋଲି ବିଶ୍ୱାସ କରାଯାଏ। ଏହି ଅମାବାସ୍ୟା ଠାରୁ ଗୋଟିଏ ଦିନ, ଗୋଟିଏ ସପ୍ତାହ, ଗୋଟିଏ ମାସ କି ଗୋଟିଏ ବର୍ଷ ମୌନବ୍ରତ ଧାରଣ କଲେ ମାନସିକ ଓ ଶାରୀରିକ କଷ୍ଟ ନାଶ ହୁଏ। ପବିତ୍ର ତ୍ରିବେଣୀ ସଂଗମ ସ୍ଥଳରେ ସ୍ନାନ କଲେ ହଜାର ରାଜଯଜ୍ଞର ସମାନ ଫଳ ମିଳେ। ସଂଗମସ୍ଥଳରେ ସ୍ନାନ କରିବାର ସୁଯୋଗ ନଥିଲେ ତେବେ ଗୃହ କିମ୍ବା ପୁଷ୍କରିଣୀରେ ଗଙ୍ଗାଜଳ ମିଶ୍ରିତ ପାଣିରେ ସ୍ନାନ ସାରି ସୂର୍ଯ୍ୟଙ୍କୁ ଉପାସନା କରି ଦାନ ଧର୍ମ କଲେ ଦେବତା ଓ ପୂର୍ବ ପୁରୁଷମାନଙ୍କର ଆଶୀର୍ବାଦ ମିଳେ। ଆଉ ଲକ୍ଷେ ବର୍ଷର ପୁଣ୍ୟଫଳ ମିଳେ ବୋଲି ବିଶ୍ୱାସ ରହିଛି। ମୁନି ଋଷିମାନଙ୍କର ମାନ୍ୟତା ଅନୁସାରେ ତ୍ରିବେଣୀ ଅମାବାସ୍ୟାର ବହୁତ ମହତ୍ତ୍ୱ ଅଛି। ମୌନ ଅମାବାସ୍ୟା ଠାରୁ ମହାଶିବରାତ୍ରି ଯାଏ ସେମାନେ ମୌନବତ୍ର ଧାରଣ କରନ୍ତି। ସେମାନେ ମାନନ୍ତି ଯେ, ଯେତେବେଳେ ସୂର୍ଯ୍ୟଚକ୍ର ପୁରା ହେଉଥାଏ ସେତେବେଳେ ସବୁ ଜଳରାଶି ଉପରେ ଏହାର ବହୁତ ପ୍ରଭାବ ପଡ଼ିଥାଏ। ଆମ ଜାଣୁ ଯେ, ମାନବ ଶରୀରର ୭୦ ଭାଗ ଜଳ। ତେଣୁ ସୂର୍ଯ୍ୟଚକ୍ରର ପ୍ରଭାବ ଆମ ଶରୀର ଉପରେ ପଡ଼ିଥାଏ। ଏହି ପବିତ୍ର ଅମାବାସ୍ୟାକୁ ମୌନ ରହି ପାନଳ କଲେ ମନୁଷ୍ୟ ଶରୀରକୁ ବହୁତ ଉପକାର ମିଳିବା ସହ ମାନସିକ ଶାନ୍ତି ମଧ୍ୟ ମିଳିଥାଏ।

ଯାଜପୁର ରୋଡ଼, ଯାଜପୁର, ଦୂରଭାଷ : ୯୯୩୮୫୩୬୦୭୬

# ସାଇ ଆରାଧନା ଚେତନା

## କିଶୋର କୁମାର ଜେନା

ଚିରା ପୋଷାକ ଆମକୁ ସବୁବେଳେ ସ୍ମରଣ କରାଇ ଦିଏ ଯେ ଏହି ଦୁନିଆରେ କିଛି ଚିରନ୍ତନ ନୁହେଁ। ସବୁ ହେଉଛି ଅସ୍ଥାୟୀ। ଠିକ ଆମର ଏହି ପୋଷାକ ପରି। ଜୀବନର ଶେଷ ସମୟରେ ଆମେ କେହି କିଛି ବି ନେଇଯିବା ନାହିଁ। କେବଳ ଆମର ପାପ ପୁଣ୍ୟ ଆମ ସହିତ ଯିବ। ଚିରା ପୋଷାକର ଆଉ ଏକ ମାହାତ୍ମ୍ୟ ହେଉଛି ଯେ ଏହା ସମାଜର ଦରିଦ୍ରତମ ଶ୍ରେଣୀର କଥା ଆମକୁ ମନେ ପକାଇଦିଏ। ଆଜିର ଏହି ଧନାଢ଼୍ୟ ଜଗତରେ ଲକ୍ଷ ଲକ୍ଷ ଦରିଦ୍ର ବାସ କରୁଛନ୍ତି। ସେମାନଙ୍କର ପିନ୍ଧିବା ପାଇଁ ଖଣ୍ଡେ କପଡ଼ା, ରହିବାକୁ ଘର ଏବଂ ଗୋଟିଏ ଓଳି ପାଇଁ ଖାଦ୍ୟ ନାହିଁ। ସରଳ ଭାବେ ଜୀବନ ବିତାଅ, ତାହାଲେ ଅନ୍ୟମାନେ ମଧ୍ୟ ସରଳ ଜୀବନ ବିତାଇବେ। ଉଚ୍ଚ ବିଚାର ଏବଂ ସରଳ ଜୀବନ ସଂପର୍କରେ ସମେତ ବହୁ ମନୀଷୀ କହିଯାଇଛନ୍ତି।

ଏହି କଳିଯୁଗରେ ମଣିଷର ଆବଶ୍ୟକତା ବହୁ ପରିମାଣରେ ବୃଦ୍ଧି ପାଇଛି। ଆମ ଭିତରେ ଥିବା ଉପଭୋଗ, କାମନା ଏବଂ ଲୋଭକୁ ସନ୍ତୋଷ କରିବା ନିମନ୍ତେ ଅସୀମ ପରିମାଣରେ ଦ୍ରବ୍ୟ ଆମେ ଚାହୁଁ। ଏପରିକି ଦ୍ରବ୍ୟର ଆବଶ୍ୟକତା ଥାଉ କି ନଥାଉ ସେଥିରେ କିଛି ଯାଏ ଆସେନାହିଁ। ଆମେ ନିଜ ପାଖରେ ପର୍ଯ୍ୟାପ୍ତ ପରିମାଣରେ ଦ୍ରବ୍ୟ ରଖିବାକୁ ଚାହୁଁ। ନେତ୍ର ଦେଖଇ ଯାହା ଚର୍ତୁଦିଗର ମନ ଚାହେଁ ହେବାକୁ ତାହାର ଅଧିଶ୍ୱର। ଏସବୁକୁ ଉପଭୋଗ କଲେ ମଧ୍ୟ ମାୟାର ଜାଲ ଯୋଗୁଁ ପ୍ରକୃତ ଶାନ୍ତି ଏବଂ



ସନ୍ତୋଷ ଦୂରକୁ ଚାଲିଯାଏ। ମନ ମାନେ ନାହିଁ। ତେଣୁ ଯଥାର୍ଥରେ କୁହାଯାଏ ମାନବ ଜୀବନର ଉଦ୍ଦେଶ୍ୟ, ବଞ୍ଚିବାର ପ୍ରଣାଳୀ ଓ ସାର୍ଥକତା।

ଈଶ୍ୱର ସମସ୍ତଙ୍କୁ ଦୁଃଖ ଏବଂ ସଂକଟ ଦେଇଛନ୍ତି। କେବଳ ତାଙ୍କ ନାମ ଜପ ଦ୍ୱାରା ଆମେ ସୁଖ ଶାନ୍ତି ଏବଂ ମୁକ୍ତି ଲାଭ କରିପାରିବା। ଅନ୍ୟ କିଛି ଏହା ଦେଇପାରିବ ନାହିଁ। ଏହା ସତ୍ୟ ଯେ ଯାହା ସବୁ ବର୍ଣ୍ଣନା କରାଗଲା ତାହା କହିବା ଯେତେ ସହଜ କାର୍ଯ୍ୟରେ କରିବା ସେତେ ସହଜ ନୁହେଁ। କିନ୍ତୁ କୌଣସି କ୍ଷେତ୍ରରେ କୌଣସି ଏକ ଦିନ ଏହା କରିବାକୁ ପଡ଼ିବ। ସନ୍ତୋଷ ଲାଭର ଏହି ଯେଉଁ ମନ୍ତ୍ର ତାହାକୁ କାର୍ଯ୍ୟକାରୀ କରିବାକୁ ପଡ଼ିବ। ଈଶ୍ୱର ଯେଉଁ କାର୍ଯ୍ୟ ନିମନ୍ତେ ଆମକୁ ଏହି ଭବ ସାଗରକୁ ପଠାଇଛନ୍ତି ତାହା ସଂପାଦନ କରିବା ପରେ ଆମକୁ ସନ୍ତୋଷ ପ୍ରାପ୍ତି ନିମନ୍ତେ ଈଶ୍ୱରଙ୍କ ଶରଣାପନ୍ନ ହେବାକୁ ପଡ଼ିବ। ଯେତେ ଶୀଘ୍ର ହେବ ସେତେ ଭଲ। ନିଜକୁ ଭଗବାନଙ୍କର ଅଧୀନ କରିଦେବା, ନିଜର ସ୍ୱତନ୍ତ୍ରତା ଛାଡ଼ି ପରମାତ୍ମାଙ୍କ ସେବକ ହୋଇ ତାଙ୍କରି ଆଜ୍ଞା ଓ ସଙ୍କେତ ଅନୁସାରେ ଜୀବନ କାଟିବା ଦରକାର। ସଂସାରରେ ପୁତ୍ର ମାତା ପିତାଙ୍କର ଶିଷ୍ୟ, ଗୁରୁଙ୍କର, ସ୍ତ୍ରୀ ସ୍ୱାମୀଙ୍କର ଅଧୀନରେ ରହି କର୍ତ୍ତବ୍ୟ ପାଳନ କରିବା ଦ୍ୱାରା ଭଗବାନଙ୍କର ଅଧୀନ ହୋଇପାରିବା। ଭଗବାନଙ୍କ ଅଧୀନ ହୋଇଯିବା ପରେ ତାହା ଠାରେ ପ୍ରାୟ ଭଗବାନଙ୍କର ସମସ୍ତ ଗୁଣର ବିକାଶ ହୋଇଯାଏ। ବାବା ଆଜି ମରଶରୀରରେ ନାହାନ୍ତି ସତ, କିନ୍ତୁ ତାଙ୍କର ଅନୁଗ୍ରହ ଏବେ ମଧ୍ୟ ଭକ୍ତମାନଙ୍କ ନିକଟରେ ଜୀବିତ ହୋଇ ରହିଛି। ଶ୍ରୀ ସତ୍ୟସାଇ ସେବା ସଂଗଠନର ୫୦ତମ ରାଜ୍ୟ ସମ୍ମିଳନୀ ଏବଂ ଦିବ୍ୟ ପାଦୁକା ଯାତ୍ରା ସମାବର୍ତ୍ତନ ମହୋତ୍ସବ ହଜାର ବର୍ଷର ସହର କଟକର ମହାନଦୀ କୂଳ ତଟରେ ଥିବା ବାଲିଯାତ୍ରା ପଡ଼ିଆରେ ଅନୁଷ୍ଠିତ ହେଉଛି। ଶ୍ରୀ ସତ୍ୟସାଇ ବାବା ଯେ, ଅବତାର ତାର ଅବିସମ୍ବାଦି ପ୍ରମାଣ ହେଲା, ତାଙ୍କର ଶକ୍ତି, ଯାହାବଳରେ ସେ ସାରା ସଂସାରରେ ଲକ୍ଷ ଲକ୍ଷ ଲୋକଙ୍କୁ ଆକୃଷ୍ଟ କରି ଧର୍ମମାର୍ଗରେ ନିୟୋଜିତ କରିଛନ୍ତି, ସେହି ଶକ୍ତି ହିଁ ପ୍ରମାଣ କରି ସେ 'ସର୍ବଦେବତା ସ୍ୱରୂପ'। ଭଗବାନ ବାବା ଧରାଅବତରଣ କରିସାରିଲା ପରେ ଏକଦା ଉଦଘୋଷଣ କରି କହିଥିଲେ – 'ନାହଂ ମନୁଷ୍ୟୋ ନ ଚ ଦେବଃ ଯକ୍ଷଃ। ନ ବ୍ରାହ୍ମଣଃ କ୍ଷତ୍ରିୟଃ ବୈଶ୍ୟଃ ଶୂଦ୍ରଃ। ନ ବ୍ରହ୍ମଚାରୀ ନ ଗୃହୀ ନ ବନସ୍ଥଃ। ଅହଂ ସତ୍ୟବୋଧକଃ ସତ୍ୟଂ ଶିବଂ ସୁନ୍ଦରମ୍।'

ଆଇନଜୀବୀ, ବଙ୍ଗାଳିସାହି, କଟକ, ଦୂରଭାଷ : ୭୩୨୫୯୦୪୯୨୭/୭୩୭୭୪୩୯୦୭୭

# କିଣିଖିଆ

## ଉତ୍କଳାନନ୍ଦ ଅଜୟ କୁମାର ବେହେରା

କିଣିଖିଆ କହିଲେ ବୁଝାଉଛି, ଆବଶ୍ୟକ ଦ୍ରବ୍ୟକୁ ନିଜ ଶ୍ରମ ଦ୍ୱାରା ନ ଉପୁଜାଇ ତାହାକୁ ଭିନ୍ନ ଶ୍ରମମାର୍ଗରୁ ରୋଜଗାର କରାଯିବାର ଅର୍ଥରେ ଅନ୍ୟର ଶ୍ରମଲବ୍ଧ ଉଦବୃତ୍ତ ବା ବାଣିଜିକ ଦ୍ରବ୍ୟକୁ ଯେଉଁମାନେ ହାସଲ କରନ୍ତି, ଏବେ ଚାଷୀ ବି କିଣିଖିଆ, ଧାନ ବିକ୍ରିକରିବେ ଚାଉଳ କିଣିବେ, ମୁଗ, ବିରି ଚାଷ ନାହିଁ ଡାଲି ଦରକାର, ପିଠା ପାଇଁ ବିରି ଦରକାର ଏହା କିଣା ହେଉଛି। କାଠ ମିଳୁନାହିଁ ବଢ଼େଇ ଘର କବାଟ, ଚୌକାଠ, ଖଟ, ଖଟୁଲି, କିଣା ଚାଲିଛି। ଗାଈ ପୋଷଣ କାହାରି ନାହିଁ ଦୁଗ୍ଧ, ଘୃତ, ଛେନା କିଣାହେଉଛି। କପା ଚାଷ ଦୁର୍ଲ୍ଲଭ, ସମସ୍ତେ ମୂଲ୍ୟବାନ ସୂତାର ବସ୍ତ୍ର କିଣି ପିନ୍ଧୁଛନ୍ତି, ଆଶ୍ଚର୍ଯ୍ୟ କିଛି ନେତା ଏବେ ବି ଖଦଡ଼ ପିନ୍ଧୁଛନ୍ତି। ସେ କପାଚାଷ କରନ୍ତି ନା ସୂତା କାଟନ୍ତି, ନା ତାଙ୍କ ନିର୍ବାଚନ ମଣ୍ଡଳୀରେ କେଉଁଠି କପାଚାଷ ହେଉଛି, ନା ଠକ ଠକି ତନ୍ତ ତାଙ୍କ ଅଞ୍ଚଳରେ ଚାଲୁଛି। ଦିନେ ଖୋର୍ଦ୍ଧା, ରଗଡ଼ି, ବଡ଼ବାଗ, ଗାମୁଛା ବଜାରରେ ସୁଲଭ ଥିଲା ଏବେ ଅନ୍ୟ ରାଜ୍ୟର ଗାମୁଛା ଧୋତି ଲୋକ ବ୍ୟବହାରରେ ଲାଗୁଛି ତାମିଲନାଡୁ ଏରୋଡ଼ରୁ ଏପରି ଗାମୁା ଆସୁଛି। ସମ୍ବଲପୁରୀ ଶାଢ଼ୀ, ବ୍ରହ୍ମପୁର ପାଟ ପାଇଁ ମୂଳ ସୂତା କେଉଁଠୁ ଆସୁଛି ଲୋକଙ୍କୁ ଜଣା ଅଛିକି କ୍ଷୀରରୁ ଧଳା ଛେନା ଅଂଶ ବଡ଼ ବଡ଼ ମିଲ ମାଲିକ କାରଖାନା ମାଲିକ ଖାଉଛନ୍ତି, ହସ୍ତଶିଳ୍ପ କାରିଗର ଜଳକା, ଏ ରାଜ୍ୟର ଜନତା ଆଉ ସରକାର ଖାଦ୍ୟ ବସ୍ତ୍ରରେ ସ୍ୱୟଂକ୍ରିୟ କେବେ ହେବେ, କ'ଣ ଆମ ରାଜ୍ୟରେ ଏସବୁର ଭିତ୍ତି ଭୂମି ନାହିଁ ଯଦି ଅଭାବ ଏହାକୁ କିଏ କରିବ କେମିତି କରାଯିବ ଏହା ଭାବିବ କିଏ

ଆମର ରାଜ୍ୟର ମୂଲ୍ୟବାନ ଟିଭି କୋଣାର୍କ ଟିଭି କମ୍ପାନୀ ଥିଲା ବହୁ ଲୋକପ୍ରିୟ, ତାକୁ ଚକ୍ରାନ୍ତ କରି ବନ୍ଦ କରିଦିଆଯାଇଛି। ଅନେକ କାରଖାନା ଏପରି ବନ୍ଦ ବିଭିନ୍ନ କାରଣରୁ ବନ୍ଦ। ଜାତୀୟତା କ'ଣ କେମିତି ଆତ୍ମନିର୍ଭରତା କ'ଣ ଏହା ସ୍ୱାଧୀନତାର କେତେ ବର୍ଷରେ ଲୋକଙ୍କ ମୁଣ୍ଡରେ ଆସିବ ସୋରିଷ ଚାଷ, ଗହମ ଚାଷ, ନାହିଁ ପିଆଜ ଚାଷ ଓ ବ୍ୟାପକ ଆଳୁ ଚାଷ ନାହିଁ। ଲୋକେ ଦହିବରା, ବଡ଼ି ଖାଉଛନ୍ତି ବିରି ଚାଷ ନାହିଁ, ହରଡ଼ ଡାଲି ସବୁଦିନେ ଭୋଜନର ଅଙ୍ଗ, କାନ୍ଦୁଲ, ହରଡ଼ ଚାଷ କାହି ଅଭଙ୍ଗା କଣ୍ଢେଇ, ଭିକାରୀ ବାବୁଙ୍କ କୃତି ଥିଲା, ଭିକାରୀ ବାବୁ କଟକିଆ, ଭବିଷ୍ୟତ ପିଲାଙ୍କ ଖେଳନା ତାଙ୍କ ପ୍ରଦର୍ଶିତ ମାର୍ଗରେ ପ୍ରସ୍ତୁତ ହୋଇଥିଲେ ତାହା ନିଶ୍ଚୟ ପିଲାଙ୍କ ମନ ମୋହିଥାନ୍ତି। କିନ୍ତୁ ଆଜି ଚୀନା ଜାପାନୀ ଖେଳନା ରାଜ୍ୟ କ'ଣ ଦେଶ ସାରା ଖୁନ୍ଦି ହୋଇଗଲାଣି ବାଟା ଜୋତା ବି.ଏସ.ସି. ଜୋତା ଲୋକେ ପିନ୍ଧୁ ଥିଲେ ଏବେ ଜୋତା ଚପଲ ରକମ ଦେଖନ୍ତୁ। ଏସବୁ କିଣି ଖିଆରେ ଲୋକ ମାନଙ୍କୁ ଭିଡ଼ିବାରେ ଲାଗିଛି।

ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩

# ପ୍ରାର୍ଥନା ପୂରଣ କଲେ ଭଗବାନ ଶ୍ରୀସତ୍ୟସାଇ

## ସୌର ଚନ୍ଦ୍ର ମହାପାତ୍ର

ଭଗବାନ ଶ୍ରୀସତ୍ୟସାଇ ବାବା ସମଗ୍ର ବିଶ୍ୱକୁ ବାର୍ତ୍ତା ଦେଇ କହିଛନ୍ତି – 'ସତ୍ୟ ମୋର ପ୍ରଚାର, ଧର୍ମ ମୋର ଆଚାର, ଶାନ୍ତି ମୋର ସ୍ୱଭାବ, ପ୍ରେମ ମୋର ସ୍ୱରୂପ'। ବାବା ପୁଣି କହିଛନ୍ତି – 'ତମେ ମୋ ପାଖକୁ ପାଦେ ଆସିଲେ – ମୁଁ ତୁମ ପାଖକୁ ଶହେ ପାଦ ଯିବି'। ସ୍ୱାମୀଙ୍କର ପ୍ରାତଃ ସ୍ମରଣୀୟ ବାଣୀଟି ହେଉଛି – 'ଯେଉଁଠି ବିଶ୍ୱାସ ଅଛି – ସେଠାରେ ପ୍ରେମ ଅଛି, ଯେଉଁଠି ପ୍ରେମ ଅଛି – ସେଥିରେ ଶାନ୍ତି ଅଛି, ଯେଉଁଠି ଶାନ୍ତି ଅଛି – ସେଠାରେ ସତ୍ୟ ଅଛି, ଯେଉଁଠି ସତ୍ୟ ଅଛି – ସେଠାରେ ଆନନ୍ଦ ଅଛି, ଯେଉଁଠି ଆନନ୍ଦ ଅଛି – ସେଠାରେ ଈଶ୍ୱର ଅଛନ୍ତି'। ଭଗବାନ ବାବାଙ୍କର ଏ ଦିବ୍ୟ ବାଣୀ କିପରି ଭାବରେ ମୋର ବ୍ୟକ୍ତିଗତ, ପାରିବାରିକ, ସାମାଜିକ ଓ ବୃତ୍ତିଗତ ଜୀବନକୁ ପ୍ରଭାବିତ କରିଛି ତାହା ଉଲ୍ଲେଖ କରୁଛି।

ଭଗବାନଙ୍କ ନିତ୍ୟ ବୃନ୍ଦାବନ ପ୍ରଶାନ୍ତି ନିଳୟମରୁ ଫେରିବା ପରେ ଟ୍ରେନରେ ମୋ ସହଧର୍ମିଣୀ ମୋତେ ପ୍ରଶ୍ନ କରିଥିଲେ ବାବାଙ୍କୁ କ'ଣ ମାଗିଲ ମୋର ସଂକ୍ଷିପ୍ତ ଉତ୍ତର ଥିଲା ସେ ସର୍ବଜ୍ଞାତା, ତାଙ୍କୁ ମାଗିବାର ଆବଶ୍ୟକତା ନାହିଁ ମାତ୍ର ସ୍ତ୍ରୀ କହିଲେ 'ମୁଁ କିନ୍ତୁ ବାବାଙ୍କୁ ଏକ ଜିନିଷ ମାଗିଛି ସେ ଦେବେ ତ' ମୋର ସଂକ୍ଷିପ୍ତ ଉତ୍ତର ଥିଲା – 'ପ୍ରଭୁ ତ ନିଶ୍ଚେ ଦେବେ ମାତ୍ର ମାଗିବା ଲୋକ ଉପରେ ଏହା ନିର୍ଭର କରେ'। କୌତୁହଳରେ ପଚାରିଲି – 'ତୁମେ କ'ଣ ମାଗିଲ' ସେ ଉତ୍ତର ଦେଲେ – 'ପୁଅଟିଏ ମାଗିଛି।' କଥାକୁ ନ ଆଗେଇ ମୁଁ ଚୁପ ରହିଲି।

ଉପରୋକ୍ତ ଘଟଣାର ଦୁଇ ବର୍ଷ ପରେ ମୋର ଦ୍ୱିତୀୟ ସନ୍ତାନ ଆସିବାର ସମୟ ଆସିଲା। ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ ୧୯୯୭ ଜାନୁଆରୀର ଏକ ଦିନରେ କ୍ୟାବିନ ନଂ ଏକରେ ମୋ ସହଧର୍ମିଣୀ ଆଡ଼ମିସନ ହେଲେ। ପିଲାଟି ଭୂମିଷ୍ଠ ହେବା ସମୟ ପହଞ୍ଚିବାରୁ ତାଙ୍କୁ ନିର୍ଦ୍ଦିଷ୍ଟ କୋଠରୀ (ଲେବର ରୁମ୍)କୁ ମୋ ଦେଢ଼ଶାଶୁ ନେଇଥିଲେ। କ୍ୟାବିନ ଭିତରେ ମୁଁ ଏକା ରହିଲି। ସାରା ଦିନ ଧାଁ ଧଉଡ଼ କରି ଥକ୍କା ଲାଗିଥିବାରୁ କ୍ୟାବିନକୁ ଭିତର ପଟୁ ବନ୍ଦ କରି ଏକ ପ୍ରକାର ଅର୍ଦ୍ଧ ଶୟନ ଅବସ୍ଥାରେ ଥାଏ। କିନ୍ତୁ କିଛି ସମୟ ପରେ ହଠାତ୍ ମୋ ମନକୁ ଆସିଲା ଯେ ଭଗବାନ ବାବା ଯଦି ମୋ ସ୍ତ୍ରୀଙ୍କ ପ୍ରାର୍ଥନା ନ ଶୁଣନ୍ତି ତାହାଲେ କ'ଣ ହେବ ଏହି ପ୍ରଶ୍ନ ହିଁ ମୋ ନିଦକୁ ଛଡ଼ାଇ ନେଲା ଓ ଆଖି ଖୋଲିଲା ବେଳକୁ ଦେଖିଲି ଭଗବାନ ସଶରୀରେ ସ୍ମିତହସ ବଦନରେ ଅଭୟହସ୍ତ ପୂର୍ବକ ମୋ ପାଖରେ ଛିଡ଼ା ହୋଇଛନ୍ତି। ମୁଁ ନିଜେ ଏପରି ଭାବତଲ୍ଲୀନ ହୋଇଗଲି ଯେ କିଛି ବୁଝିପାରିଲି ନାହିଁ ଏହା ସ୍ୱପ୍ନ ନା ସତ୍ୟ। ମାତ୍ର ବାବୁଙ୍କୁ ସଶରୀରେ ଦର୍ଶନ କରୁଥିବାରୁ ଆନନ୍ଦ ଉଲ୍ଲସିତ ହେବା ସହିତ ତାଙ୍କ ଉପରେ ମୋର ଅତୁଟ ବିଶ୍ୱାସର ଅଭାବକୁ ନେଇ ନିଜକୁ ନିଜେ ନିନ୍ଦା କଲି। ଏହି ଦିବ୍ୟ ଦର୍ଶନ ସମୟରେ ହଠାତ୍ ମୋ ଦେଢ଼ଶାଶୁ ଡୋର ବାଡ଼େଇ ବଡ଼ ପାଟିରେ କହିଲେ – 'ସୌର ବାବୁ ଉଠ, ପୁଅଟିଏ ହୋଇଛି, ଏହି ଶବ୍ଦଟି ମୋ କାନରେ ପଡ଼ିବା ମାତ୍ରେ ବାବା ଉଭାନ ହୋଇଗଲେ। ସତେଯେପରି ସେ ପ୍ରେମମୟ ଲୀଳାମୂର୍ତ୍ତି ଶିକ୍ଷା ଦେଲେ ଯେ ବିଶ୍ୱାସ ମୂଳେ ଏ ଜଗତ।' ବିଶ୍ୱାସ ଓ ଆସ୍ଥା ଆହୁରି ଦୃଢ଼ ହେବା ଦରକାର। କବାଟ ଖୋଲି ବାହାରକୁ ଆସି ଲେବର ରୁମକୁ ଯାଉଥିବାବେଳେ ସହଧର୍ମିଣୀଙ୍କୁ ଷ୍ଟ୍ରେଚରରେ ଅନ୍ୟମାନେ ଆଣୁଥିବାର ଦେଖିଲି। ସେ ମୋତେ ଦେଖୁ ଦେଖୁ କହିଲେ – 'ମୁଁ ପୁଅର ନାମ ଦେଇ ସାରିଛି, ଏବଂ ତୁମେ ପୁଅ ପାଇଁ ଅନ୍ୟ କୌଣସି ନାମ ଖୋଜିବ ନାହିଁ।' ତାଙ୍କ ଶ୍ରଦ୍ଧା, ଆବେଗ ଓ ବିଶ୍ୱାସର ନାମାନୁଯାୟୀ ପିଲାଟିର ନାମ ରହିଲା 'ସତ୍ୟ'।

ଭଗବାନଙ୍କ ଅନୁଭୂତି ମୋ ଜୀବନରେ ଅନେକ ରହିଛି ତାକୁ ଲେଖି ବସିଲେ ଅନେକ ପୃଷ୍ଠା ଲାଗିଯିବ। ମାତ୍ର ଏତିକି ସମୟ ଭିତରେ ମୁଁ ଯେତିକି ଜାଣିଛି, ଯେତିକି ବୁଝିଛି ଭଗବାନ ହେଉଛନ୍ତି ସତ୍ୟର ଶିକ୍ଷାଦାତା, ଧର୍ମର ମୂର୍ତ୍ତିମନ୍ତ ପ୍ରତୀକ, ଶାନ୍ତିର ସ୍ୱଭାବ, ପ୍ରେମର ସ୍ୱରୂପ ତାଙ୍କର ସାନ୍ନିଧ୍ୟ, ତାଙ୍କର ଦର୍ଶନ, ସ୍ପର୍ଶନ, ସମ୍ଭାଷଣ ପାଇଁ ମୋ ଜୀବନକୁ ଧନ୍ୟ ମନେ କରୁଛି। ଯଥାର୍ଥରେ ଆମ ସମସ୍ତଙ୍କ ପାଇଁ ଆମେ ସମସ୍ତେ ଏକ ଓ ସେହି ବିଶ୍ୱନିୟନ୍ତାଙ୍କ ସନ୍ତାନ ସନ୍ତତିମଣି କିଛି କିଛି ସ୍ୱାର୍ଥତ୍ୟାଗ ସ୍ୱୀକାର କରିବାକୁ ପଡ଼ିବ। ନିଃସ୍ୱାର୍ଥପର ସେବା ସଦୃଶ ମହତ୍ କର୍ମ ସମ୍ପାଦନ କଲାବେଳେ ଅନେକ ବାଧା ବ୍ୟତିକ୍ରମ ଉପୁଜିପାରେ ଏଥିପାଇଁ ହତାଶ ନ ହୋଇ ବରଂ ଆମର ଏକ ମାତ୍ର ଲକ୍ଷ୍ୟ ଭଗବାନଙ୍କ କୃପା ପ୍ରାପ୍ତିକୁ ମନେରଖି ଏଥିରୁ ଓହରି ଯିବା ଉଚିତ ନୁହେଁ। ସେ ହେଉଛନ୍ତି ସର୍ବୋଚ୍ଚ କର୍ତ୍ତା ତାଙ୍କର ମାଧ୍ୟମ ହୋଇ ଜୀବନକୁ କୃତାର୍ଥ କରୁ ଓ ଜଗତର ହିତ ସାଧନ କରିଥାଉ। ତାହା ହିଁ ମାନବ ଜୀବନର ଉଦ୍ଦେଶ୍ୟ ଓ ବଞ୍ଚିବାର ପ୍ରଣାଳୀ ଓ ସାର୍ଥକତା।

ବରିଷ୍ଠ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ଦୂରଭାଷ : ୯୪୩୭୦୦୪୪୬୬
'ସତ୍ୟାଳୟ' ପ୍ଲଟ ନଂ – ୧୦୮୭/ଡ଼ି, ସେକ୍ଟର-୬, କଟକ,
E-mail : sourachandramohapatra16@gmail.com









### ଆହୁରି ଶକ୍ତିଶାଳୀ ହେବ ଭାରତୀୟ ବାୟୁସେନା

## ଫ୍ରାନ୍ସରୁ ଆଉ ୧୧୪ ରାଫେଲ କିଣିବାକୁ ମଞ୍ଜୁରି

**ନୂଆଦିଲ୍ଲୀ, ୧୭।୧ (ଏଜେନ୍ସି):** ଫ୍ରାନ୍ସ ନିକଟରୁ ଆଉ ୧୧୪ଟି ରାଫେଲ ଯୁଦ୍ଧବିମାନ କିଣିବା ଲାଗି ଭାରତର ଯୋଜନା ପ୍ରଥମ ପର୍ଯ୍ୟାୟ ପାର କରିଛି । ଡିଫେନ୍ସ ପ୍ରୋକ୍ୟୁରମେଣ୍ଟ ବୋର୍ଡ(ଡିପିବି) ଏହି ପ୍ରସ୍ତାବକୁ ମଞ୍ଜୁରି ଦେଇଛି । ଆଗକୁ ଏହି ପ୍ରସ୍ତାବକୁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ଡିଫେନ୍ସ ଆକ୍ୟୁଜିସନ କାଉନ୍ସିଲ(ଡିଏସି) ନିକଟରେ ଉପସ୍ଥାପନ କରାଯିବ । ପରେ ସୁରକ୍ଷା ସମ୍ବନ୍ଧୀୟ କ୍ୟାବିନେଟ୍ କମିଟି ଏହାକୁ ଚୂଡ଼ାନ୍ତ ସ୍ୱୀକୃତି ଦେବ । ସୂଚନା ଅନୁସାରେ, ଆସନ୍ତା ଫେବୃଆରୀ ମାସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନ୍‌ଙ୍କ ମଧ୍ୟରେ ଅନୁଷ୍ଠିତ ହେବାକୁ ଥିବା ବୈଠକ ସମୟରେ ଭାରତ-ଫ୍ରାନ୍ସ



ଏହି ବଡ଼ ପ୍ରତିରକ୍ଷା ବୁଝାମଣାକୁ ଅନ୍ତିମ ରୂପ ଦେବା ଦିଗରେ କାମ କରୁଛନ୍ତି । ଯୋଜନା ମୁତାବକ ସବୁକିଛି ଠିକ୍ ରହିଲେ ଏହା ଭାରତର ବାୟୁ ଶକ୍ତିକୁ ଆହୁରି ମଜଭୁତ କରିବା ଦିଗରେ ଏକ ଉଲ୍ଲେଖନୀୟ ପଦକ୍ଷେପ ହେବ। ପ୍ରସ୍ତାବିତ ରାଫେଲ ବୁଝାମଣାର ମୋଟ ବଜେଟ୍ ପ୍ରାୟ ୩.୨୫ ଲକ୍ଷ କୋଟି ରହିଛି ।ଏହି ବୁଝାମଣା ଅନୁସାରେ ମୋଟ ୧୧୪ଟି ରାଫେଲ ଯୁଦ୍ଧବିମାନ କିଣାଯିବ । ସେଥିମଧ୍ୟରୁ ୧୨-୧୮ଟି ବିମାନକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅବସ୍ଥାରେ ଭାରତ ଅଣାଯିବ । ବାକି ବିମାନର ନିର୍ମାଣ ଭାରତରେ ହେବ । ପ୍ରାଥମିକ ଭାବେ ଏହି ବିମାନରେ ୩୦ ପ୍ରତିଶତ ସ୍ୱଦେଶୀ ଉପକରଣ ଏବଂ ସାମଗ୍ରୀ ସାମିଲ ରହିବ । ପରେ ତାକୁ ୬୦ ପ୍ରତିଶତ ଯାଏ ବୃଦ୍ଧି କରାଯିବାର ଯୋଜନା ରହିଛି । ଏହି ବୁଝାମଣା ଅନ୍ତିମ ରୂପ ନେଲେ ଭାରତ ନିକଟରେ ମୋଟ ୧୭୬ଟି ରାଫେଲ ବିମାନ ରହିବ । ବର୍ତ୍ତମାନ ବାୟୁସେନା ନିକଟରେ ୩୬ଟି ରାଫେଲ ବିମାନ ଥିବାବେଳେ ନୌସେନା ୨୬ଟି ବିମାନ ଲାଗି ଅର୍ଡର ଦେଇଛି ।

## ପୁଣି ଭାରତ-ପାକିସ୍ତାନ ସଂଘର୍ଷ ରୋକିବାର ଶ୍ରେୟ ନେଲେ ଟ୍ରମ୍ପ

**ନୂଆଦିଲ୍ଲୀ, ୧୭।୧ (ଏଜେନ୍ସି):** ଭାରତ ଏବଂ ପାକିସ୍ତାନ ମଧ୍ୟରେ ସଂଘର୍ଷ ରୋକିବା ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣି ଥରେ ଶ୍ରେୟ ନେଇଛନ୍ତି । ଶନିବାର ଟ୍ରମ୍ପ କହିଛନ୍ତି, ତାଙ୍କ ହସ୍ତକ୍ଷେପ ଦୁଇ ପରମାଣୁ ଅସ୍ତ୍ରଶସ୍ତ୍ର ପଡ଼ୋଶୀଙ୍କ ମଧ୍ୟରେ ସଂଘର୍ଷକୁ ଟାଳି ଦେଇଛି ଓ ଲକ୍ଷ ଲକ୍ଷ ଲୋକଙ୍କ ଜୀବନ ବଞ୍ଚାଇଛି । ଟ୍ରମ୍ପ ପାକିସ୍ତାନର ପ୍ରଧାନମନ୍ତ୍ରୀଙ୍କ ସମ୍ପର୍କରେ ମଧ୍ୟ ଉଲ୍ଲେଖ କରି କହିଛନ୍ତି, ଶାହବାଜ ସରିଫ ବ୍ୟକ୍ତିଗତ ଭାବରେ ଉତ୍ତେଜନା ହ୍ରାସ କରିବା ପାଇଁ ତାଙ୍କୁ ଧନ୍ୟବାଦ ଦେଇଥିଲେ । ଟ୍ରମ୍ପ ବାରମ୍ବାର ଦାବି କରୁଛନ୍ତି ଯେ, ସେ ଗତ ବର୍ଷ ମେ' ମାସରେ ଭାରତ ଓ ପାକିସ୍ତାନ ମଧ୍ୟରେ ସାମରିକ ସଂଘର୍ଷକୁ ରୋକିଥିଲେ । ତେବେ ଭାରତ ଲଗାତାର କହି ଆସୁଛି, ପାକିସ୍ତାନ ସହିତ ଅସ୍ତ୍ରବିରତିରେ କୌଣସି ତୃତୀୟ ଦେଶର ଭୂମିକା ନାହିଁ । ସାମରିକ ଗତିରୋଧ ବନ୍ଦ କରିବାର ନିଷ୍ପତ୍ତି ଦୁଇ ସେନାର ମହାନିର୍ଦ୍ଦେଶକଙ୍କ ମଧ୍ୟରେ ଆଲୋଚନା ପରେ ନିଆଯାଇଥିଲା ଏବଂ ଏଥିରେ କୌଣସି ତୃତୀୟ ପକ୍ଷର କୌଣସି ଭୂମିକା ନାହିଁ ବୋଲି ଭାରତ କହିଆସୁଛି । ଏକ କାର୍ଯ୍ୟକ୍ରମରେ ଟ୍ରମ୍ପ କହିଛନ୍ତି, ଗୋଟିଏ ବର୍ଷ ମଧ୍ୟରେ ଆମେ ଆଠଟି ଶାନ୍ତି ଚୁକ୍ତି ସ୍ୱାକ୍ଷର କରିଛୁ । ମଧ୍ୟପ୍ରାଚ୍ୟରେ ଶାନ୍ତି ପ୍ରତିଷ୍ଠା ହୋଇଛି। ଆମେ ଦୁଇଟି ପରମାଣୁ ରାଷ୍ଟ୍ର, ଭାରତ ଏବଂ ପାକିସ୍ତାନକୁ ଯୁଦ୍ଧରୁ ରୋକିଛୁ । ପାକିସ୍ତାନର ପ୍ରଧାନମନ୍ତ୍ରୀ କହିଥିଲେ, ଡୋନାଲ୍ଡ ଟ୍ରମ୍ପ ଅତି



କମରେ ୧ କୋଟି ଲୋକଙ୍କ ଜୀବନ ବଞ୍ଚାଇଛନ୍ତି ବୋଲି ଆମେରିକା ରାଷ୍ଟ୍ରପତି ଉଲ୍ଲେଖ କରିଛନ୍ତି। ମେ' ମାସରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଚାରି ଦିନିଆ ସାମରିକ ଗତିରୋଧ ପରେ ଟ୍ରମ୍ପ ଏହି ଦାବିକୁ ଅନେକ ଥର ଦୋହରାଇଛନ୍ତି । ସେ ଦାବି କରୁଛନ୍ତି ତାଙ୍କର କୂଟନୈତିକ ଚାପ ନୂଆଦିଲ୍ଲୀ ଏବଂ ଇସଲାମାବାଦ ମଧ୍ୟରେ ଉତ୍ତେଜନାକୁ ହ୍ରାସ କରିଛି । ଗତବର୍ଷ ଏପ୍ରିଲ ୨୨ରେ ପହଲଗାମ ଆତଙ୍କବାଦୀ ଆକ୍ରମଣରେ ୨୬ ଜଣ ସାଧାରଣ ନାଗରିକଙ୍କ ମୃତ୍ୟୁ ପରେ, ଭାରତ ମେ' ୭ରେ ପାକିସ୍ତାନ ବିରୋଧରେ ଅପରେସନ ସିନ୍ଦୂର ଆରମ୍ଭ କରିଥିଲା । ପହଲଗାମ ଆକ୍ରମଣ ପାଇଁ ଦାୟୀ ଲୋକଙ୍କୁ ଦଣ୍ଡ ଦେବା ପାଇଁ, ଭାରତୀୟ ସଶସ୍ତ୍ର ବାହିନୀ ପାକିସ୍ତାନ ଏବଂ ପାକ୍ ଅଧିକୃତ କାଶ୍ମୀର (ପିଓକେ)ରେ ଥିବା ଆତଙ୍କବାଦୀ ଶିବିରଗୁଡ଼ିକ ଉପରେ ଏୟାର ଷ୍ଟ୍ରାଇକ୍ କରିଥିଲେ । ଏଥିରେ ବାହାବଲପୁର ଓ ମୁରିଦକେରେ ଥିବା ଜୈଶ-ଏ-ମହମ୍ମଦ ଏବଂ ଲସ୍କର-ଏ-ତୈବାର ଶିବିର ଧ୍ୱଂସ ହୋଇଯାଇଥିଲା ଭାରତର ଏୟାର ଷ୍ଟ୍ରାଇକ୍ ପରେ, ପାକିସ୍ତାନ ଡ୍ରୋନ୍ ଏବଂ କ୍ଷେପଣାସ୍ତ୍ର ଆକ୍ରମଣର ଜବାବ ଦେଇଥିଲା, ଯାହା ଫଳରେ ଏକ ମୁହାଁମୁହିଁ ସାମରିକ ସ୍ଥିତି ସୃଷ୍ଟି ହୋଇଥିଲା । ଭାରତ ୧୧ଟି ପାକିସ୍ତାନୀ ବାୟୁସେନା ଘାଟିକୁ ଟାର୍ଗେଟ କରିଥିଲା । ଭାରତୀୟ ଅଧିକାରୀଙ୍କ ଅନୁଯାୟୀ, ମେ' ୧୦ ତାରିଖରେ, ପାକିସ୍ତାନର ସାମରିକ ଅଭିଯାନ ମହାନିର୍ଦ୍ଦେଶକ (ଡିଜିଏମଓ) ତାଙ୍କ ଭାରତୀୟ ପ୍ରତିପକ୍ଷଙ୍କ ସହିତ ଯୋଗାଯୋଗ କରିଥିଲେ । ସଂଘର୍ଷ ବନ୍ଦ କରିବାକୁ ଅନୁରୋଧ କରିଥିଲେ । ପରବର୍ତ୍ତୀ ସମୟରେ ଭାରତ ଅସ୍ତ୍ରବିରତି ପାଇଁ ରାଜି ହୋଇଥିଲା ।

## ଅରୁଣାଚଳ ପ୍ରଦେଶରେ ବରଫ ହ୍ରଦକୁ ଖସି ପଡ଼ିଲେ ୨ ପର୍ଯ୍ୟଟକ

**ନୂଆଦିଲ୍ଲୀ, ୧୭।୧ (ଏଜେନ୍ସି):** ଅରୁଣାଚଳ ପ୍ରଦେଶର ତୱାଂ ଜିଲ୍ଲାରେ ବରଫାଚ୍ଛନ୍ନ ସେଲା ହ୍ରଦ ଭିତରକୁ ଖସିପଡ଼ି ଶୁକ୍ରବାର କେରଳର ଦୁଇ ଜଣ ପର୍ଯ୍ୟଟକ ବୁଡ଼ି ଯାଇଥିବା ପୁଲିସ କହିଛି । ଜଣେ ପର୍ଯ୍ୟଟକଙ୍କ ମୃତଦେହ ଉଦ୍ଧାର କରାଯାଇଥିବାବେଳେ ଦ୍ୱିତୀୟ ପର୍ଯ୍ୟଟକଙ୍କୁ ଖୋଜିବା ପାଇଁ ତଲାସି ଅଭିଯାନ ଚାଲିଛି ବୋଲି ଅଧିକାରୀମାନେ କହିଛନ୍ତି । ପୁଲିସ ଅଧୀକ୍ଷକ ଡିଡବ୍ଲ୍ୟୁ ଥଙ୍ଗନ କହିଛନ୍ତି ଯେ, ମୃତକ ଦିନୁ (୨୬) ଭାବରେ ଚିହ୍ନଟ ହୋଇଥିବାବେଳେ ମହାଦେବ (୨୪) ନିଖୋଜ ଅଛନ୍ତି । ଏହି ଦୁଇଜଣ ଅନ୍ୟ ୫ ଜଣଙ୍କ ସହିତ ଗୌହାଟି ଦେଇ ତୱାଙ୍ଗରେ ପହଞ୍ଚିଥିଲେ । ପୁଲିସ ସୂଚନା ଅନୁଯାୟୀ, ଶୁକ୍ରବାର ଅପରାହ୍ନରେ ସାତ ଜଣିଆ ପର୍ଯ୍ୟଟକ ଦଳର ଜଣେ ସଦସ୍ୟ ହ୍ରଦକୁ ଖସି ପଡ଼ିଥିଲେ । ତାଙ୍କୁ ଉଦ୍ଧାର କରିବାକୁ ଦିନୁ ଓ ମହାଦେବ ପାଣି ଭିତରକୁ ଯାଇଥିଲେ । ପ୍ରଥମେ ଖସି ପଡ଼ିଥିବା ପର୍ଯ୍ୟଟକ ଜଣକ ହ୍ରଦରୁ ବାହାରି ଆସିଥିଲେ । କିନ୍ତୁ ଦିନୁ ଓ ମହାଦେବଙ୍କର କୌଣସି ସନ୍ଧାନ ମିଳିନଥିଲା । ଜିଲ୍ଲା ପ୍ରଶାସନ ଅପରାହ୍ନ ପ୍ରାୟ ୩ଟା ସମୟରେ ଦୁର୍ଘଟଣା ବିଷୟରେ ସୂଚନା ପାଇଥିଲେ । ଜିଲ୍ଲା ପୁଲିସ, କେନ୍ଦ୍ରୀୟ ବାହିନୀ ଏବଂ ରାଜ୍ୟ ବିପର୍ଯ୍ୟୟ ପ୍ରତିକ୍ରିୟା ବାହିନୀର ମିଳିତ ଦଳ ପକ୍ଷରୁ ଉଦ୍ଧାରକାର୍ଯ୍ୟ ଆରମ୍ଭ କରାଯାଇଥିଲା । ପ୍ରତିକୂଳ ପାଗ ଏବଂ କମ୍ ଦୃଶ୍ୟମାନ ସତ୍ତ୍ୱେ ଉଦ୍ଧାରକାରୀ ଦଳ ଜଣେ ପର୍ଯ୍ୟଟକଙ୍କ ମୃତଦେହ ଉଦ୍ଧାର କରିଥିଲେ । ରାତି ହୋଇଯିବାରୁ ତଲାସି କାର୍ଯ୍ୟ ବନ୍ଦ କରାଯାଇଥିଲା । ଉଦ୍ଧାର ମୃତଦେହକୁ ଜାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରଖାଯାଇଛି । ଶନିବାର ଶବ ବ୍ୟବଚ୍ଛେଦ କରାଯିବ । ବରଫ ହ୍ରଦରେ ନ ଚାଲିବାକୁ ପ୍ରଶାସନ ପକ୍ଷରୁ ସତର୍କତା ଜାରି କରାଯାଇଛି । ସେଲା ହ୍ରଦ ଏବଂ ଅନ୍ୟାନ୍ୟ ପର୍ଯ୍ୟଟନ ସ୍ଥଳୀଗୁଡ଼ିକରେ ଏଥିନେଇ ଚେତାବନୀ ସାଇନ୍ ବୋର୍ଡ ଲଗାଇଛି । ସୂଚନାଯୋଗ୍ୟ, ସମୁଦ୍ର ପତ୍ତନଠାରୁ ୧୩,୦୦୦ ଫୁଟରୁ ଅଧିକ ଉଚ୍ଚତାରେ ଅବସ୍ଥିତ, ସେଲା ହ୍ରଦ ଏକ ଲୋକପ୍ରିୟ ପର୍ଯ୍ୟଟନ ସ୍ଥଳ ।

### ଚୀନରେ ନୋରୋଭାଇରସ୍ ଆତଙ୍କ

## ୧୦୦ରୁ ଅଧିକ ଛାତ୍ରଛାତ୍ରୀ ସଂକ୍ରମିତ

**ନୂଆଦିଲ୍ଲୀ, ୧୭।୧ (ଏଜେନ୍ସି):** ଚୀନର ଉହାନ ସହରରୁ ଆରମ୍ଭ ହୋଇଥିବା କୋଭିଡ-୧୯ ସାରା ବିଶ୍ୱରେ ଭୟ ସୃଷ୍ଟି କରିଥିଲା । ଏହି ସଂକ୍ରମଣ ୨୦୧୯ ଶେଷ ଭାଗରେ ଆରମ୍ଭ ହୋଇଥିଲା ।ଏବେ ଆଉ ଏକ ଭାଇରସ ସଂକ୍ରମଣ ଆତଙ୍କ ସୃଷ୍ଟି କରିଛି । ଏହି ଭାଇରସକୁ ନୋରୋଭାଇରସ୍ କୁହାଯାଉଛି । ଏହି ଭାଇରସ ସଂକ୍ରମଣ ଦ୍ରୁତ ଗତିରେ ବ୍ୟାପିବାରେ ଲାଗିଛି । ଗୋଟିଏ ସ୍କୁଲରେ ୧୦୦ ରୁ ଅଧିକ ଛାତ୍ରଛାତ୍ରୀ ଏହା ଦ୍ୱାରା ସଂକ୍ରମିତ ହୋଇଥିବା ଜଣାପଡ଼ିଛି । ଦକ୍ଷିଣ ଚୀନର ଗୁଆଙ୍ଗଡୋଙ୍ଗ ପ୍ରଦେଶର ଫୋସାନ ସହରର ଏକ ସିନିୟର ହାଇସ୍କୁଲର ୧୦୩ ଜଣ ଛାତ୍ରଛାତ୍ରୀଙ୍କ ନମୁନା ପରୀକ୍ଷା ରିପୋର୍ଟ ନୋରୋଭାଇରସ ପଜିଟିଭ୍ ଆସିଛି । ସ୍ଥାନୀୟ ସ୍ୱାସ୍ଥ୍ୟ ଅଧିକାରୀମାନେ ଶନିବାର କହିଛନ୍ତି ଯେ , କୌଣସି ମାମଲା ଗୁରୁତର ନୁହେଁ । ଏନେଇ କୌଣସି ମୃତ୍ୟୁ ରିପୋର୍ଟ ହୋଇନାହିଁ । ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ କ୍ଷେତ୍ରରେ ପେଟ ସଂକ୍ରମଣ, ବାନ୍ତି ଓ ଡାଇରିଆ ଭଳି ଲକ୍ଷଣ ପ୍ରକାଶ ପାଇଥିଲା । ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟ ସ୍ଥିର ଅଛି । ସ୍କୁଲ କ୍ୟାମ୍ପସକୁ ପରିଷ୍କାର କରାଯାଇଛି। ସଂକ୍ରମଣକୁ ନେଇ ଏକ ମହାମାରୀ ସର୍ଭେ ଚାଲିଛି । ଗୁଆଙ୍ଗଡୋଙ୍ଗ ପ୍ରାଦେଶିକ ରୋଗ ନିୟନ୍ତ୍ରଣ ବିଭାଗ ଅନୁଯାୟୀ, ଏଠାରେ ନୋରୋଭାଇରସ୍



ପ୍ରକୋପ ପ୍ରତିବର୍ଷ ଅକ୍ଟୋବରରୁ ମାର୍ଚ୍ଚ ପର୍ଯ୍ୟନ୍ତ ଜାରି ରହିଥାଏନୋରୋଭାଇରସ୍ ଏକ ସାଧାରଣ ଭାଇରସ୍ ଯାହା ପେଟକୁ ପ୍ରଭାବିତ କରିଥାଏ। ଏହା ଯୋଗୁ ପେଟ ସଂକ୍ରମଣ, ବାନ୍ତି ଓ ଡାଇରିଆ ଭଳି ସ୍ଥିତି ସୃଷ୍ଟି ହୋଇଥାଏ । ଶୀତଦିନେ ନୋରୋଭାଇରସ୍ ମାମଲା ସବୁଠାରୁ ଅଧିକ ଦେଖାଯାଇଥାଏ । ଏହା ଆମେରିକାରେ ଖାଦ୍ୟଜନିତ ରୋଗର ଏକ ନମ୍ବର କାରଣ । ପ୍ରତିବର୍ଷ, ସାରା ବିଶ୍ୱରେ ପ୍ରାୟ ୬୮୫ ନିୟୁତ ଲୋକ ନୋରୋଭାଇରସ୍ ଦ୍ୱାରା ସଂକ୍ରମିତ ହୋଇଥାନ୍ତି । ଆକ୍ରାନ୍ତଙ୍କ ମଧ୍ୟରେ ପ୍ରାୟ ୫ ବର୍ଷରୁ କମ୍ ବୟସର ୨୦୦ ନିୟୁତ ପିଲା ରହିଥାନ୍ତି। ଏହି ଭାଇରସ୍ ଯୋଗୁ ପ୍ରତିବର୍ଷ ପ୍ରାୟ ୨୦୦,୦୦୦ ମୃତ୍ୟୁ ଘଟାଇଥାଏ । ମୃତକଙ୍କ ମଧ୍ୟରେ ପ୍ରାୟ ୫୦,୦୦୦ ପିଲା ମଧ୍ୟ ରହିଥାନ୍ତି । ଏହାର ପ୍ରଭାବ ଗରିବ ଦେଶଗୁଡ଼ିକରେ ବିଶେଷ ଭାବରେ ଗୁରୁତର ହୋଇଥାଏ । ଏହା ବିଶ୍ୱକୁ ପ୍ରାୟ ୬୦ ବିଲିୟନ ଡଲାର କ୍ଷତି ପହଞ୍ଚାଇଥାଏ । ପ୍ରଥମ ମାମଲା ୧୯୬୮ ମସିହାରେ ଆସିଥିଲା । ନୋରୋଭାଇରସର ପ୍ରଥମ ମାମଲା ୧୯୬୮ ମସିହାରେ ଆମେରିକାର ଓହାଇଓର ନରୱାକରେ ରିପୋର୍ଟ ହୋଇଥିଲା । ଯେହେତୁ ସଂକ୍ରମଣ ପ୍ରଥମେ ନରୱାକ୍ ସହରରେ ଚିହ୍ନଟ ହୋଇଥିଲା । ତେଣୁ ପ୍ରଥମେ ଏହି ଭାଇରସକୁ ନରୱାକ୍ ଭାଇରସ୍ କୁହାଯାଉଥିଲା । ପରେ, ଏହି ଭାଇରସ ନୋରୋଭାଇରସ୍ ଭାବରେ ଜଣାଶୁଣା ହୋଇଥିଲା ।

## ଜମ୍ମୁ- କାଶ୍ମୀର ସୀମାରେ ପୁଣି ପାକିସ୍ତାନୀ ଡ୍ରୋନ୍ ଠାବ

**ନୂଆଦିଲ୍ଲୀ, ୧୭।୧ (ଏଜେନ୍ସି):** ଜମ୍ମୁ-କାଶ୍ମୀର ସୀମାରେ ପୁଣି ଥରେ ଦେଖାଦେଇଛି ପାକିସ୍ତାନୀ ଡ୍ରୋନର କାରସାଦି । ଗତ ୫ ଦିନ ମଧ୍ୟରେ ଏହା ହେଉଛି ତୃତୀୟ ଘଟଣା ଯେଉଁଠାରେ ଭାରତ ଆକାଶରେ ସନ୍ଦିଗ୍ଧ ଡ୍ରୋନ୍ ଉଡୁଥିବାର ଦେଖାଯାଇଛି । ସୂଚନା ଅନୁଯାୟୀ, ଗତକାଲି ବିଳମ୍ବିତ ରାତିରେ ଜାମ୍ମୁର କାନାଚକ ସେକ୍ଟରରେ ଏକ ଡ୍ରୋନ୍ ପ୍ରବେଶ କରିଥିବା ସୁରକ୍ଷା ବଳ ଚିହ୍ନଟ କରିଛନ୍ତି । ସତର୍କ ଥିବା ବିଏସଏଫ ଯବାନମାନେ ଡ୍ରୋନକୁ ଦେଖିବା ମାତ୍ରେ ସେ ଦିଗକୁ ଗୁଳି ଚଳନା କରିଥିଲେ, ଯାହା ପରେ ଡ୍ରୋନଟି ପୁଣି ପାକିସ୍ତାନ ସୀମାକୁ ଫେରିଯାଇଛି । ସୀମାରୁ ଅସ୍ତ୍ରଶସ୍ତ୍ର ଏବଂ ନିଶାଦ୍ରବ୍ୟ ପଠାଇବା ପାଇଁ ଶତ୍ରୁ ପକ୍ଷ ଏହି ଡ୍ରୋନର ସହାୟତା ନେଉଥିବା ସନ୍ଦେହ କରାଯାଉଛି ।ଏହି ଘଟଣା ପରେ ସମଗ୍ର ସୀମାବର୍ତ୍ତୀ ଅଞ୍ଚଳରେ ହାଇ-ଆଲର୍ଟ ଜାରି କରାଯାଇଛି ଏବଂ ସେନା ପକ୍ଷରୁ ବ୍ୟାପକ ସର୍ଚ୍ଚ ଅପରେସନ ଜାରି ରହିଛି । ସ୍ଥାନୀୟ ଲୋକଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆ ।ଯାଇଛି । ଭାରତୀୟ ସେନା ପକ୍ଷରୁ ସୀମାରେ ନିଘା ବଢ଼ାଇ ଦିଆଯାଇଛି ଯେପରି କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ନହୁଏ ।

## ଇରାନରୁ ସୁରକ୍ଷିତ ଫେରିଲେ ଭାରତୀୟ

**ନୂଆଦିଲ୍ଲୀ, ୧୭।୧ (ଏଜେନ୍ସି):** ଇରାନରେ ସୁରକ୍ଷା ପରିସ୍ଥିତି ବିଗିଡ଼ିବା ଏବଂ ଜନଆକ୍ରୋଶ ବୃଦ୍ଧି ପାଇବା ମଧ୍ୟରେ, ସେଠାରେ ଫସି ରହିଥିବା ଭାରତୀୟ ନାଗରିକଙ୍କ ସୁରକ୍ଷିତ ସ୍ୱଦେଶ ପ୍ରତ୍ୟାବର୍ତ୍ତନ ଆରମ୍ଭ ହୋଇଛି । ଶୁକ୍ରବାର ବିଳମ୍ବିତ ରାତିରେ ମହାନ ଏୟାର ବିମାନର ବିମାନ ଡବ୍ଲ୍ୟୁ୫-୦୭୧ ଯୋଗେ ପ୍ରଥମ ଭାରତୀୟ ଦଳ ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରରେ ଅବତରଣ କରିଛନ୍ତି । ପରିବାର ସଦସ୍ୟମାନେ ବିମାନବନ୍ଦରରେ ସେମାନଙ୍କ ପ୍ରିୟଜନଙ୍କୁ ଭାବପ୍ରବଣ ଭାବରେ ସ୍ୱାଗତ କରିଥିଲେ । ଆର୍ଥିକ ସଙ୍କଟ ଏବଂ ସ୍ଥାନୀୟ ମୁଦ୍ରାର ମୂଲ୍ୟ ରେକର୍ଡ ସ୍ତରକୁ ଖସିବା ପରେ ଇରାନରେ ଆରମ୍ଭ ହୋଇଥିବା ବିରୋଧ ପ୍ରଦର୍ଶନ ଏବେ ହିଂସାତ୍ମକ ରୂପ ନେଇଛି । ଯାହାକୁ ଦୃଷ୍ଟିରେ ରଖି ଭାରତ ସରକାର ନିଜ ନାଗରିକମାନଙ୍କୁ ଯଥାଶୀଘ୍ର ଇରାନ ଛାଡିବାକୁ ପରାମର୍ଶ ଦେଇଥିଲେ । ଘରକୁ ଫେରିଥିବା ଭାରତୀୟମାନେ ଇରାନର ବର୍ତ୍ତମାନର ଭୟଙ୍କର ପରିସ୍ଥିତିକୁ ବଖାଣିଛନ୍ତି । ସେମାନେ କହିଛନ୍ତି , ଗତ ଦୁଇ ସପ୍ତାହ ଧରି ଇରାନରେ ସମ୍ପୂର୍ଣ୍ଣ ଇଣ୍ଟରନେଟ୍ ବ୍ଲାକଆଉଟ୍ ହୋଇଯାଇଛି । ଏହି କାରଣରୁ ସେମାନେ ସେମାନଙ୍କ ପରିବାରକୁ ନିଜ ଭଲମନ୍ଦ ବିଷୟରେ ଜଣାଇ ପାରୁନଥିଲେ ଅବା ଭାରତୀୟ ଦୂତାବାସ ସହିତ ଯୋଗାଯୋଗ କରିପାରୁ ନଥିଲେ । ଜମ୍ମୁ-କାଶ୍ମୀରର ଜଣେ ଛାତ୍ର କହିଛନ୍ତି, ପ୍ରତିବାଦ ଏତେ ହିଂସାତ୍ମକ ଥିଲା ଯେ, ବାହାରକୁ ବାହାରିଲେ ଜୀବନ ପାଇଁ ବିପଦପୂର୍ଣ୍ଣ ଥିଲା । ପ୍ରତିବାଦକାରୀମାନେ ଭଙ୍ଗାରୁଜା,ପୋଡ଼ାଜଳା କରୁଥିଲେ । କଷ୍ଟକର ପରିସ୍ଥିତି ସତ୍ତ୍ୱେ, ଯୋଗାଯୋଗ ସ୍ଥାପନ ହେବା ମାତ୍ରେ ଭାରତୀୟ ଦୂତାବାସ ନାଗରିକମାନଙ୍କୁ ସୂଚନା ଓ ସ୍ଥାନାନ୍ତର ବିକଳ୍ପ ପ୍ରଦାନ କରିଥିଲା । ଇରାନରେ ବର୍ତ୍ତମାନର ଅଶାନ୍ତି ଦେଶର ଭୁଶୁଡ଼ିପଡୁଥିବା ଅର୍ଥନୀତି ପାଇଁ ସୃଷ୍ଟି ହୋଇଛି । ଇରାନୀ ମୁଦ୍ରାର ମୂଲ୍ୟରେ ରେକର୍ଡସ୍ତରୀୟ ହ୍ରାସ ପରେ ଗତ ମାସରେ ମୁଦ୍ରାସ୍ଫୀତି ବିରୋଧରେ ଆରମ୍ଭ ହୋଇଥିବା ପ୍ରତିବାଦ ଏବେ ଦେଶର ସମସ୍ତ ୩୧ଟି ପ୍ରଦେଶକୁ ବ୍ୟାପିଛି ।ପ୍ରତିବାଦକାରୀମାନେ ଅର୍ଥନୈତିକ ସଂସ୍କାର ସହିତ ରାଜନୈତିକ ପରିବର୍ତ୍ତନ ମଧ୍ୟ ଦାବି କରୁଛନ୍ତି ।

## ଗୋଆରେ ପ୍ରେମିକାକୁ ହତ୍ୟା କରି ରୁଷ୍ ନାଗରିକ ଗିରଫ

**ନୂଆଦିଲ୍ଲୀ, ୧୭।୧ (ଏଜେନ୍ସି):** ପ୍ରେମିକା ଏବଂ ଅନ୍ୟ ଜଣେ ମହିଳାଙ୍କୁ ହତ୍ୟା କରିବା ଅଭିଯୋଗରେ ଗୋଆ ପୁଲିସ ଜଣେ ରୁଷ୍ ନାଗରିକଙ୍କୁ ଗିରଫ କରିଛି । ମୃତ ମହିଳା ଦ୍ୱୟ ରୁଷ୍ ନାଗରିକ ଥିଲେ । ଉତ୍ତର ଗୋଆରେ ଅଭିଯୁକ୍ତ ୩୭ ବର୍ଷୀୟ ଆଲେକ୍ସେଇ ଲିଓନୋଭଙ୍କୁ ଗିରଫ କରାଯାଇଥିବା ନେଇ ପୁଲିସ ଜାତୀୟ ଗଣମାଧ୍ୟମକୁ ସୂଚନା ଦେଇଛି । ଅଭିଯୁକ୍ତ ଗୁରୁବାର ରାତିରେ ଆରାମ୍ବୋଲଠାରେ ରହୁଥିବା ଭଡ଼ା ଘରେ ପ୍ରେମିକା ଏଲିନା କାଷ୍ଟାନୋଭା (୩୭)ଙ୍କ ଗଳାକାଟି ହତ୍ୟା କରିଥିଲେ । ତଦନ୍ତକାରୀ ଅଧିକାରୀଙ୍କ ସୂଚନା ଅନୁଯାୟୀ, ଲିଓନୋଭ କାଷ୍ଟାନୋଭାଙ୍କ ହାତ ଓ ଗୋଡ଼ ବାନ୍ଧି ତାଙ୍କୁ ସେହି ଘରେ ବନ୍ଦ କରି ରଖିବାକୁ ଚାହୁଥିଲେ । କିନ୍ତୁ ସେ ପଳାୟନ କରିବାକୁ ଚେଷ୍ଟା କରିବାରୁ ଲିଓନୋଭ ପ୍ରେମିକାଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ । ଘର ମାଲିକ ଉତ୍ତମ ନାୟକ ଗୋଆ ପୁଲିସକୁ ହତ୍ୟାକାଣ୍ଡ ସମ୍ପର୍କରେ ତୁରନ୍ତ ଖବର ଦେବା ପରେ ଅଭିଯୁକ୍ତଙ୍କୁ ସଙ୍ଗେ ସଙ୍ଗେ ଗିରଫ କରାଯାଇଥିଲା । ତାଙ୍କ ନାଁରେ ବିଏନ୍ଏସର ବିଭିନ୍ନ ଧାରାରେ ମାମଲା ରୁଜୁ କରାଯାଇଛି । ଏହି ଘଟଣାର ଦିନକ ପୂର୍ବରୁ ଲିଓନୋଭ ଅନ୍ୟ ଜଣେ ରୁଷୀୟ ମହିଳା ଏଲିନା ଭାନିବା (୩୭)ଙ୍କୁ ହତ୍ୟା କରିଥିବା ଅଭିଯୋଗ ହୋଇଛି । ଜାନୁଆ ।ରି ୧୪ରେ ମୋର୍ଜିମଠାରେ ଲିଓନୋଭ୍ ଛୁରିରେ ଭାନିବାଙ୍କ ବେକ କାଟି ହତ୍ୟା କରିଥିଲେ । ଭାନିବା ରହୁଥିବା ଘରର ମାଲିକ ଏନେଇ ପୁଲିସରେ ଅଭିଯୋଗ କରିଥିଲେ। ପ୍ରଥମ ହତ୍ୟାକାଣ୍ଡ ପରେ ଲିଓନୋଭ୍ ୮ କିମି ଦୂର ଅ ।ରମ୍ବୋଲଠାରେ ଦ୍ୱିତୀୟ ହତ୍ୟାକାଣ୍ଡ ଘଟାଇଥିଲେ ।ପୁଲିସ ଶୁକ୍ରବାର ଉଭୟ ମୃତଦେହ ଜବତ କରିଛି। ମାଣ୍ଡ୍ରେମ ପୁଲିସ ଲିଓନୋଭଙ୍କୁ ଡବଲ ମର୍ଡର ମାମଲାରେ ଗିରଫ କରିବା ସହିତ ଅଧିକ ତଦନ୍ତ କରୁଛି।

## ବାଂଲାଦେଶରେ ପୁଣି ହିନ୍ଦୁ ବିରୋଧୀ ନାରା

**ନୂଆଦିଲ୍ଲୀ, ୧୭।୧ (ଏଜେନ୍ସି):** ବାଂଲାଦେଶରେ ହିନ୍ଦୁ ମାନଙ୍କୁ ଆକ୍ରମଣ ଘଟଣା ତ ଏକ ସାଧାରଣ କଥା ହୋଇଗଲାଣି । କାହିଁକି ନାଁ ଏଠାରେ ପ୍ରତ୍ୟକ ଦିନ କେଉଁଠି ହିନ୍ଦୁଙ୍କୁ ହତ୍ୟା କରାଗଲାଣି ତ ଆଉ କେଉଁଠି ହିନ୍ଦୁ ମହିଳାଙ୍କୁ ଦୁଷ୍କର୍ମ କରାଗଲାଣି । ଆଉ ଏହି ସମୟରେ ଏଠାରେ ସାଧାରଣ ନିର୍ବାଚନ ପୂର୍ବରୁ କିଛି ଆପତ୍ତିଜନକ ଭିଡିଓ ଏବେ ସୋସିଆଲ ମିଡିଆରେ ପ୍ରକାଶ ପାଇଛି । ଏହି ଭିଡିଓ ଗୁଡ଼ିକରେ କିଛି ଧର୍ମଗୁରୁ ଏବଂ ଧାର୍ମିକ ବକ୍ତା ମାନେ ହିନ୍ଦୁ ମାନଙ୍କ ବିରୁଦ୍ଧରେ ଘୃଣାପୂର୍ଣ୍ଣ ବୟାନ ଦେଉଥିବା ଏବଂ ହିନ୍ଦୁ କିମ୍ବା ଅଣ-ମୁସଲିମ ପ୍ରାର୍ଥୀଙ୍କୁ ଭୋଟ ନ ଦେବାକୁ ଅନୁରୋଧ କରୁଥିବା ଦେଖାଯାଇଛି । ଏହି ବୟାନ ଗୁଡ଼ିକ ବାଂଲାଦେଶରେ ସଂଖ୍ୟାଲଘୁ ସମ୍ପ୍ରଦାୟର ସୁରକ୍ଷା ବିଷୟରେ ଚିନ୍ତା ସୃଷ୍ଟି କରିଛି । ଏକ ଭାଇରାଲ ଭିଡିଓରେ ଦେଖିବାକୁ ମିଳୁଛି ଯେ, ଜଣେ ଧର୍ମଗୁରୁ ଏକ ଧାର୍ମିକ କାର୍ଯ୍ୟକ୍ରମ ସମୟରେ କହୁଛନ୍ତି ଯେ, କୌଣସି ହିନ୍ଦୁ କିମ୍ବା କାଫିର ପ୍ରାର୍ଥୀଙ୍କୁ ଭୋଟ ଦେବା ଇସଲାମରେ ହରାମ । ଏହି ବୟାନ ନିର୍ବାଚନ ପୂର୍ବରୁ ପରିବେଶକୁ ଖରାପ କରିବ ବୋଲି କୁହାଯାଉଛି। ଅନ୍ୟ ଏକ ଭିଡିଓରେ, କିଛି ବକ୍ତା ଖୋଲାଖୋଲି ଭାବରେ ହିନ୍ଦୁ ମନ୍ଦିର ଏବଂ ଧାର୍ମିକ ପ୍ରତିଷ୍ଠାନକୁ ଧମକ ଦେଉଥିବା ଦେଖାଯାଇଛି । ଭିଡିଓ ଅନୁଯାୟୀ, ସେମାନେ ମନ୍ଦିର ଏବଂ ମୂର୍ତ୍ତି ନଷ୍ଟ କରିବା ବିଷୟରେ କଥା ହେଉଛନ୍ତି । ବାଂଲାଦେଶରେ ରହିଥିବା ସଂଗଠନ ଇସ୍କନ, ନାମ ମଧ୍ୟ ଉଲ୍ଲେଖ କରାଯାଇଛି। ଏହି ଭିଡିଓ ଗୁଡ଼ିକ ଏପରି ଏକ ସମୟରେ ସାମ୍ନାକୁ ଆ ।ସିଛି, ଯେତେବେଳେ ସାମ୍ପ୍ରତିକ ଦିନରେ ବାଂଲାଦେଶରେ ହିନ୍ଦୁ ସମ୍ପ୍ରଦାୟର ସଦସ୍ୟ ମାନଙ୍କ ଉପରେ ଅନେକ ଆକ୍ରମଣ ହୋଇଛି । ଏହି ଘଟଣାରେ ଅନେକ ଲୋକଙ୍କ ମୃତ୍ୟୁ ହୋଇଛି, ଯାହା ଭୟର ବାତାବରଣ ସୃଷ୍ଟି କରିଛି ।

## 'ଶିଖ ଗୁରୁ' ବିବାଦରେ ଫୋରେନସିକ୍ ରିପୋର୍ଟ ଉପରେ ବାଚସ୍ପତିଙ୍କୁ ପ୍ରଶ୍ନ କଲା ଆପ୍

**ନୂଆଦିଲ୍ଲୀ, ୧୭।୧ (ଏଜେନ୍ସି):** ଶିଖ ଗୁରୁଙ୍କୁ ଅପମାନ କରାଯିବା ପ୍ରସଙ୍ଗରେ ଆମ୍ ଆଦମୀ ପାର୍ଟି ଓ ଦିଲ୍ଲୀ ବିଜେପି ବିବାଦ ତୀବ୍ର ହୋଇଛି । ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଅତିଶି ଏହି ପ୍ରସଙ୍ଗରେ ବିବାଦରେ ଥିବାବେଳେ ଆମ ଆଦମୀ ପାର୍ଟି (ଆପ୍) ଶନିବାର ଭାରତୀୟ ଜନତା ପାର୍ଟି ଉପରେ ତୀବ୍ର ଆକ୍ରମଣ କରିଛି । ଆପ୍ ବିଜେପି ନେତା କପିଳ ମିଶ୍ରାଙ୍କଠାରୁ କ୍ଷମା ପ୍ରାର୍ଥନା ଦାବି କରିବା ସହିତ ଦିଲ୍ଲୀ ବିଧାନସଭା ବାଚସ୍ପତି ବିଜେନ୍ଦର ଗୁପ୍ତାଙ୍କ ଦ୍ୱାରା ଫୋରେନସିକ୍ ରିପୋର୍ଟ ପରିଚାଳନା ଉପରେ ପ୍ରଶ୍ନ ଉଠାଇଛି । ଫୋରେନସିକ୍ ରିପୋର୍ଟ ବିଜେପିର ଅଭିଯୋଗକୁ ସମର୍ଥନ କରେ ନାହିଁ ଏବଂ ଏହା ଧାର୍ମିକ ଭାବନାର ରାଜନୀତିକରଣ କରୁଥିବା ଆପ୍ ପକ୍ଷରୁ ଅଭିଯୋଗ କରାଯାଇଛି। ଏକ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରି ଆପ୍ ପ୍ରବକ୍ତା ଅନୁରାଗ ଧାଣ୍ଡା କହିଛନ୍ତି ଯେ, ଜଳନ୍ଧର କୋର୍ଟରେ ଦାଖଲ ହୋଇଥିବା ଫୋରେନସିକ୍ ସାଇନ୍ସ ଲାବୋରେଟୋରୀ (ଏଫ୍ଏସ୍ଏଲ୍) ରିପୋର୍ଟରେ ଅତିଶି 'ଗୁରୁ' ଶବ୍ଦ ବ୍ୟବହାର କରିନଥିବା ଜଣାପଡ଼ିଛି । ସେ ଦାବି କରିଛନ୍ତି ଯେ, ଦିଲ୍ଲୀ ଏଫ୍ଏସ୍ଏଲ ରିପୋର୍ଟ ମଧ୍ୟ ଏ ସମ୍ପର୍କରେ ନିରବ ରହିଛି । ଅନ୍ୟପକ୍ଷରେ ଆପ୍ ପ୍ରବକ୍ତା



ଧାଣ୍ଡା କହିଛନ୍ତି ଯେ, କପିଳ ମିଶ୍ର ଈଶ୍ୱରଙ୍କ ନିନ୍ଦା କରିଥିବାରୁ ତାଙ୍କୁ ବହିଷ୍କାର କରାଯିବା ଉଚିତ । ଦିଲ୍ଲୀ ବିଧାନସଭା ବାଚସ୍ପତି ବିଜେନ୍ଦର ଗୁପ୍ତା ଏଫ୍ଏସ୍ଏଲ୍ ରିପୋର୍ଟକୁ ସାର୍ବଜନୀନ କରନ୍ତୁ ବୋଲି ଧାଣ୍ଡା ଦାବି କରିଥିଲେ । ଏଫ୍ଏସ୍ଏଲ୍ ରିପୋର୍ଟ ଉପରେ ବାଚସ୍ପତି ଗୁପ୍ତା ପୂର୍ବରୁ ସାମ୍ବାଦିକ ସମ୍ମିଳନୀ କରିସାରିଥିବାରୁ ଏହାକୁ କାହିଁକି ସାର୍ବଜନୀନ କରୁନାହାନ୍ତି ବୋଲି ଧାଣ୍ଡା ପ୍ରଶ୍ନ କରିଥିଲେ । କପିଳ ମିଶ୍ରଙ୍କ ଟ୍ୱିଟ୍ ଉପରେ ଧାଣ୍ଡା ଦିଲ୍ଲୀ ବିଜେପି ସଭାପତି ବୀରେନ୍ଦ୍ର ସଚଦେବଙ୍କ ଅଭିଯୋଗର ଜବାବ ଦେଇ କହିଛନ୍ତି ଯେ, କପିଳ ମିଶ୍ରଙ୍କ 'ଏକ୍ସ' ପୋଷ୍ଟ ଧାର୍ମିକ ଭାବନାକୁ ଆଘାତ ଦେଇପାରେ, ତେଣୁ ଏହାକୁ ହଟେଇ ଦେବାର ଆବଶ୍ୟକତା ଥିବା ଜଳନ୍ଧର କୋର୍ଟ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ବିଜେପି କୋର୍ଟଙ୍କ ନିର୍ଦ୍ଦେଶକୁ ସମ୍ମାନ କରୁ ନାହିଁ ବୋଲି ଧାଣ୍ଡା ଅଭିଯୋଗ କରିଛନ୍ତି । ଆପ୍ ନେତା ସୌରଭ ଭରଦ୍ୱାଜ କପିଳ ମିଶ୍ରାଙ୍କୁ ଦରବାର ସାହେବରେ କ୍ଷମା ପ୍ରାର୍ଥନା କରିବାକୁ ଦୁଇ ଦିନର ସମୟ ଦେଇଛନ୍ତି । ପଞ୍ଜାବ ପୁଲିସ ତଦନ୍ତ ନେଇ ଦିଲ୍ଲୀ ବାଚସ୍ପତି ସିବିଆଇ ତଦନ୍ତ ଦାବି କରିଥିବାବେଳେ ଭରଦ୍ୱାଜ କହିଛନ୍ତି, ସିବିଆଇ ତଦନ୍ତ ହେଉକି ଏନ୍ଆଇଏ ତଦନ୍ତ କରାଯାଉ ଅତିଶି ଶିଖ୍ ଗୁରୁଙ୍କୁ ଅପମାନ କରିନାହାନ୍ତି ବୋଲି ସବୁଥିରେ ଜଣାପଡ଼ିଯିବ ।

## ଇରାନରେ ବିକ୍ଷୋଭକାରୀଙ୍କ ନେତା ଗିରଫ

**ନୂଆଦିଲ୍ଲୀ, ୧୭।୧ (ଏଜେନ୍ସି):** ଇରାନରେ ୧୯ ଦିନର ପ୍ରତିବାଦ ପରେ ଏବେ ଦେଶରେ ଶାନ୍ତି ଫେରୁଥିବା କୁହାଯାଉଛି । ଲକ୍ଷ ଲକ୍ଷ ଲୋକ ରାସ୍ତାକୁ ଓହ୍ଲାଇ ସରକାରଙ୍କ ବିରୋଧରେ ସ୍ଲୋଗାନ ଦେଇ ଭଙ୍ଗାରୁଜା ଓ ପୋଡ଼ାଜଳା କରିଥିଲେ। ଅର୍ଥନୈତିକ ସଙ୍କଟ ଯୋଗୁ ସୃଷ୍ଟି ହୋଇଥିବା ପ୍ରତିବାଦର ସ୍ୱର ସରକାରଙ୍କ ବିରୋଧରେ ଉଠିଥିଲା । ପ୍ରତିବାଦ ସମୟରେ ବହୁ ଲୋକଙ୍କ ମୃତ୍ୟୁ ହେବା ସହ ହଜାର ହଜାର ଲୋକଙ୍କୁ ଗିରଫ କରାଯାଇଥିଲା। ଶନିବାର ଇରାନରେ ପ୍ରତିବାଦ କରୁଥିବାରୁ ଜଣେ ମହିଳାଙ୍କୁ ଗିରଫ କରାଯାଇଛି । ପ୍ରତିବାଦକାରୀଙ୍କ ନେତୃତ୍ୱ ନେଉଥିବା ନାଜାନିନ୍ ବାରାଦରନ୍ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଗୁଇନ୍ଦା ସୂଚନା ଆଧାରରେ ଆଇଆରଜିସି ଅଭିଯୁକ୍ତଙ୍କୁ ଗିରଫ କରିଥିବା ଦାବି କରିଛି । ନାଜାନିନ୍ ବାରାଦରନ୍ଙ୍କ ବିରୋଧରେ ଅଭିଯୋଗ ଅଣାଯାଇଛି ଯେ, ସେ ପ୍ରତିବାଦ ପାଇଁ ହୋଇଥିବା ହିଂସାର ମୁଖ୍ୟ କାରଣ । ତାଙ୍କ ସମ୍ପର୍କରେ ଅଧିକ କୌଣସି ସୂଚନା ପ୍ରକାଶ କରାଯାଇ ନାହିଁ ଆମେରିକା ସ୍ଥିତ ମାନବାଧିକାର ସଂଗଠନ ଏଚ୍ଆର୍ଏଏନ୍ଏ କହିଛି,ଇତିମଧ୍ୟରେ ୨,୪୦୩ ପ୍ରଦର୍ଶନକାରୀ ଓ ୧୪୭ ସରକାରୀ ସମର୍ଥକଙ୍କୁ ହତ୍ୟା କରାଯାଇଛି। ସଂଗଠନ ଅନୁଯାୟୀ, ଏପର୍ଯ୍ୟନ୍ତ ମୋଟ ୧୮,୧୩୭ ଜଣଙ୍କୁ ଗିରଫ କରାଯାଇଛି । ଇରାନ ଗିରଫ ପ୍ରତିବାଦକାରୀଙ୍କୁ ମୃତ୍ୟୁଦଣ୍ଡ ଦେବ ବୋଲି ରିପୋର୍ଟ ହୋଇଥିଲା । ସମ୍ପ୍ରତି, ଇରାନର ବୈଦେଶିକ ମନ୍ତ୍ରୀ ଆସ ଆରାକଚି କହିଛନ୍ତି ଯେ, ଲୋକଙ୍କୁ ମୃତ୍ୟୁଦଣ୍ଡ ଦେବାର କୌଣସି ଯୋଜନା ନାହିଁ ।

## ଦିଲ୍ଲୀକୁ ଟାର୍ଗେଟ କରିପାରିନ୍ତି ଖଲିସ୍ତାନୀ, ବାଂଲାଦେଶୀ ଆତଙ୍କବାଦୀ ସଙ୍ଗଠନ

**ନୂଆଦିଲ୍ଲୀ, ୧୭।୧ (ଏଜେନ୍ସି):** ସାଧାରଣତନ୍ତ୍ର ଦିବସ ପାଖେଇ ଆସୁଥିବାବେଳେ ରାଜଧାନୀ ଦିଲ୍ଲୀ ପ୍ରତି ଆତଙ୍କବାଦୀ ଆକ୍ରମଣ ଆଶଙ୍କା ବୃଦ୍ଧି ପାଇଛି । ୨୬ ଜାନୁଆରି ପୂର୍ବରୁ ଖଲିସ୍ତାନୀ ଆତଙ୍କବାଦୀ ଓ ବାଂଲାଦେଶରେ ଥିବା ଆତଙ୍କବାଦୀ ସଙ୍ଗଠନ ଦିଲ୍ଲୀ ସମେତ ଅନ୍ୟ କେତେକ ସହରକୁ ଟାର୍ଗେଟ କରିପାରନ୍ତି ବୋଲି ଶନିବାର ଗୁଇନ୍ଦା ସଂସ୍ଥାପକ୍ଷରୁ ଆଲର୍ଟ ଜାରି କରାଯାଇଛି। ଇଣ୍ଟେଲିଜେନ୍ସ ବ୍ୟୁରୋ (ଆଇବି) ସୂତ୍ର ଅନୁଯାୟୀ, ପଞ୍ଜାବରେ ଗ୍ୟାଙ୍ଗଷ୍ଟରଙ୍କ କାର୍ଯ୍ୟକଳାପ ବୃଦ୍ଧି ପାଉଛି । ଏହି ଗ୍ୟାଙ୍ଗଷ୍ଟରମାନେ ଖଲିସ୍ତାନୀ ଏବଂ ବିଦେଶରୁ କାର୍ଯ୍ୟ କରୁଥିବା ମୌଳବାଦୀ ହ୍ୟାଣ୍ଡଲରଙ୍କ ହାତରେ ମୋହରା ସାଜି ସେମାନଙ୍କ ପଦାତିକ ବାହିନୀ ପରି କାମ କରୁଛନ୍ତି । ବିଦେଶୀ ହ୍ୟାଣ୍ଡଲରମାନେ ସେମାନଙ୍କର ଏଜେଣ୍ଡାକୁ ଆଗକୁ ବଢାଇବା ଏବଂ ଆଭ୍ୟନ୍ତରୀଣ ସୁରକ୍ଷାକୁ ବାଧା ଦେବା ପାଇଁ ଅପରାଧିକ ନେଟୱାର୍କ ବ୍ୟବହାର କରୁଥିବା ଅଭିଯୋଗ ହେଉଛି । ସୂଚନା ଅନୁଯାୟୀ, ଗ୍ୟାଙ୍ଗଷ୍ଟରମାନେ ହରିୟାଣା, ଦିଲ୍ଲୀ-ଏନ୍‌ସିଆର୍, ଉତ୍ତର ପ୍ରଦେଶ ଏବଂ ରାଜସ୍ଥାନରେ ସକ୍ରିୟ ଅଛନ୍ତି । ସେମାନେ ଖଲିସ୍ତାନୀ ଆତଙ୍କବାଦୀଙ୍କ ସହ ସମ୍ପର୍କ ସ୍ଥାପନ କରୁଛନ୍ତି । ସାଧାରଣତନ୍ତ୍ର ଦିବସ ପରେଡ ପୂର୍ବରୁ ଦିଲ୍ଲୀରେ ନର୍ଥ ଡିଷ୍ଟ୍ରିକ୍ଟ ପୁଲିସ୍ ସମ୍ବେଦନଶୀଳ ସ୍ଥାନଗୁଡ଼ିକରେ ମକଡ୍ରିଲ କରି ବିଭିନ୍ନ ସୁରକ୍ଷା ଏଜେନ୍ସିଙ୍କ ପ୍ରସ୍ତୁତି ଯାଞ୍ଚ କରିଛି । ଉତ୍ତର ଦିଲ୍ଲୀର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ତଥା ଐତିହାସିକ ସ୍ଥାନ, ବଡ଼ ବଡ଼ବଜାର ଓ ପରିବହନ ପେଣ୍ଟସ୍ଥଳୀଠାରେ ଜାନୁଆରି ମାସର ପ୍ରଥମ ୧୫ ଦିନରେ ୪ ଥର ମକଡ୍ରିଲ କରାଯାଇଛି । ଏଥିରେ ଲାଲକିଲ୍ଲା, ଆଇଏସ୍‌ବିଟି କାଶ୍ମୀର ଗେଟ୍, ଚାନ୍ଦିନୀ ଚୌକ, ଖାରିବାଓଲି, ସଦର ବାଜାର ଓ ମେଟ୍ରୋ ଷ୍ଟେସନ ରହିଛି । ସୁରକ୍ଷା ଦୃଷ୍ଟିକୋଣରୁ ଏହିସବୁ ସ୍ଥାନ ଅତି ଗୁରୁତ୍ୱପୂର୍ଣ୍ଣ ରହିଛି । ଆତଙ୍କବାଦୀ କାର୍ଯ୍ୟକଳାପର ମୁକାବିଲା କରିବାକୁ ଲକ୍ଷ୍ୟ କରି ଏହି ଡ୍ରିଲ କରାଯାଇଥିଲା । ସାଧାରଣ ଲୋକ ତଥା ଏଜେନ୍ସିଗୁଡ଼ିକ ସମ୍ଭାବ୍ୟ ଆତଙ୍କବାଦୀ ଆକ୍ରମଣ ସମୟରେ କିପରି ସତର୍କ ରହିବେ ସେ ନେଇ ଡ୍ରିଲ କରାଯାଇଥିଲା । ଚଳିତ ବର୍ଷ ସାଧାରଣତନ୍ତ୍ର ଦିବସ ଅବସରରେ କର୍ତ୍ତବ୍ୟ ପଥରେ ୩୦ରୁ ଅଧିକ ପ୍ରଦର୍ଶନୀ ସାମିଲ ହୋଇପାରେ । ଏଥର ପ୍ରଦର୍ଶନୀ ମେଢ 'ସ୍ୱତନ୍ତ୍ରତା କା ମନ୍ତ୍ର- ବନ୍ଦେ ମାତରଂ' ଓ ସମୃଦ୍ଧି କା ମନ୍ତ୍ର- ଆତ୍ମନିର୍ଭର ଭାରତ' ବିଷୟବସ୍ତୁ ଉପରେ ଆଧାରିତ ହେବ ।

## ବନ୍ଦେ ଭାରତ ସ୍ଲିପର୍ ଟ୍ରେନକୁ ପତାକା ଦେଖାଇ ଶୁଭାରମ୍ଭ କଲେ ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ, ୧୭।୧ (ଏଜେନ୍ସି):** ଦେଶର ପ୍ରଥମ ବନ୍ଦେ ଭାରତ ସ୍ଲିପର ଟ୍ରେନ୍ ଟ୍ରାକରେ ଦୌଡିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପଶ୍ଚିମବଙ୍ଗ ମାଲଦା ରେଳ ଷ୍ଟେସନରୁ ଟ୍ରେନକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି । ଏହା ହାଓ୍ୱଡାରୁ ଗୌହାଟୀ (କାମାକ୍ଷା) ମଧ୍ୟରେ ଚଳାଚଳ କରିବ । ବନ୍ଦେ ଭାରତ ସ୍ଲିପର ଟ୍ରେନର ଶୁଭାରମ୍ଭ କରିବା ସହ ୩୨୫୦ କୋଟି ଟଙ୍କାର ରେଳ ଓ ସଡକ ଭିତ୍ତିଭୂମି ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି ପ୍ରଧାନମନ୍ତ୍ରୀ । ଏକ ଜନସଭାକୁ ସମ୍ବୋଧନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ପଶ୍ଚିମବଙ୍ଗ ରାଜ୍ୟପାଳ ଆନନ୍ଦ ବୋଷ, କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଉପସ୍ଥିତ ଥିଲେ । ଜନସଭାକୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ କହିଛନ୍ତି, 'ଆଜି ମାଲଦାରୁ ପଶ୍ଚିମବଙ୍ଗକୁ ପ୍ରଗତିକୁ ଗତି ଦେବାର ଅଭିଯାନ ଅଧିକ ଦ୍ରୁତ ହୋଇଛି । ଅନେକ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ ହୋଇଛି । ନୂଆ ରେଳ ସେବା ପଶ୍ଚିମବଙ୍ଗକୁ ମିଳିଛି । ଏହାଦ୍ୱାରା ଲୋକଙ୍କୁ ଯାତ୍ରା ସହଜ ହେବ । ବ୍ୟବସାୟ, କାରବାର ସହଜ ହେବ । ଟ୍ରେନ୍ ସୁବିଧା ବଙ୍ଗ ଯୁବଶକ୍ତିଙ୍କୁ ନୂଆ ଅବସର ଦେବ। ଆଜି ଭାରତୀୟ ରେଳବାଇର ଆଧୁନିକୀକରଣ ଦିଗରେ ଆଉ ଏକ ବଡ଼ ପଦକ୍ଷେପ ନିଆଯାଇଛି । ଦେଶର ପ୍ରଥମ ବନ୍ଦେ ଭାରତ ସ୍ଲିପର୍ ଟ୍ରେନ୍ । ଏହା ମେଡ୍ ଇନ୍ ଇଣ୍ଡିଆ, ଏହା ଆମ ଭାରତୀୟଙ୍କ ଝାଳରେ ତିଆରି ହୋଇଛି । ଏହା ମା' କାଳୀଙ୍କ ଭୂମିକୁ ମା' କାମାକ୍ଷାଙ୍କ ଭୂମି ସହିତ ସଂଯୋଗ କରୁଛି । ଭବିଷ୍ୟତରେ, ଏହି ଆଧୁନିକ ଟ୍ରେନ୍ ସାରା ଦେଶରେ ବିସ୍ତାରିତ ହେବ' । ଏହି ଆଧୁନିକ ସ୍ଲିପର୍ ଟ୍ରେନ୍ ପାଇଁ ବଙ୍ଗଳା, ଆସାମ ଏବଂ ସମଗ୍ର ଦେଶକୁ ଅଭିନନ୍ଦନ ଜଣାଉଛି । ଆଜି, ବଙ୍ଗଳା ଆଉ ୪ଟି ଆଧୁନିକ ଅମୃତ ଭାରତ ଏକ୍ସପ୍ରେସ୍ ଟ୍ରେନ୍ ପାଇଛି । ନୂଆ ଜଳପାଇଗୁଡ଼ି-ନାଗରକୋଇଲ୍ ଅମୃତ ଭାରତ ଏକ୍ସପ୍ରେସ୍, ନୂଆ ଜଳପାଇଗୁଡ଼ି-ତିରୁଚିରାପାଲି ଅମୃତ ଭାରତ ଏକ୍ସପ୍ରେସ୍,ଆଲିପୁରଦୁଆର-ବେଙ୍ଗାଲୁରୁ ଅମୃତ ଭାରତ ଏକ୍ସପ୍ରେସ୍, ଆଲିପୁରଦୁଆର-ମୁମ୍ବାଇ ଅମୃତ ଭାରତ ଏକ୍ସପ୍ରେସ୍ । ଏହା ଦକ୍ଷିଣ ଏବଂ ପଶ୍ଚିମ ଭାରତ ସହିତ ବଙ୍ଗଳା, ବିଶେଷକରି ଉତ୍ତର ବଙ୍ଗଳାର ସଂଯୋଗକୁ ଆହୁରି ସୁଦୃଢ଼ କରିବ ।ବନ୍ଦେ ଭାରତ ସ୍ଲିପର- ଏହା ହାଓ୍ୱଡ଼ା-ଗୌହାଟୀ ମଧ୍ୟରେ ଚଳାଚଳ କରିବ । ୧୬ କୋଚ୍ ବିଶିଷ୍ଟ ଟ୍ରେନରେ ୮୨୩ ଜଣ ଯାତ୍ରୀ କ୍ଷମତା ରହିଛି । ମାତ୍ର ୧୪ ଘଣ୍ଟାରେ ୯୫୮-୯୬୮ କିଲୋମିଟର ଦୂର ଅତିକ୍ରମ କରିବ । ଯାହା ପୂର୍ବ ଟ୍ରେନ୍ ତୁଳନାରେ ପ୍ରାୟ ୨ରୁ ୫-୩ ଘଣ୍ଟା କମ୍ । ଘଣ୍ଟା ପ୍ରତି ଏହା ୧୮୦ କିମି ରହିବ । ଏହା ସପ୍ତାହରେ ୬ ଦିନ ଗଡିବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜିଠାରୁ ଦୁଇଦିନିଆ ପଶ୍ଚିମବଙ୍ଗ ଓ ଆସାମ ଗସ୍ତରେ ଯିବେ । ଏହି ଅବସରରେ ସେ ଏକାଧିକ ନୂଆ ଟ୍ରେନ ଚଳାଚଳର ଶୁଭାରମ୍ଭ ସହ ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି । ରବିବାର ଅପରାହ୍ନ ୩ଟାରେ ସେ ହୁଗୁଳି ଜିଲ୍ଲାର ସିଙ୍ଗୁର ଠାରେ ୮୩୦ କୋଟି ଟଙ୍କାର ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବେ ।



## ସିବିସି ଏବଂ ପିଆଇବି ଭୁବନେଶ୍ୱର ପକ୍ଷରୁ ସ୍ୱଚ୍ଛତା ପଖୱାଡ଼ା ପାଳିତ




**ଭୁବନେଶ୍ୱର,୧୭।୧ (ନି.ପ୍ର):** ଭାରତ ସରକାରଙ୍କ ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ଅଧୀନସ୍ଥ କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋ (ସିବିସି) ଏବଂ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି) ଭୁବନେଶ୍ୱର ପକ୍ଷରୁ ସ୍ୱଚ୍ଛତା ପଖୱାଡ଼ା ୨୦୨୬ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ପିଆଇବି ଏବଂ ସିବିସି (ଓଡ଼ିଶା ଏବଂ ଝାଡ଼ଖଣ୍ଡ କ୍ଷେତ୍ର)ର ଅତିରିକ୍ତ ମହାନିର୍ଦ୍ଦେଶକ ଶ୍ରୀ ଅଖିଳ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା।ଏନଏବିଏମ-ପ୍ରସାର ଭାରତୀର ଉପମହାନିର୍ଦ୍ଦେଶକ ଶ୍ରୀ ଭି.ଏମ୍ ରତ୍ନ ପ୍ରସାଦ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସ୍ୱଚ୍ଛ ଭାରତ ମିଶନର ଲକ୍ଷ୍ୟ ଉପରେ ଧ୍ୟାନ କେନ୍ଦ୍ରିତ କରାଯାଇଥିଲା। ୨ ଅକ୍ଟୋବର, ୨୦୧୪ ରେ ମହାତ୍ମା ଗାନ୍ଧୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ସ୍ୱରୂପ ମିଶନ ଆରମ୍ଭ କରାଯାଇଥିଲା।ଏହା ଏକ ସ୍ୱଚ୍ଛ ଏବଂ ବିକଶିତ ଭାରତର ଲକ୍ଷ୍ୟ ହାସଲ କରିବାରେ ପରିମଳ, ସ୍ୱଚ୍ଛତା ଏବଂ ଜନସାଧାରଣଙ୍କ ସମ୍ପୃକ୍ତି ଉପରେ ଗୁରୁତ୍ୱାରୋପ କରିଥିଲା।

କାର୍ଯ୍ୟକ୍ରମର ଅଂଶ ସ୍ୱରୂପ, ସିବିସି ଭୁବନେଶ୍ୱରର ବରିଷ୍ଠ କଳାକାରମାନେ ସ୍ୱଚ୍ଛତା ବିଷୟବସ୍ତୁ ଉପରେ ଏକ ନାଟକ ପରିବେଷଣ କରିଥିଲେ, ଯାହା ସୃଜନଶୀଳ ଅଭିବ୍ୟକ୍ତି ମାଧ୍ୟମରେ ସ୍ୱଚ୍ଛତାର ବାର୍ତ୍ତା ଦେଇଥିଲା।କାର୍ଯ୍ୟକ୍ରମରେ ସଫାଇ ମିତ୍ର ତ୍ରିବେଣୀ ଦିଗାଲ ଏବଂ ମାନସ ରଞ୍ଜନ ନାୟକଙ୍କୁ ସେମାନଙ୍କର ଉତ୍ସର୍ଗୀକୃତ ସେବା ପାଇଁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମର ସମାପନ ଅବସରରେ ଏକ ସ୍ୱଚ୍ଛତା ଅଭିଯାନ କରାଯାଇଥିଲା, ଏଥିରେ ସ୍ୱଚ୍ଛ ଭାରତ ମିଶନରେ କର୍ମଚାରୀମାନଙ୍କର ସକ୍ରିୟ ଅଂଶଗ୍ରହଣ ଏବଂ ସମର୍ପଣ ଭାବନା ଦେଖିବାକୁ ମିଳିଥିଲା।

# ଜିଲ୍ଲାରେ ଆଇନ୍ ଶୃଙ୍ଖଳା ବିପର୍ଯ୍ୟସ୍ତକୁ ନେଇ ବିଜେଡିର ଏସ୍‌ପି ଅଫିସ ଘେରାଉ



**କେନ୍ଦ୍ରାପଡ଼ା,୧୭।୧ (ନି.ପ୍ର) :** କେନ୍ଦ୍ରାପଡ଼ା ଜିଲ୍ଲାରେ ଆଇନ୍‌ଶୃଙ୍ଖଳା ପରିସ୍ଥିତି ବିଗିଡି ଯାଇଛି। ପୋଲିସ ଏବେ ଗେରୁଆ ଗାମୁଛାଧାରୀଙ୍କୁ ସମ୍ମାନ ଦେଉଛି। ଗେରୁଆ ଗାମୁଛା ପକାଇଥିବା ଲୋକମାନେ ଯାହା ଦୋଷ କଲେ ବି ସେମାନଙ୍କୁ ତିନିଗୁଣ ମାଫ। କିନ୍ତୁ ସାଧାରଣ ଜନତା ସାମାନ୍ୟ ଟିକେ ଭୁଲ କଲେ ସେମାନଙ୍କୁ ସଙ୍ଗେ ସଙ୍ଗେ ଜେଲ ପଠାଇ ଦେଉଛି। ଥାନା ଏବେ ବିଜେପି ଅଫିସରେ ପରିଣତ ହୋଇଛି। ବିଜେଡି ବିଧାୟକମାନେ ଏହି ଅଭିଯୋଗ କରି ଶୁକ୍ରବାର ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ଘେରାଉ କରି ଗିରଫ ହୋଇଛନ୍ତି। ହଜାର ହଜାର ସଂଖ୍ୟାରେ ବିଜେଡି ନେତା ଓ କର୍ମୀମାନେ ବିଜେପି ସରକାର ବିରୋଧରେ ପ୍ରତିବାଦ କରି ଏସ୍‌ପି ଅଫିସ ନିକଟକୁ ଯାଇଥିଲେ। ସେଠାରେ ଏସ୍‌ପିଙ୍କ ଠାରୁ ଜିଲ୍ଲାର ଆଇନ୍ ଶୃଙ୍ଖଳା ପରିସ୍ଥିତି ଉପରେ ପ୍ରଶ୍ନ କରିଥିଲେ। ଜିଲ୍ଲା ବିଜୁ ଜନତା ଦଳ ସଭାପତି ଶିବ ପ୍ରସାଦ ଭଲଙ୍କ ଅଧ୍ୟକ୍ଷତାରେ ଏସ୍‌ପିଙ୍କ ଅଫିସ ନିକଟରେ ଏକ ପ୍ରତିବାଦ ସଭା ହୋଇଥିଲା। ଏଥିରେ ଆଳି ବିଧାୟକ ପ୍ରତାପ କେଶରୀ ଦେବ, ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ, ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ପ୍ରମୁଖ ଯୋଗ ଦେଇ ବିଜେପି ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ। ଗତ ୧୫ ବର୍ଷ ମଧ୍ୟରେ ଜିଲ୍ଲାରେ କୌଣସି ରାଜନୈତିକ ଦଳ ଏସ୍‌ପି ଅଫିସ ଘେରାଉ କରି ନଥିଲେ। ଆଜି କାହିଁକି ଏସ୍‌ପି ଅଫିସ ଘେରାଉ କରାଗଲା ବୋଲି ଆଳି ବିଧାୟକ ପ୍ରତାପ ଦେବ ପ୍ରଶ୍ନ କରିଥିଲେ। ବର୍ତ୍ତମାନ ରାଜ୍ୟରେ ଲୋକଙ୍କ ସରକାର ଚାଲିଛି ବୋଲି ମୁଖ୍ୟମନ୍ତ୍ରୀ ଯେଉଁ ନାରା ଦେଉଛନ୍ତି ତାହା କେବଳ ବାହାସ୍ଫୋଟ। ରାଜ୍ୟରେ ଆଇନ୍ ଶୃଙ୍ଖଳା ପରିସ୍ଥିତି ବିଗିଡି ଯାଇଥିବା ବେଳେ ଜିଲ୍ଲାରେ ଥିବା ଥାନାଗୁଡିକ ବିଜେପି କାର୍ଯ୍ୟାଳୟ ପାଲଟିଛି। ଏହି ଆନ୍ଦୋଳନ ଆଜିଠୁ ଆରମ୍ଭ ହେଲା ଆଗକୁ ଅଧିକ ଭୟଙ୍କର ରୂପ ନେବ। ଯେତେବେଳେ ଲୋକଙ୍କ ଉପରେ ଆଞ୍ଚ ଆସିଛି ସେତେବେଳେ ବିଜେଡି ଗର୍ଜନ କରିଛି। ଯେଉଁ ପୋଲିସ ଅଧିକାରୀଙ୍କ ପକେଟ୍ ଉଚ୍ଚା ରହିବ ସେ ଥାନାରେ ନିଯୁକ୍ତି ପାଇବେ। ଜଣେ ଅଧିକାରୀ ଜଣେ ବିଜେପି ନେତାଙ୍କୁ ୭ ଲକ୍ଷ ଦେଲେ ଜିଲ୍ଲାର ଗୋଟିଏ ଥାନାରେ ନିଯୁକ୍ତି ପାଇବା ପାଇଁ। କିନ୍ତୁ ତାଙ୍କ କଥା ଶୁଣା ଗଲାନାହିଁ। ଯେଉଁ ଅଧିକାରୀ ୧୦ ଲକ୍ଷ ଦେଲେ ସେ ନିଯୁକ୍ତି ପାଇଲେ। ଥାନାରେ ଗେରୁଆ ଗାମୁଛା ପକାଇ ଆସିଲେ ସେମାନଙ୍କ କାମ ସଙ୍ଗେ ସଙ୍ଗେ ହେଉଥିବା ବେଳେ ଅନ୍ୟମାନଙ୍କ କଥାକୁ ପୋଲିସ ଖାତିର କରୁନାହିଁ। ଜିଲ୍ଲାରେ ମହିଳାମାନେ ଅସୁରକ୍ଷିତ ହୋଇପଡିଛନ୍ତି। ଯାହାର ଉଦାହରଣ ହେଉଛି ରାଜନଗରରେ ମହିଳା ପ୍ରଶାସନିକ ଅଧିକାରୀଙ୍କୁ ବିଜେପି ନେତାଙ୍କ ଆକ୍ରମଣ। ଆଜିର ଆନ୍ଦୋଳନ ହେଉଛି ଟ୍ରେଲର। ଆଗାମୀ ଦିନରେ ପୋଲିସ ଫିଲ୍ମ ଦେଖିବ ବୋଲି ସେମାନେ କହିଥିଲେ। ଜିଲ୍ଲାରେ ଆଇନ୍ ଶୃଙ୍ଖଳା ପରିସ୍ଥିତିକୁ ସଜାଡିବା ପାଇଁ ଏହି ଆନ୍ଦୋଳନ କରାଯାଇଛି। ଜିଲ୍ଲାରେ ସ୍ୱେଚ୍ଛାଚାର ଶାସନ ଚାଲିଛି। ରକ୍ଷକ ଏବେ ଭକ୍ଷକ ସାଜିଛନ୍ତି। ପୋଲିସ ଏବେ ସରକାରୀ ଦଳର ହାତବାରିସି ସାଜିଛି। କାରଣ ଆଇନ୍ କହୁଛି ଯେକୌଣସି ବ୍ୟକ୍ତି କୌଣସି ନିର୍ଯ୍ୟାତନା କିମ୍ବା ଅପରାଧ ବିରୋଧରେ ସ୍ୱର ଉତ୍ତୋଳନ କରି ଥାନାରେ ଏତଲା ଦେଲେ ଅଭିଯୁକ୍ତ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। କିନ୍ତୁ କେନ୍ଦ୍ରାପଡ଼ା ପୋଲିସ ଜିଲ୍ଲାରେ ଆଇନ୍‌ର ଶାସନ ଚାଲିନାହିଁ। ଏବେ ଜେଲଭରୋ ଆନ୍ଦୋଳନ ହେଲା। ଆଗାମୀ ଦିନରେ ବିଜେଡି ଆଇନ୍ ଅମାନ୍ୟ ଆନ୍ଦୋଳନ କରିବ। ବିଜେପି ସରକାରଙ୍କୁ ତୀବ୍ର ସମାଲୋଚନା କରି ବିଜେଡି ନେତା କହିଲେ ରାଜ୍ୟରେ ଆଇନ୍ ଶୃଙ୍ଖଳା ବୋଲି କିଛି ନାହିଁ। ଗତ ୨ ବର୍ଷ ମଧ୍ୟରେ କୌଣସି ବିକାଶମୂଳକ କାର୍ଯ୍ୟ ହୋଇନାହିଁ। ଶୁଭଦ୍ରା ଯୋଜନାରେ ଲୋକଙ୍କୁ ଟଙ୍କା ଦେଇ ଅନ୍ୟ ବାଟେ ଲୁଟୁଛନ୍ତି। ରାଜ୍ୟରେ ସରକାରୀ ଅଧିକାରୀମାନଙ୍କୁ ବିଜେପି ନେତାମାନେ କାର୍ଯ୍ୟ କରିବାକୁ ଦେଉ ନାହାଁନ୍ତି। ମହିଳାଙ୍କ ପ୍ରତି ସରକାରଙ୍କ ସମ୍ମାନ ନାହିଁ। ଏହାର ଜ୍ୱଳନ୍ତ ଉଦାହରଣ ହେଉଛି ରାଜନଗରରେ ମହିଳା ବିଡିଓଙ୍କୁ ବିଜେପି ନେତାଙ୍କ ଆକ୍ରମଣ। ପୋଲିସ ବିଜେପି ନେତାମାନଙ୍କ ପାଇଁ ଗୁଣ୍ଡା ସାଜିଛି। ବିଜେପି ନେତାମାନେ ବାଲି, ଗୋଡି ଓ ମାଟିକୁ ଖାଇଯିବା ପାଇଁ ହାଁ ହାଁ ହେଉଛନ୍ତି ବୋଲି ଶ୍ରୀ ଜେନା କହିଥିଲେ। ଜିଲ୍ଲାରେ ଆଇନ୍ ଶୃଙ୍ଖଳା ଭୁଷୁଡି ପଡିଛି। ରାଜନଗରରେ ମହିଳା ବିଡିଓଙ୍କୁ ଆକ୍ରମଣ କରାଗଲା। ଏ ନେଇ ବ୍ଲକର ମହିଳା ଅଧ୍ୟକ୍ଷ ବିଡିଓଙ୍କୁ କରାଯାଇଥିବା ଦୁର୍ବ୍ୟବହାର ସଂକ୍ରାନ୍ତରେ ଥାନାରେ ଏତଲା ଦେଲେ। କିନ୍ତୁ ପୋଲିସ ବିଜେପି ନେତା ଓ କର୍ମୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲାନାହିଁ। ୱାର୍ଡ ମେମ୍ବର ହୋଇ ନଥିବା କୁଜି ନେତାଙ୍କୁ ପୁଲିସ ସୁରକ୍ଷା ଦେଉଛି। ବ୍ଲକର ବିକାଶ ମୂଳକ କାର୍ଯ୍ୟରେ ପୋଲିସ ଅଯଥା ହସ୍ତକ୍ଷେପ କରୁଛି। ଯାହା ଫଳରେ ମହିଳା ବିଡିଓଙ୍କୁ ଦୁର୍ବ୍ୟବହାର କରିବାକୁ କୁଜି ନେତାମାନେ ପଛାଉ ନାହାଁନ୍ତି। ଜିଲ୍ଲାରେ ଥିବା ବାଲି ଖାଦାନ ନିଲାମ ହେଉନାହିଁ। ଏହାକୁ ବିଜେପି ନେତା ଓ ପୋଲିସ ରାଧେ ରାଧେ କରି ଖାଇ ଯାଉଛନ୍ତି। ବାଲି ଟ୍ରିପ ୨୦ ହଜାର ହୋଇଥିବା ବେଳେ ଗୋଡି ଟ୍ରିପ ୪୦ ହଜାର ହେଲାଣି। ଏହାଦ୍ୱାରା ସାଧାରଣ ଲୋକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପୋଲିସ ଏଥିପାଇଁ ଦାୟୀ ବୋଲି ରାଜନଗର ବିଧାୟକ ଶ୍ରୀ ସାହୁ କହିଛନ୍ତି।

## ନୂତନ ଥାନାଧିକାରୀଙ୍କ ଯୋଗଦାନ

**ଖଣ୍ଡପଡ଼ା, ୧୭।୧ (ନିପ୍ର):** ଖଣ୍ଡପଡ଼ା ଥାନାରେ ନୂତନ ଥାନାଧିକାରୀ ଭାବେ କୃତିବାସ ହରିଚନ୍ଦନ ଯୋଗଦେଇଛନ୍ତି। ଶ୍ରୀ ହରିଚନ୍ଦନ ପୂର୍ବରୁ ରଣପୁର ଥାନାରେ କାର୍ଯ୍ୟରତ ଥିଲେ। ଶ୍ରୀ ହରିଚନ୍ଦନ ଆନୁଷ୍ଠାନିକ ଭାବେ କାର୍ଯ୍ୟଭାର ସମ୍ଭାଳିଥିବା ଥାନା ସୂତ୍ରରୁ ସୂଚନା ମିଳିଛି।



ଅନ୍ୟପକ୍ଷରେ ଖଣ୍ଡପଡା ଅଞ୍ଚଳରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ସହିତ ଲୋକଙ୍କୁ କିଭଳି ସଠିକ ନ୍ୟାୟ ମିଳିପାରିବ ସେ ଦିଗରେ ଉଦ୍ୟମ କରିବେ ବୋଲି ଶ୍ରୀ ହରିଚନ୍ଦନ ପ୍ରତିକ୍ରିୟା ଦେଇଛନ୍ତି। ବିଶେଷକରି ଥାନା ଅଞ୍ଚଳରେ ଆଇନ ଶୃଙ୍ଖଳା ପରିସ୍ଥିତି ଚ୍ୟାଲେଞ୍ଜ ପାଲଟିଥିବା ବେଳେ ସ୍ଥାନୀୟ ପୁଲିସ ପକ୍ଷରୁ ଏହାକୁ ସୁବ୍ୟବସ୍ଥିତ କରିବାକୁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଥାନା ସୂତ୍ରରୁ ସୂଚନା ମିଳିଛି। ସେହିପରି ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ଥାନାଧିକାରୀଙ୍କୁ କର୍ମଚାରୀ ମାନେ ସ୍ୱାଗତ କରିଥିବା ଜଣାପଡିଛି। ଉଲ୍ଲେଖଯୋଗ୍ୟ ଯେ ଖଣ୍ଡପଡା ଥାନାରେ ଦୀର୍ଘଦିନ ଧରି ଥାନାଧିକାରୀ ପଦବୀ ଖାଲିଥିବା ବେଳେ ଏଠାରେ କାର୍ଯ୍ୟରତ ଡିଏସପି ନିହାର ରଞ୍ଜନ ମହାନ୍ତିଙ୍କର ନୟାଗଡ଼ ପୁଲିସ ମୁଖ୍ୟାଳୟ କୁ ବଦଳି ହୋଇଥିବା ଜଣାପଡିଛି।

# ଉପଖଣ୍ଡ ସ୍ତରୀୟ କୃଷି ଯନ୍ତ୍ରପାତି ମେଳା-୨୦୨୬ ଉଦ୍‌ଘାଟିତ




**ବଲାଙ୍ଗିର, ୧୭।୧ (ନି.ପ୍ର) :** ରାଜ୍ୟ ସରକାରଙ୍କ କୃଷି ଓ କୃଷକ ସଶକ୍ତକରଣ ବିଭାଗ ପକ୍ଷରୁ ପାଟଣାଗଡ଼ କୁକୁରମୁଣ୍ଡା ଉଚ୍ଚ ବିଦ୍ୟାଳୟ ପଡ଼ିଆରେ ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା-୨୦୨୬ ଉଦ୍ଘାଟିତ ହୋଇଯାଇଛି। ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ମେଳାକୁ ଉଦ୍ଘାଟନ କରିଥିଲେ। ବଲାଙ୍ଗିର ଜିଲ୍ଲାର ଚାଷୀ ଭାଇ ଓ ଭଉଣୀ ଏହି ମେଳାର ସୁଯୋଗ ନେବା ସହ ରିହାତି ମୂଲ୍ୟରେ କୃଷି ଯନ୍ତ୍ରପାତି କିଣିପାରିବେ ବୋଲି କହିଥିଲେ। ଚାଷୀଙ୍କୁ ଜୈବିକ ପଦ୍ଧତିରେ ଚାଷ କରିବାକୁ ପରାମର୍ଶ ଦେଇ ଉପମୁଖ୍ୟମନ୍ତ୍ରୀ କହିଥିଲେ, ରସାୟନିକ ସାର ପ୍ରୟୋଗ ଦ୍ୱାରା ଉତ୍ପାଦିତ ଶସ୍ୟ ଆମ ଶରୀରରେ କୁପ୍ରଭାବ ପକାଉଛି। ଏମିତି କି କ୍ୟାନ୍ସର ଭଳି ମାରାତ୍ମକ ରୋଗ ମଧ୍ୟ ବୃଦ୍ଧି କରୁଛି। ତେଣୁ ଏହାକୁ ରୋକିବା ପାଇଁ ଜୈବିକ ସାର ବ୍ୟବହାର କରିବା ନିହାତି ଆବଶ୍ୟକ। ଜୈବିକ ପଦ୍ଧତିରେ ଚାଷ କରିବା ଦ୍ୱାରା ମାଟିର ଉର୍ବରତା ବଢିବ ଏବଂ ଆମେ ରୋଗରୁ ମଧ୍ୟ ବର୍ତ୍ତି ପାରିବା ।

ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଜିଲ୍ଲାପାଳ ଗୌରୱ ଶିୱାଜୀ ଇସଲୱାର, ଉପଜିଲ୍ଲାପାଳ ସୁନୀଲ କୁମାର ମେହେର, ଅଧିକ୍ଷଣ ଯନ୍ତ୍ରୀ, କୃଷି ବିଭାଗ, ସମ୍ବଲପୁର, ନରେନ୍ଦ୍ର କୁମାର ପଣ୍ଡା, ଜିଲ୍ଲା କୃଷି ଅଧିକାରୀ ଧୀରେନ୍ଦ୍ର କୁମାର ସିଂ ବରିହା ଯୋଗଦେଇଥିଲେ। ଏହି ମେଳା କୃଷକଙ୍କ ପାଇଁ ଏକ ଅପୂର୍ବ ସୁଯୋଗ ସୃଷ୍ଟି କରିଥିବା ବେଳେ କୃଷି ଯନ୍ତ୍ରପାତି କ୍ରୟ ପାଇଁ ସରକାରଙ୍କ ପକ୍ଷରୁ ଦିଆଯାଉଥିବା ରିହାତିର ଲାଭ ଉଠାଇ ପାରିବେ, କୃଷକ ଆଧୁନିକ ପ୍ରଣାଳୀରେ କୃଷି କାର୍ଯ୍ୟ ପାଇଁ ଅତ୍ୟାଧୁନିକ ଯନ୍ତ୍ରପାତି ବ୍ୟବହାର ଦ୍ୱାରା ସ୍ୱଳ୍ପ ମୂଲ୍ୟ ଓ ସ୍ୱଳ୍ପ ସମୟରେ ଅଧିକ ଲାଭ ହାସଲ କରିପାରିବେ ଓ ଚାଷ ଜମିରେ ରସାୟନିକ ସାର ପରିବର୍ତ୍ତେ ଜୈବିକ ସାର ପ୍ରୟୋଗ କରନ୍ତୁ ବୋଲି ଉପସ୍ଥିତ ଅତିଥିଗଣ ମତବ୍ୟକ୍ତ କରିଥିଲେ। ସର୍ବପୁରାତନ ଚାଷ କାମରେ ଚାଷୀମାନଙ୍କ ଦ୍ୱାରା ବ୍ୟବହୃତ ଯନ୍ତ୍ରଗୁଡ଼ିକ ସଂଗ୍ରହ କରି ଜିଲ୍ଲା ମୁଖ୍ୟାଳୟରେ ଏକ ସଂଗ୍ରହାଳୟ ଖୋଲିବା ନେଇ ଜିଲ୍ଲାପାଳଙ୍କୁ ମୁଖ୍ୟ ଅତିଥି ପରାମର୍ଶ ଦେଇଥିଲେ। ଏହି ମେଳାରେ କୃଷି ବିଭାଗ ପକ୍ଷରୁ ୧୦ଟି ଏବଂ କୃଷି ଯନ୍ତ୍ରପାତି ବିଭାଗ ପକ୍ଷରୁ ୨୫ଟି ଷ୍ଟଲ ଖୋଲାଯାଇଛି। ଉକ୍ତ କାର୍ଯ୍ୟକ୍ରମ ଆସନ୍ତା ୧୮ ତାରିଖ ଯାଏଁ ଚାଲିବ।

ଏହି କାର୍ଯ୍ୟକ୍ରମରେ ସଫଳ ଚାଷୀ ମାନଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଚାଷୀ କାଳିଆ ସାହୁ ଏବଂ ମୁନି ହେର୍ନା ରିହାତି ମୂଲ୍ୟରେ ଗୋଟିଏ ଲେଖାଏଁ ଟ୍ରାକ୍ଟର କ୍ରୟ କରିଥିଲେ। ଏହି କାର୍ଯ୍ୟକ୍ରମରେ କୃଷି ବିଭାଗର ନିର୍ବାହୀ ଯନ୍ତ୍ରୀ ଇଂ. ଲସ ମୁର୍ମୁଙ୍କ ସହ ଅନ୍ୟ ଅଧିକାରୀ ଏବଂ କର୍ମଚାରୀ ବୃନ୍ଦ ଉପସ୍ଥିତ ଥିଲେ।

## ବରିଷ୍ଠ ନାଗରିକ ତୀର୍ଥ ଯାତ୍ରାର ଶୁଭାରମ୍ଭ




**ମାଲକାନଗିରି, ୧୭।୧ (ନି.ପ୍ର):** ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ପକ୍ଷରୁ ଆଜି ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନା ଅଧୀନରେ ଆଧ୍ୟାତ୍ମିକ ଯାତ୍ରାର ଦିବ୍ୟ ଅନୁଭବ ନେବା ନିମନ୍ତେ ମାଲକାନଗିରି ଜିଲ୍ଲାରୁ ତୀର୍ଥ ଯାତ୍ରୀଙ୍କୁ ନେଇ ଏକ ବସ୍ ରାୟଗଡ଼ା ଅଭିମୁଖେ ଯାତ୍ରା କରିଛି। ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ ଏହି ତୀର୍ଥ ଯାତ୍ରୀ ବସ୍‌କୁ ପତାକା ଦେଖାଇ ଉଦଘାଟନ କରିଥିବା ବେଳେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନିର୍ମଳ ଧାରୁଆ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ପ୍ରମିଳା ମାଝୀ ଓ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ରାଜୀବ ପୂଜାରୀ ଉପସ୍ଥିତ ରହି ତୀର୍ଥଯାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଜିଲ୍ଲାପାଳ ବରିଷ୍ଠ ନାଗରିକଙ୍କ ସୁଖଦ ଯାତ୍ରା ନିମନ୍ତେ ଶୁଭେଚ୍ଛା ଜଣାଇଛନ୍ତି।

କୋରାପୁଟ, ରାୟଗଡ଼ା, ମାଲକାନଗିରି, ନବରଙ୍ଗପୁର, ନୂଆପଡ଼ା ଓ କଳାହାଣ୍ଡି ଜିଲ୍ଲାର ତୀର୍ଥଯାତ୍ରୀ ରାୟଗଡା ରେଳ ଷ୍ଟେସନରୁ ବାରାଣାସୀ ଓ ଅଯୋଧ୍ୟା ଅଭିମୁଖେ ଯାତ୍ରା କରିବେ। ଆଜି ସମସ୍ତ ୭୫ ଜଣ ତୀର୍ଥଯାତ୍ରୀ ଓ ୨ ଜଣ ସହଯୋଗୀ ଅଧିକାରୀ ରାୟଗଡ଼ା ପହଞ୍ଚିବେ ଏବଂ ଆସନ୍ତାକାଲି ବାରାଣସୀ- ଅଯୋଧ୍ୟା ଅଭିମୁଖେ ଯାତ୍ରା କରିବେ। ଯାତ୍ରୀଙ୍କର ସୁଖଦ ଯାତ୍ରା ନିମନ୍ତେ ସମସ୍ତ ପ୍ରକାର ପଦକ୍ଷେପ ପର୍ଯ୍ୟଟନ ବିଭାଗ ପକ୍ଷରୁ ନିଆ ଯାଇଛି। ଆଜି ସମସ୍ତ ଯାତ୍ରୀ ଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ସେମାନଙ୍କ ଗନ୍ତବ୍ୟ ସ୍ଥଳକୁ ପଠାଯାଇଛି। ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହି ତୀର୍ଥ ଯାତ୍ରୀ ଶୁଭାରମ୍ଭ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଜିଲ୍ଲା ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ହରେକୃଷ୍ଣ କିଉନିଆ ଓ ରଞ୍ଜନ ମହାନ୍ତି ଏଥିରେ ସହଯୋଗ କରିଥିଲେ।

## ଯୌତୁକ ନିଷେଧ ଅଧିନିୟମର ଜିଲ୍ଲା ସ୍ତରୀୟ ପ୍ରଶିକ୍ଷଣ ଶିବିର

**ଜଗତସିଂହପୁର, ୧୭।୧ (ନି.ପ୍ର):** ଆଜି ଜଗତସିଂହପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହ ଠାରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଜ୍ୟୋତିଶଙ୍କର ରାୟ ଙ୍କ ଅଧ୍ୟକ୍ଷତା ରେ ଯୌତୁକ ନିଷେଧ ଅଧିନିୟମ ର ଜିଲ୍ଲା ସ୍ତରୀୟ ପ୍ରଶିକ୍ଷଣ ଶିବିର ଆୟୋଜନ କରାଯାଇଥିଲା । ଏହି ଶିବିର ରେ ସମ୍ମାନନୀୟ ଅତିଥି ଭାବେ ମେଡିକାଲ ଅଫିସର ଡ. ବାସନ୍ତୀ ପାଲ, ସହାୟକ ଜିଲ୍ଲାପାଳ ଶ୍ରୀମତୀ ତୃପ୍ତିମୟୀ ପ୍ରଧାନ, ମୁଖ୍ୟ ଆଇନ ସହାୟକ ପ୍ରତିରକ୍ଷା ପରାମର୍ଶ ଦାତା ଭାବେ ଶ୍ରୀ ଉ.ଘ. ଆଚାର୍ଯ୍ୟ ଏବଂ ଝଠଗ ମହାବିଦ୍ୟାଳୟ ର ଅଧ୍ୟାପିକା ଶ୍ରୀମତୀ ଶୁଭଶ୍ରୀ ମହାନ୍ତି ଓ ସଭାପତି ରାଧାକୃଷ୍ଣ କ୍ଲବ ଶ୍ରୀଯୁକ୍ତ ପୂର୍ଣ୍ଣ ଚନ୍ଦ୍ର ମଲ୍ଲ ଉପସ୍ଥିତ ଥିଲେ। ଆଜିର ମୁଖ୍ୟ ବିଷୟ ଯୌତୁକ ପ୍ରଥାର ସମାଜ ଚେତନା ଉପରେ କୁପ୍ରଭାବ ଏବଂ ଏଥି ସହିତ ସଂଯୁକ୍ତ ନ୍ୟାୟିକ ବ୍ୟବସ୍ଥା ଉପରେ ସମସ୍ତେ ନିଜର ମତ ପ୍ରକାଶ କରିଥିଲେ ଓଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରାୟ ସମାଜର ଏହି କୁପ୍ରଥା ଯୋଗୁ ହେଉଥିବା କ୍ଷତି ଏବଂ ନାରୀ ମାନଙ୍କ ପ୍ରତି ନିର୍ଯାତନା ବିଷୟରେ ମତ ପ୍ରଦାନ କରିବା ସହ ନିଜେ ଶିକ୍ଷିତ ଓ ସଚେତନ ହେଲେ ସମାଜ ର ଏହି ବ୍ୟାଧି କୁ ଦୂର



କରିହେବ ବୋଲି କହିଥିଲେ। ସହାୟକ ଜିଲ୍ଲାପାଳ ତୃପ୍ତିମୟୀ ପ୍ରଧାନ କିପରି ଏହି କୁପ୍ରଥା କୁ ଦୁରେଇବାକୁ ଚେଷ୍ଟା କରାଯିବ ତା ଉପରେ ନିଜର ବକ୍ତବ୍ୟ ରଖିଥିଲେ। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ବିଷ୍ଣୁ ପ୍ରିୟା ସେଠୀ ଯୌତୁକ ଦ୍ୱାରା କିଶୋରୀ ବାଳିକା ଏବଂ ମହିଳା ମାନଙ୍କ ଉପରେ ହେଉଥିବା ନିର୍ଯାତନା ଓ ଏହାର ନିରାକରଣ ବିଷୟରେ ମତ ରଖିଥିଲେ। ଅଧ୍ୟାପିକା ଶ୍ରୀମତୀ ମହାନ୍ତି ଶିକ୍ଷା ମାଧ୍ୟମ ରେକିପରି କୁପ୍ରଥା କୁ ସମାଜରୁ ଦୂର କରି ହେବ ସେ ବିଷୟରେ ଆଲୋକ ପ୍ରଦାନ କଲେ। ବରିଷ୍ଠ ଆଇନ ସହାୟକ ସମସ୍ତ ନ୍ୟାୟିକ ବ୍ୟବସ୍ଥା ବିଷୟରେ ବୁଝାଇଲେ ଏବଂ ସରକାର ଓ ଭାରତୀୟ ନ୍ୟାୟ ସଂହିତା ର ଉପଯୁକ୍ତ ପ୍ରାବଧାନ ବିଷୟରେ ଅବଗତ କରାଇଲେ। ଏହି ସଭାରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସ୍ୱାଗତ ଭାଷଣ ଓ ଅତିଥିପରିଚୟ ଦେବା ସହିତ ସଭାକୁ ପରିଚାଳନା କରିଥିଲେ। ସର୍ବ ଶେଷରେ ଉପ ବିଭାଗୀୟ ଅଧିକାରୀ ଶ୍ରୀମତୀ କବିତା ମୁର୍ମୁ ଧନ୍ୟବାଦ ପ୍ରଦାନ କରିଥିଲେ। ଉକ୍ତ ସଭାରେ ସମସ୍ତ ସମନ୍ୱିତ ଶିଶୁ ଓ ମହିଳା ବିକାଶ ଅଧିକାରୀ, ସ୍ୱୟଂ ସହାୟକ ଗୋଷ୍ଠୀ ମା ମାନେ, ମହାବିଦ୍ୟାଳୟ ଛାତ୍ରୀ, , ଶକ୍ତି ସଦନ ର କାର୍ଯ୍ୟକାରୀ ମହିଳା ଏବଂ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଙ୍କ ଅଧୀନରେ ଥିବା ସମସ୍ତ କାର୍ଯ୍ୟକର୍ତ୍ତା ପ୍ରମୁଖ ଉପସ୍ଥିତ ରହି ସଭାକୁ ସଫଳ କରିବାରେ ସହଯୋଗ କରିଥିଲେ। ଶିବିର ର ଫଳ ସ୍ୱରୂପ ସମସ୍ତ ଉପସ୍ଥିତ ବ୍ୟକ୍ତି ନିଜକୁ ଏ କୁପ୍ରଥାରୁ ରୁ ଦୂରେଇ ରଖିବା ଏବଂ ଏଥି ସହିତ ସମସ୍ତଙ୍କୁ ସଚେତନ କରିବାକୁ ନିଷ୍ପତ୍ତି ମଧ୍ୟ ନେଇଥିଲେ।

# ବଲଙ୍ଗା କଲେଜର ବାର୍ଷିକୋତ୍ସବ



**ବଲଙ୍ଗା, ୧୭।୧ (ନି.ପ୍ର):** ଶିକ୍ଷାର ବିକାଶରେ ଦେଶ ଓ ରାଜ୍ୟର ସର୍ବାଙ୍ଗିନ ଉନ୍ନତି ସମ୍ଭବ । ତେଣୁ ଆଗାମୀ ପିଢୀ ଛାତ୍ର ସମାଜ ଏହାର ସାମଗ୍ରୀକ ଉପଯୋଗ ପାଇଁ ଶତତ ଚେଷ୍ଟିତ ହେବା ଆବଶ୍ୟକ। ସେଥିପାଇଁ ସରକାର ଅନେକ ଯୋଜନା ଓ ସହାୟତା ପ୍ରଦାନ ଉପରେ ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି ବୋଲି ବଲଙ୍ଗା କଲେଜର ବାର୍ଷିକ ଉତ୍ସବ ରେ ବକ୍ତାମାନେ ମତାମତ ପ୍ରକାଶ କରିଛନ୍ତି । ଶୁକ୍ରବାର ଦିନ କଲେଜ ପରିସର ରେ ବାର୍ଷିକ ଉତ୍ସବରେ ଜଗସିଂହପୁର ଲୋକସଭା ସାଂସଦ ବିଭୁପ୍ରସାଦ ତରାଇ ଉଦଘାଟକ ଭାବେ ଯୋଗ ଦେଇଥିବା ବେଳେ ପିପିଲି-ଡେଲାଙ୍ଗ ନିର୍ବାଚନ ମଣ୍ଡଳୀର ବିଧାୟକ ଆଶ୍ରିତ ପଟ୍ଟନାୟକ ମୁଖ୍ୟ ବକ୍ତାଭାବେ ଯୋଗଦେଇଥିଲେ। ନିମାପଡା ଅଞ୍ଚଳର ସମାଜସେବୀ ଶ୍ରୀମତୀ ମୀନଲତା ମହାନ୍ତି ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ । କଲେଜ ଅଧ୍ୟକ୍ଷ ପ୍ରଭାତ କୁମାର ସାହୁ ଉତ୍ସବରେ ସଭାପତିତ୍ୱ କରି କଲେଜର ବିଭିନ୍ନ ଅଭାବ ଅସୁବିଧା ସମ୍ପର୍କରେ ଅତିଥିମାନଙ୍କ ଦୃଷ୍ଟିଆକର୍ଷଣ କରିଥିଲେ । କଲେଜର ଚତୁଃପାର୍ଶ୍ୱ ପାଚେରୀ ନିର୍ମାଣ ପାଇଁ ବ୍ୟବସ୍ଥା କରାଯିବ ବୋଲି ବିଧାୟକ ଆଶ୍ରିତ ପଟ୍ଟନାୟକ ପ୍ରତିଶ୍ରୁତି ଦେଇଥିଲେ । ଅତିଥି ମାନଙ୍କ ଦ୍ୱାରା କଲେଜର ସ୍ମରଣିକା ନବପଲ୍ଲବ ଉନ୍ମୋଚନ ହୋଇଥିଲା । କଲେଜରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ପାରଦର୍ଶିତା ଅର୍ଜନ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା । । ଓଡିଆ ବିଭାଗୀୟ ମୁଖ୍ୟ ମିଥୁନ କୁମାର ମଲ୍ଲିକ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ ।

# ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଉଦ୍‌ଘାଟିତ

**କଟକ,୧୭।୧ (ନି.ପ୍ର):** ଚାଷୀମାନେ ସମାଜର ମେରୁଦଣ୍ଡ , ଚାଷୀ ଭାଇ ଭଉଣୀମାନଙ୍କ ପାଇଁ ହିଁ ଆମେ ସମସ୍ତେ ଏଠାରେ ସୁସ୍ଥଭାବେ ଛିଡା ହେଇଛନ୍ତି । କଟକ ବାଲିଯାତ୍ରା ପଡିଆରେ ଆଜି ଉଦଘାଟିତ ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳାରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଚୌଦ୍ୱାର,କଟକ ବିଧାୟକ ଶ୍ରୀଯୁକ୍ତ ସୌଭିକ ବିଶ୍ୱାଳ ଏହା କହିବା ସହିତ ସରକାରଙ୍କ ବିଭିନ୍ନ ଯୋଜନା କିଭଳି ଭାବେ ଲୋକମାନେ ଠିକ ରୂପେ ପାଇପାରିବେ ସେ ଉପରେ ବିଭାଗୀୟ କର୍ମଚାରୀ ମାନଙ୍କୁ ଯତ୍ନବାନ ହେବାକୁ କହିଥିଲେ। ଜିଲ୍ଲାପାଳ ଶ୍ରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଏହି ମେଳାରେ ଯୋଗ ଦେଇ,ଏହି ମେଳାରୁ ପଶୁପାଳନ ଓ ମତ୍ସ୍ୟ ଚାଷ ପାଇଁ ଇଚ୍ଛୁକ ଚାଷୀମାନେ ଉନ୍ନତ ଜ୍ଞାନକୌଶଳ ଶିକ୍ଷା ଲାଭ




କରିବାକୁ ପରାମର୍ଶ ଦେଇଥିଲେ। ଦୁଇ ଦିନ ପାଇଁ ଚାଲିବାକୁ ଥିବା ଏହି ମେଳାରେ ବିଭିନ୍ନ ପ୍ରକାରର ଉନ୍ନତ ଚାଷ ପ୍ରଣାଳୀ, ମତ୍ସ୍ୟ ଓ ପଶୁଖାଦ୍ୟ ଆଦି ଉପରେ ଷ୍ଟଲ ଖୋଲିଛି। ଏହି ମେଳାରେ ବିଧାୟକ ଶ୍ରୀଯୁକ୍ତ ସୌଭିକ ବିଶ୍ୱାଳ ବିଭିନ୍ନ ଯୋଜନାରେ ସଫଳ ଚାଷୀ ମାନଙ୍କୁ ପୁରସ୍କୃତ କରିବା ସହ ପୁରସ୍କାର ରାଶି ପ୍ରଦାନ କରିଥିଲେ। ଏହି ଅବସରରେ ଉପସ୍ଥିତ ବୈଜ୍ଞାନିକ ଓ ଚାଷୀମାନଙ୍କ ମଧ୍ୟରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ହୋଇଥିଲା । ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ସୁଶାନ୍ତ ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ସଭାରେ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ,ଜିଲ୍ଲା ପରିଷଦ ଶ୍ରୀ ଆଶିଷ କୁମାର ସାହୁ, ଅତିରିକ୍ତ ନିର୍ଦ୍ଦେଶକ ମତ୍ସ୍ୟ ନିର୍ଦ୍ଦେଶାଳୟ କଟକ ମୁରଲୀଧର ଜେନା, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ କମଳକାନ୍ତ ପାଣିଗ୍ରାହୀ, ଅତିରିକ୍ତ ନିର୍ଦ୍ଦେଶକ ପ୍ରାଣୀ ପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶାଳୟ ଡ. ସତ୍ୟ ରଞ୍ଜନ ରାଉତ, ସାଂସଦ ଜଗତସିଂହପୁର କଟକ ଜିଲ୍ଲା ପ୍ରତିନିଧି ବନ୍ଧୁ ଚରଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ମତ୍ସ୍ୟ ଅଧିକାରୀ ଶ୍ରୀମତୀ ବବିତା ମହନ୍ତ ଧନ୍ୟବାଦ ଅର୍ପଣ କରିବା ସହ ସଭା ସାଙ୍ଗ କରିଥିଲେ।

## ବେଆଇନ ବାଲି ବୋଝେଇ ହାଇୱା ଜବତ

**ଖଣ୍ଡପଡ଼ା, ୧୭।୧ (ନିପ୍ର):** ଖଣ୍ଡପଡ଼ା ବ୍ଲକ ଅଧୀନ ବିଭିନ୍ନ ଘାଟରୁ ବେଆଇନ ବାଲି ଚାଲାଣ ଏବେ ସ୍ଥାନୀୟ ପ୍ରଶାସନର ଚିନ୍ତା ବଢାଇଥିବା ନେଇ ସୂଚନା ମିଳିଛି। ଗତକାଲି ମହାନଦୀ ଘାଟରୁ ବେଆଇନ ବାଲି ଚାଲାଣ କରୁଥିବା ଏକ ହାଇୱାକୁ ଜବତ କରିଛି ସ୍ଥାନୀୟ ପୁଲିସ। ଖଣ୍ଡପଡ଼ା ଦେଇ ନୟାଗଡ ଅଭିମୁଖେ



ଯାଉଥିବା ଏହି ବାଲି ବୋଝେଇ ହାଇୱା ଗାଡିକୁ ବାଇପାସ ଠାରେ ଜବତ କରିଛନ୍ତି ଥାନାଧିକାରୀ କୃତିବାସ ହରିଚନ୍ଦନ। ଅନ୍ୟପକ୍ଷରେ ଜବତ ବାଲି ବୋଝେଇ ଗାଡିକୁ ସ୍ଥାନୀୟ ପୁଲିସ ଥାନା ସମ୍ମୁଖରେ ରଖିଥିବା ସୂଚନା ମିଳିଛି। ଘଟଣାରେ ସମ୍ପୃକ୍ତ ଗାଡି ଡ୍ରାଇଭରକୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିଥିବା ଥାନାଧିକାରୀ ଶ୍ରୀ ହରିଚନ୍ଦନଙ୍କ ଠାରୁ ଜଣାପଡିଛି।

## ଜିଲ୍ଲାସ୍ତରୀୟ ପିଏମ୍ ଶ୍ରୀ ଉତ୍ସବ ଉଦଘାଟିତ




**କଟକ, ୧୭।୧ (ନି.ପ୍ର):** କଟକ ଜିଲ୍ଲାସ୍ତରୀୟ ପି ଏମ୍ ଶ୍ରୀ ଉତ୍ସବ ଆଜି ପୋଲିସ୍ ହାଇସ୍କୁଲ ପରିସରରେ ଉଦଘାଟିତ ହୋଇଯାଇଛି। ଜିଲ୍ଲାପାଳ ଶ୍ରୀ ଦତାତ୍ରୟ ଭାଉସାହେବ ଶିନ୍ଦେ ଉତ୍ସବକୁ ଉଦଘାଟନ କରି ପ୍ରତିଟି ଛାତ୍ରଛାତ୍ରୀଙ୍କ ସାମଗ୍ରିକ ବିକାଶ ଦିଗରେ ଉଦ୍ୟମ କରିବାକୁ ଆହ୍ୱାନ କରିଛନ୍ତି। ଶିକ୍ଷା କେବଳ ପାଠପଢାରେ ସୀମିତ ନରହି ଖେଳକୁଦ, କଳା, ସଂସ୍କୃତି, ଚିତ୍ରାଙ୍କନ ତଥା ନିଜ ପସନ୍ଦର ସଉକକୁ ନେଇ ଆଗକୁ ବଢିବା ଦିଗରେ ବିସ୍ତାର ଲାଭ କରିବା ଆବଶ୍ୟକ। ସମାଜରେ ସମ୍ମାନର ସହ ଆଗକୁ ବଢିବାରେ ଶିକ୍ଷାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ପିଏମଶ୍ରୀ ଉତ୍ସବରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଯୋଗଦେଇ ସେମାନଙ୍କର ପ୍ରତିଭାର ପ୍ରଦର୍ଶନ କରିଛନ୍ତି। ଏହି ଅବସରରେ ବିଭିନ୍ନ ପ୍ରତିଯୋଗୀତା କରାଯିବା ସହ, ବିଜ୍ଞାନ ମେଳା, ସାହିତ୍ୟ ଆସର, ବଜାର ମାଧ୍ୟମରେ ବିକ୍ରିବଟା ଓ ପିଲାଙ୍କ ହାତତିହାରି ସାମଗ୍ରୀ ପ୍ରଦର୍ଶନୀ ଓ ବିକ୍ରୟ କରାଯାଇଥିଲା। ଜିଲ୍ଲାପାଳ ବିଜ୍ଞାନ ପ୍ରତିଯୋଗୀତାରେ ଭାଗ ନେଇଥିବା ଛାତ୍ରଛାତ୍ରୀ ମାନଙ୍କ ସହ ଆଲୋଚନା କରିବା ସହ ସେମାନେ ପ୍ରସ୍ତୁତ କରିଥିବା ପ୍ରକଳ୍ପ ସମ୍ବନ୍ଧରେ ପଚାରି ବୁଝିବା ସହ ପିଲାଙ୍କ ହାତତିଆରି ସାମଗ୍ରୀ କ୍ରୟ କରିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ଉନ୍ନୟନ) ଡଃ ଇପସିତା ପ୍ରିୟଦର୍ଶନୀ ମିଶ୍ର, ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ନିତ୍ୟାନନ୍ଦ ବାରିକ, ଅତରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ମନୋରଞ୍ଜନ ବାରିକ, ଶ୍ରୀମତୀ ଅଭିଜିତା ଭାସ୍କର, ଶ୍ରୀ ସନ୍ତୋଷ କୁମାର ସେଠୀ, ପ୍ରଧାନ ଶିକ୍ଷକ ଓଡ଼ିଶା ପୋଲିସ୍ ହାଇସ୍କୁଲ, ଶ୍ରୀମତୀ ସୁଜାତା ବେହେରା, ପଂଚସଖା ଶିକ୍ଷା ସେତୁ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ଆଦିତ୍ୟ ଚୌଧୁରୀ, ଜିଲ୍ଲା ନୋଡାଲ ଅଧିକାରୀ ଶ୍ରୀ ବିଭୂଦତ ବେହେରା, ଜିଲ୍ଲା ବିଜ୍ଞାନ ପରିଦର୍ଶକ ଶ୍ରୀମତୀ ସାଗରିକା ରାଉତ, ପଂଚସଖା ଶିକ୍ଷା ସେତୁ ପ୍ରକଳ୍ପ ଅଧିକାରୀ, ଶ୍ରୀଯୁକ୍ତ ପ୍ରକାଶ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

